

ଯା ଦେବୀ ସର୍ବଭୂତେଷୁ...........


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୨ ଫେବୃଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 12 FEBRUARY 2024
Vol.No. 35 ■ No.42 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ପାକିସ୍ତାନରେ କିଏ କରିବ ସରକାର ?

## ■କୌଣସି ଦଳ ସଂଖ୍ୟା ଗରିଷ୍ଠତା ହାସଲ କରିନଥିବାରୁ ବଢ଼ୁଛି ଦ୍ୱନ୍ଦ୍ୱ
## ■ମେଣ୍ଟ ସରକାର ଗଢ଼ିବାକୁ ନୱାଜ ସରିଫ ଓ ବିଲାୱଲ ଭୁଟୋ ଏକାଠି




ନୂଆଦିଲ୍ଲୀ, ୧୧/୨ : ପାକିସ୍ତାନରେ ନିର୍ବାଚନ ସରିବାର ତିନି ଦିନ ବିତିଲାଣି କିନ୍ତୁ କିଏ ସରକାର ଗଢ଼ିବ ତାକୁ ନେଇ ଏବେବି ଦ୍ୱନ୍ଦ୍ୱ ଲାଗିରହିଛି । ନିର୍ବାଚନ ଫଳାଫଳ ଆସିବା ପରଠୁ ରାଜନୈତିକ ସଙ୍କଟ ଦେଖା ଦେଇଛି । ଉଭୟ ନୱାଜ ସରିଫଙ୍କ ପାକିସ୍ତାନ ମୁସଲିମ୍ ଲିଗ୍ ଦଳ ଏବଂ ଇମ୍ରାନ ଖାନଙ୍କ ତେହେରିକ-ଏ-ଇନସାଫ ବା ପିଟିଆଇ ଦଳ ସରକାର ଗଢ଼ିବାକୁ ଦାବି କରିଛନ୍ତି ।

ପାକିସ୍ତାନରେ ମୋଟ ୨୬୫ ଆସନରୁ ୨୫୭ ଆସନର ଫଳାଫଳ ଆସିଛି । ଆହୁରୀ ୮ଟି ଆସନର ଫଳାଫଳ ଆସିବାର ଅଛି । ସେଥିରୁ ପିଟିଆଇ ସର୍ବାଧିକ ୧୦୨ ଆସନ ଜିତିଥିବା ବେଳେ ପାକିସ୍ତାନ ମୁସଲିମ୍ ଲିଗ୍ ୭୩ଟି ଏବଂ ପାକିସ୍ତାନ ପିପୁଲ୍ସ ପାର୍ଟି ୫୪ଟି ଆସନରେ ବିଜୟୀ ହୋଇଛନ୍ତି । କୌଣସି ଦଳ ସଂଖ୍ୟା ଗରିଷ୍ଠତା ହାସଲ କରିନଥିବା ବେଳେ ସରକାର ଗଢ଼ିବାକୁ ହାତ ମିଳାଇଛନ୍ତି ପାକିସ୍ତାନ ମୁସଲିମ୍ ଲିଗ୍ ଏବଂ ପାକିସ୍ତାନ ପିପୁଲ୍ସ ପାର୍ଟି । ହେଲେ ଉଭୟଙ୍କ ଆସନ ସଂଖ୍ୟା ମ୍ୟାଜିକ ନମ୍ବରଠୁ ପଛରେ ରହିଯାଇଛି । ସରକାର ଗଢ଼ିବାକୁ ୧୩୪ ଆସନର ଆବଶ୍ୟକତା ଥିବା ବେଳେ ସେମାନଙ୍କୁ ଆଉ ୭ ଆସନର ଆବଶ୍ୟକତା ରହିଛି । ସେପଟେ ପିଟିଆଇକୁ ସରକାର ଗଢ଼ିବାକୁ ଆଉ ୩୧ ଆସନର ଆବଶ୍ୟକତା ରହିଛି ।

ଯେହେତୁ ପାକିସ୍ତାନ ମୁସଲିମ୍ ଲିଗକୁ ପାକିସ୍ତାନ ଆର୍ମିର ସମର୍ଥନ ରହିଛି ତେଣୁ ସେମାନେ ସରକାର ଗଢ଼ିବାର ଅଧିକ ସୁଯୋଗ ରହିଛି । କିନ୍ତୁ ଏହି ତିନି ଦଳଙ୍କୁ ଛାଡି ୩୬ ଆସନରେ ବଜୟୀ ହୋଇଥିବା ସ୍ୱାଧୀନ ଏବଂ ଛୋଟ ଦଳଗୁଡିକର ପ୍ରାର୍ଥୀ ନିର୍ଣ୍ଣାୟକ ଭୂମିକା ନିଭାଇପାରନ୍ତି । ସେପଟେ ୮ ଟି ଆସନରେ ଫଳାଫଳ ଆସିବାର ଅଛି । ତେବେ ରାଷ୍ଟ୍ରପତି ପ୍ରଥମେ କେଉଁ ଦଳକୁ ସରକାର ଗଢ଼ିବାକୁ ନିମନ୍ତ୍ରଣ କରିବେ ତାହା ଉପରେ ସମସ୍ତଙ୍କର ନଜର ରହିଛି । ଏହାରି ଭିତରେ ଇମ୍ରାନଙ୍କ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚନରେ ହେରଫେର କରାଯାଇଥିବା ଅଭିଯୋଗ ଆଣି କୋର୍ଟ ଯାଇଛନ୍ତି । ସେପଟେ ଜେଲରେ ଥିବା ଇମ୍ରାନ ଖାନଙ୍କୁ ୧୩ଟି ମାମଲାରେ କୋର୍ଟ ଜାମିନ ପ୍ରଦାନ କରିଛନ୍ତି । ଆର୍ଥିକ ସଙ୍କଟରେ ଫସିଥିବା ପାକିସ୍ତାନର ରାଜୈନିତ ସଙ୍କଟ ଦେଶବାସୀଙ୍କୁ ଚିନ୍ତାରେ ପକାଇଦେଇଛି ।

# କେନ୍ଦୁପତ୍ର ତୋଳାଳିଙ୍କ ବୋନସ୍ ବୃଦ୍ଧି କଲେ ରାଜ୍ୟ ସରକାର



ସମ୍ବଲପୁର, ୧୧/୨ (ନି.ପ୍ର): ବଢ଼ିଲା କେନ୍ଦୁପତ୍ର ତୋଳାଳିଙ୍କ ବୋନସ୍ । ବୋନସକୁ ୨୫ ପ୍ରତିଶତରୁ ୫୦ ପ୍ରତିଶତକୁ ବୃଦ୍ଧି କରାଗଲା । ଏଥିରେ ଉପକୃତ ହେବେ ୮ ଲକ୍ଷ ୫୦ ହଜାର ତୋଳାଳି । ଏଥିପାଇଁ ୯୮ କୋଟି ଟଙ୍କା ମଞ୍ଜୁର କରିଛନ୍ତି ମୁଖ୍ୟମନ୍ତ୍ରୀ । ଏହାସହ କେନ୍ଦୁପତ୍ର ବନ୍ଧାଳି ଓ ସିଜନାଲ କର୍ମଚାରୀଙ୍କୁ ପ୍ରୋତ୍ସାହନ ରାଶିକୁ ମଧ୍ୟ ରାଜ୍ୟ ସରକାର ବଢାଇଛନ୍ତି । ଏହାକୁ ୨ ଗୁଣା ବୃଦ୍ଧି କରାଯାଇଛି । ସମ୍ବଲପୁର ଜିଲ୍ଲା ଚାରମାଲଠାରେ ଆୟୋଜିତ କେନ୍ଦୁପତ୍ର କର୍ମଚାରୀ ସଂଘର ମହାସମାବେଶରେ ଏହା ଘୋଷଣା କରିଛନ୍ତି ୫ଟି ଅଧକ୍ଷ । ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଚାରମାଳରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ମହାସମାବେଶରେ ପଶ୍ଚିମ ଓଡ଼ିଶାର ୧୧ଟି ଜିଲ୍ଲାର କେନ୍ଦୁପତ୍ର ତୋଳାଳି, ବନ୍ଧାଳି, ସିଜନାଲ କର୍ମଚାରୀ ଶ୍ରମିକ ଯୋଗଦେଇଛନ୍ତି । ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ମହାସମାବେଶରେ ସାମିଲ ହୋଇଛନ୍ତି । ୫ଟି ଅଧକ୍ଷ ଭି.କେ ପାଣ୍ଡିଆନ୍ ମଧ୍ୟ ଯୋଗ ଦେଇଛନ୍ତି । ସବୁଜ ହୀରା କେନ୍ଦୁପତ୍ର ରାଜ୍ୟର ୧୫ ଲକ୍ଷରୁ ଅଧିକ ଗରିବ ଲୋକଙ୍କୁ ରୋଜଗାର ଯୋଗାଉଛି । ରାଜ୍ୟର ୩୦ଟି ଜିଲ୍ଲାରୁ ୮ଟିକୁ ଛାଡିଦେଲେ ୨୨ଟି ଜିଲ୍ଲାର ବହୁ ସଂଖ୍ୟକ ଗରିବ ପରିବାର କେନ୍ଦୁପତ୍ର ଉପରେ ନିର୍ଭର କରିଥାନ୍ତି । ଅନ୍ୟପଟେ ଏହାକୁ ନେଇ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି ବିରୋଧୀ । ପଦ୍ମପୁରର ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ କହିଛନ୍ତି ନବୀନ ସରକାର ଓଡ଼ିଶାର ଲକ୍ଷ ଲକ୍ଷ ଶ୍ରମିକଙ୍କ ସହ ବିଶ୍ୱାସଘାତକତା କରିଛନ୍ତି । ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି ପଶ୍ଚିମ ଓଡ଼ିଶାକୁ ନବୀନ ସରକାର ସବୁବେଳେ ଅଣଦେଖା କରୁଛନ୍ତି । ନିର୍ବାଚନ ଆସିଲେ ସରକାରଙ୍କ କେନ୍ଦୁପତ୍ର ତୋଳାଳିଙ୍କ କଥା ମନେପଡ଼େ ବୋଲି କହିଛନ୍ତି ।

## ବିଜେପି ସରକାରକୁ ଆସିଲେ ଭତ୍ତା ୩ ହଜାର

ଭୁବନେଶ୍ୱର, ୧୧/୨ (ନି.ପ୍ର): ବିଜେପି ସରକାରକୁ ଆସିଲେ ବାର୍ଦ୍ଧକ୍ୟ ଭତ୍ତା ୩ ହଜାର ଟଙ୍କା ପ୍ରଦାନ କରାଯିବ । ଗତକାଲି ରାଜ୍ୟ ସରକାରଙ୍କ ଭତ୍ତା ବୃଦ୍ଧି ଘୋଷଣାକୁ ଲଲିପପ କହିଛି ବିଜେପି । ଦଳର ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ୫ ବର୍ଷ ଲୋକେ ଛଟପଟ ହୁଅନ୍ତି କିନ୍ତି ନିର୍ବାଚନର ମାସେ ୧୫ ଦିନ ପୂର୍ବରୁ ସରକାର ଘୋଷଣା କରନ୍ତି । ଏହା ନବୀନ ସରକାରଙ୍କର କାର୍ଯ୍ୟପଦ୍ଧତି । ଏମାନଙ୍କ କୌଣସି ଆନ୍ତରିକତା ନାହିଁ । ବିଜେପି କ୍ଷମତାକୁ ଆସିଲେ ଭତ୍ତା ୫ ଶହରୁ ୩ ହଜାରକୁ ବୃଦ୍ଧି ହେବ । ସେପଟେ କଂଗ୍ରେସ ମଧ୍ୟ ଭତ୍ତା ବୃଦ୍ଧିକୁ ନେଇ ପ୍ରତିକ୍ରିୟା ରଖିଛି । ପିସିସି ସଭାପତି କହିଛନ୍ତି ଦଳ ସରକାରକୁ ଆସିଲେ ଆମେ ଭତ୍ତା ବୃଦ୍ଧି କରିବୁ । ଏନେଇ ବିଜେଡିର ପ୍ରତିକ୍ରିୟା ମିଳିପାରିନାହିଁ ।

# ପୃଥକ ପୃଥକ ସଡ଼କ ଦୁର୍ଘଟଣା: ୯ ମୃତ



କଳାହାଣ୍ଡି/ ଝାରସୁଗୁଡ଼ା: ଚାଷ କାମ ସାରି ଘରକୁ ଫେରୁଥିବା ବେଳେ ମଝି ରାସ୍ତାରେ ଓଲଟି ପଡ଼ିଲା ପିକ୍ଅପ୍ ଭ୍ୟାନ୍ । ଯାହାଫଳରେ ୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୫ରୁ ଅଧିକ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି । ଆଜି ସନ୍ଧ୍ୟା ବେଳେ ଏପରି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଡୋକରିପଡା ଛକରେ ଘଟିଛି । ସ୍ଥାନୀୟ ଲୋକ, ପୁଲିସ୍ ଓ ଅଗ୍ନିଶମ କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି । ଦୁର୍ଘଟଣା ଘଟାଇଥିବା ପିକ୍ଅପ୍‌ରେ ୬୦ ଜଣ ଶ୍ରମିକ ଥିଲେ । ସେଥିରେ ଅଧିକାଂଶ ମହିଳା । ବର୍ତ୍ତମାନ ତାଳୁ ଧାନ ଚାଷ ହେଉଛି । ତେଣୁ ତଳି ରୋଇବା ପାଇଁ ଜୁନାଗଡ଼ ଥାନା ଆଟିଗାଁ ଓ ମିଚା ଗାଁର ୬୦ ଜଣ ଶ୍ରମିକ ଏକ ପିକ୍ଅପ୍ ଭ୍ୟାନ୍‌ରେ ଗୋଲାମୁଣ୍ଡା ବ୍ଲକ ବୋରଗୁଡ଼ା ଗ୍ରାମକୁ କାମ କରିବାକୁ ଆସିଥିଲେ । ଦିନ ସାରା କାମ କରିବା ପରେ ସନ୍ଧ୍ୟା ବେଳେ ▶▶ପୃଷ୍ଠା ୭

# ଓଡ଼ିଶାରେ ଏଥର ନିଶ୍ଚିତ ସରକାର ଗଠନ କରିବ ବିଜେପି




ଭୁବନେଶ୍ୱର, ୧୧/୨ (ନି.ପ୍ର): ଓଡ଼ିଶାରେ ଏଥର ନିଶ୍ଚିତ ସରକାର ଗଠନ କରିବ ବିଜେପି । ଏନେଇ ଦୃଢୋକ୍ତି ପ୍ରକାଶ କରିଛନ୍ତି ବିଜେପିର ନିର୍ବାଚନ ପ୍ରଭାରୀ ବିଜୟ ପାଲ ସିଂ ତୋମାର ଓ ସହ ପ୍ରଭାରୀ ଲତା ଉସେଣ୍ଡି । ନିର୍ବାଚନ ପ୍ରଭାରୀ ବିଜୟ ପାଲ ସିଂ ତୋମାର କହିଛନ୍ତି ଓଡ଼ିଶାରେ ହେବ ଡବଲ ଇଞ୍ଜିନ ସରକାର । ୮୦ରୁ ଅଧିକ ବିଧାୟକ ଜିତିକି ଆସିବେ ଏବଂ ଲୋକସଭାରେ ୧୬ ରୁ ଅଧିକ ସାଂସଦ ଜିତିକି ଆସିବେ । ସେହିପରି ସହ ପ୍ରଭାରୀ ଲତା ଉସେଣ୍ଡି କହିଛନ୍ତି, ଜଗନ୍ନାଥଙ୍କ ଭୂମିକୁ ଆସି ବହୁତ ଖୁସି ଲାଗୁଛି । ଜଗନ୍ନାଥଙ୍କ ଭୂମିରେ ଏଥର ବିଜେପିର ହିଁ ସରକାର ହେବ । ସମଗ୍ର ଦେଶରେ ନରେନ୍ଦ୍ର ମୋଦି ଜୀ'ଙ୍କ ନେତୃତ୍ୱରେ ମହିଳାଙ୍କ ବହୁତ ବିକାଶ ମୂଳକ କାର୍ଯ୍ୟ ହୋଇଛି । ମହିଳାମାନେ ଆମ ସହିତ ଅଛନ୍ତି । ଓଡ଼ିଶାରେ ମଧ୍ୟ ବିଜେପି ସରକାର ଆଣିବାରେ ମହିଳାମାନଙ୍କର ସବୁଠୁ ବଡ଼ ଅବଦାନ ରହିବ । ବିଜେପି ଓଡ଼ିଶାରେ ଏକାକୀ ଲଢ଼ିବ ଓ ସରକାର ଗଢ଼ିବା ପାଇଁ ଲଢ଼ିବ । ରାମ ମନ୍ଦିର ପ୍ରଭାବ ଓଡିଶାରେ ମଧ୍ୟ ପଡିବ । ଆମେ ଏଠି ସରକାର ଗଢ଼ିବାରେ ସମର୍ଥ ହେବୁ ବୋଲି ଲତା ଉସେଣ୍ଡି କହିଛନ୍ତି । ବିଜେପିର ନିର୍ବାଚନ ପ୍ରଭାରୀ ▶▶ପୃଷ୍ଠା ୭

# ବିଶିଷ୍ଟ ସାହିତ୍ୟିକ ସାତକଡ଼ି ହୋତାଙ୍କ ପରଲୋକ



ଭୁବନେଶ୍ୱର, ୧୧/୨ (ନି.ପ୍ର): ବିଶିଷ୍ଟ ସାହିତ୍ୟିକ, ପ୍ରଶାସକ ତଥା 'ସମୟ' ଖବର କାଗଜର ମୁଖ୍ୟ ସମ୍ପାଦକ ସାତକଡ଼ି ହୋତାଙ୍କର ଆଜି ପରଲୋକ ହୋଇଯାଇଛି । ଭୁବନେଶ୍ୱରର ନୟାପଲ୍ଲୀ ସ୍ଥିତ ତାଙ୍କ ବାଡ଼ ଝିଅଙ୍କ ଘରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୯୫ ବର୍ଷ ହୋଇଥିଲା । ଦୁଇ ଦିନ ତଳୁ ସାତକଡ଼ି ହୋତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା । ସେ ଖାଇବା ଛାଡ଼ି ଦେଇଥିଲେ । ଆଜି ସକାଳେ ସେ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥିଲେ । ଆଉ ଦିନ ୧୨ଟା ୨୫ ମିନିଟ୍‌ରେ ତାଙ୍କର ଦେହାନ୍ତ ହୋଇଥିଲା । ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଦୁଇ ପୁଅ ଓ ଦୁଇ ଝିଅଙ୍କ ସମେତ ଅନ୍ୟ ସଂପର୍କୀୟମାନେ ଉପସ୍ଥିତ ଥିଲେ । ତାଙ୍କ ମଝିଆଁ ପୁଅ ଚେନ୍ନାଇରୁ ଆସିବା ପରେ ଆଜି ▶▶ପୃଷ୍ଠା ୭

## ରାଜ ଶ୍ମଶାନରେ ଜଳିଲା ରାଣୀ ମାତାଙ୍କର ଜୁଇ

ଭୁବନେଶ୍ୱର, ୧୧/୨ (ନି.ପ୍ର): ପଞ୍ଚଭୂତରେ ବିଲୀନ ହେଲା ଖଲିକୋଟର ରାଣୀ ମାଆ ସୁଜ୍ଞାନ କୁମାରୀ ଦେଓଙ୍କ ପାର୍ଥୀବ ଶରୀର । ଖଲିକୋଟ ରାଜପରିବାର ଶ୍ମଶାନରେ ହିନ୍ଦୁ ରାଜକୀୟ ରୀତିନୀତିରେ ତାଙ୍କୁ ଅନ୍ତିମ ବିଦାୟ ଜଣାଇଛନ୍ତି ଶତାଧିକ ପ୍ରଶଂସକ, ଶୁଭେଚ୍ଛୁ ଏବଂ ଖଲିକୋଟ ଲୋକେ । ଲୁହରେ ସତେ ଯେମିତି ଆଜି ଭାସିଛି ଖଲିକୋଟ । ରାଷ୍ଟ୍ରୀୟ ମର୍ଯ୍ୟାଦାରେ ରାଣୀ ମାଆଙ୍କୁ ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯାଉଥିବା ବେଳେ ଶୋକାକୁଳ ହୋଇପଡ଼ିଥିଲା ସମ୍ପୂର୍ଣ୍ଣ ଅଞ୍ଚଳ । କିଏ ନିଜ ପ୍ରିୟର ରାଣୀ ମାଆଙ୍କୁ ହରାଇଛି, କିଏ ନିଜ ନେତା ତ ପୁଣି କିଏ ନିଜ ଅଞ୍ଚଳର ଗୌରବକୁ ହରାଇ ଥିବାରୁ ଏବେ ମ୍ରିୟମାଣ ହୋଇପଡ଼ିଛନ୍ତି । ସୁଜ୍ଞାନଙ୍କ ମରଶରୀରକୁ ରମ୍ଭା ପ୍ୟାଲେସରୁ ଆଜି ଖଲିକୋଟ ସହରରେ ପରିକ୍ରମା କରାଯାଇଥିଲା । ଏହି ସମୟରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଲୋକେ ଶେଷ ଦର୍ଶନ କରିବାକୁ ଅପେକ୍ଷା କରିଥିଲେ ।

# ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ ବାସଭବନ ଘେରାଉ କରିବେ କୃଷକ: ଦିଲ୍ଲୀରେ ହାଇ ଆଲର୍ଟ



ନୂଆଦିଲ୍ଲୀ, ୧୧/୨ : ପୁଣି ଥରେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଅଣ୍ଟା ଭିଡିଛନ୍ତି କୃଷକ । ପଞ୍ଜାବ ଓ ହରିୟାଣାର ପ୍ରାୟ ୨୩ କୃଷକ ସଂଗଠନ ଏମଏସପି ଉପରେ ଆଇନଗତ ଗ୍ୟାରେଣ୍ଟି ତଥା ଏମଏସ ସ୍ୱାମୀନାଥନ ଆୟୋଗର ସୁପାରିଶକୁ କାର୍ଯ୍ୟକାରୀ କରିବାକୁ ଦାବି କରି ଆସନ୍ତା ୧୩ ତାରିଖରେ ଦିଲ୍ଲୀ ଚଲୋ ଡାକରା ଦେଇଛନ୍ତି । କୃଷକମାନେ ଟ୍ରାକ୍ଟର ରାଲି କରିବେ ବୋଲି ଏକ ଗୁପ୍ତ ରିପୋର୍ଟରୁ ଜଣାପଡିଛି । ଶହ ଶହ ଟ୍ରାକ୍ଟର ଧରି ଦିଲ୍ଲୀରେ ପ୍ରବେଶ କରିବେ କୃଷକ । ଏଥିପାଇଁ ବହୁ ଦିନ ଆଗରୁ ସେମାନଙ୍କ ରିହର୍ସାଲ ମଧ୍ୟ ସରିଛି । କୃଷକ ଆନ୍ଦୋଳନକୁ ଦୃଷ୍ଟିରେ ରଖି ଦିଲ୍ଲୀରେ ହାଇ ଆଲର୍ଟ ଜାରି ହୋଇଛି । ଦିଲ୍ଲୀ ପୁଲିସ ମଧ୍ୟ କୃଷକଙ୍କୁ ଅଟକାଇବା ପାଇଁ ଅଣ୍ଟା ଭିଡିଛି । ଦିଲ୍ଲୀ ସୀମାରେ ପ୍ରବେଶ କରିବା ପୂର୍ବରୁ ହଜାର ହଜାର ଚାଷୀଙ୍କୁ ଅଟକାଇବାକୁ ଦିଲ୍ଲୀ ପୋଲିସ ଚେଷ୍ଟା ଚଳାଇଛି । ଏଥିପାଇଁ ପୁଲିସ ଫେନସିଂ, କଣ୍ଟେନର ଏବଂ କ୍ରେନ୍ର ସହାୟତା ନେଇଛି । ଦିଲ୍ଲୀ ସୀମା ନିକଟରେ କଣ୍ଟା ମଧ୍ୟ ବିଛାଇଛି ପୁଲିସ । ଆବଶ୍ୟକ ପଡିଲେ ତାରବାଡ଼ ମଧ୍ୟ ବନ୍ଧା ଯିବ ବୋଲି ସୂଚନା ମିଳିଛି । ଯଦି କୃଷକମାନେ କୌଣସି ପ୍ରକାରେ ହରିୟାଣା ଏବଂ ପଞ୍ଜାବ ପାର ହୋଇ ଦିଲ୍ଲୀ ସୀମାରେ ପ୍ରବେଶ କରିବାକୁ ଚେଷ୍ଟା କରନ୍ତି, ତେବେ କ୍ରେନ୍ ଏବଂ କଣ୍ଟେନର୍‌ରେ ସୀମାକୁ ସିଲ୍ କରି ପୁଲିସ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିବ । କୃଷକଙ୍କୁ କିଭଳି ଅଟକାଯିବ ସେଥିପାଇଁ ଦିଲ୍ଲୀ ପୁଲିସ ମକଡ୍ରିଲ କରିଛି । କେବଳ ଏତିକି ନୁହେଁ, ଏକ ଗୁଇନ୍ଦା ସୂଚନାରୁ ଜଣାପଡିଛି ଯେ, କିଛି କୃଷକ ଲୁଚି ଛପି ଆସି ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ, କୃଷି ମନ୍ତ୍ରୀ ଏବଂ ବିଜେପିର ବଡ଼ ନେତାଙ୍କ ଘର ବାହାରେ ବିରୋଧ କରିବାକୁ ଯୋଜନା କରୁଛନ୍ତି । ଦିଲ୍ଲୀରେ ପ୍ରବେଶ କରିବା ପାଇଁ କୃଷକମାନେ ଶିଶୁ ଏବଂ ମହିଳାଙ୍କ ସାହାଯ୍ୟ ନେଇପାରନ୍ତି । ଏଥିପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ସମସ୍ତ ମନ୍ତ୍ରୀ ଓ ନେତାଙ୍କ ବାସଭବନ ଆଗରେ ବ୍ୟାପକ ପୁଲିସ ମୁତୟନ କରାଯାଇଛି । ଏହି ଆନ୍ଦୋଳନ ପାଇଁ ୨୦୦୦ ରୁ ୨୫୦୦ ଟ୍ରାକ୍ଟର ସହିତ ୧୫ରୁ ୨୦ହଜାର କୃଷକ ଦିଲ୍ଲୀ ଆସିପାରନ୍ତି । ପଞ୍ଜାବ, ହରିୟାଣା ସମେତ ରାଜସ୍ଥାନ, ଉତ୍ତରପ୍ରଦେଶ, କେରଳ ଏବଂ କର୍ଣ୍ଣାଟକର କୃଷକମାନେ ଏହି ଆନ୍ଦୋଳନ ସାମିଲ ହେବେ ବୋଲି ମଧ୍ୟ କୁହାଯାଉଛି । ସୂଚନାଯୋଗ୍ୟ ଯେ ଶେଷ ଥର ପାଇଁ ୨୬ ନଭେମ୍ବର ୨୦୨୦ ରୁ ୯ ଡିସେମ୍ବର ୨୦୨୧ ପର୍ଯ୍ୟନ୍ତ ଚାଷୀଙ୍କ ଆନ୍ଦୋଳନ ଚାଲିଥିଲା ।

# ୭ ରାଜ୍ୟ ପାଇଁ ବିଜେପି ଘୋଷଣା କଲା ୧୪ ରାଜ୍ୟସଭା ପ୍ରାର୍ଥୀଙ୍କ ନାଁ



ନୂଆଦିଲ୍ଲୀ, ୧୧/୨ : ପାଖେଇ ଆସୁଛି ରାଜ୍ୟସଭା ନିର୍ବାଚନ । ତା' ପୂର୍ବରୁ ଗୋଟି ଗୋଟି କରି ବିଭିନ୍ନ ରାଜ୍ୟରେ ନିଜ ପ୍ରାର୍ଥୀଙ୍କ ନାଁ ଘୋଷଣା କରୁଛି ବିଜେପି । ଆଜି ୭ଟି ରାଜ୍ୟର ରାଜ୍ୟସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି ଦଳ । ବିହାର, ଛତିଶଗଡ଼, ହରିୟାଣା, ୟୁପି, କର୍ଣ୍ଣାଟକ, ଉତ୍ତରାଖଣ୍ଡ ଓ ପଶ୍ଚିମବଙ୍ଗ ପାଇଁ ପ୍ରାର୍ଥୀ ଘୋଷଣା କରିଛି ବିଜେପି । ୭ ରାଜ୍ୟ ପାଇଁ ୧୪ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇଛି । ଏଥିରେ କିଛି ହେଭିୱେଟ୍ ମଧ୍ୟ ରହିଛନ୍ତି । ଉତ୍ତରପ୍ରଦେଶରୁ ରାଜ୍ୟସଭା ପାଇଁ ସୁଧାଂଶୁ ତ୍ରିବେଦୀ ଏବଂ ଆରପିଏନ୍ ସିଂଙ୍କ ନାଁ ଘୋଷଣା କରାଯାଇଛି । ସେହିଭଳି ହରିୟାଣାର ପୂର୍ବତନ ବିଜେପି ସଭାପତି ସୁଭାଷ ବରାଲା ନାଁ ପ୍ରାର୍ଥୀ ଭାବେ ଘୋଷଣା ହୋଇଛି । ଆସନ୍ତା ୨୭ ତାରିଖରେ ୧୫ ରାଜ୍ୟର ୫୬ ରାଜ୍ୟସଭା ସିଟ୍ ପାଇଁ ନିର୍ବାଚନ ହେବ ।

## ଦୂତିପଡାଠାରେ ଖାଉଟି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

କନ୍ଧମାଳ , ୧୧/୨ (ନି,ପ୍ର): ଜିଲ୍ଲା ବୈଧ ମାପ-ଓଜନ ବିଭାଗ, କନ୍ଧମାଳ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ କଲ୍ୟାଣୀ ର ମିଳିତ ଆନୁକୂଲ୍ୟରେ ସରକାରୀ ଉଚ୍ଚ ବିଦ୍ୟାଳୟ, ଦୁତିପଡ଼ା ଠାରେ ଆଜି ଖାଉଟି ସଚେତନତା କାର୍ଯ୍ୟକ୍ରମ - ୨୦୨୪ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ଏକ ସଭାରେ ଦୁରିପଡ଼ା ସରପଂଚ ଜାନକୀ ଜାନୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଥିଭାବେ ଜିଲ୍ଲା ବୈଧ ମାପ-ଓଜନ ବିଭାଗର ଉପ-ନିୟନ୍ତ୍ରକ ରାଜେଶ କୁମାର ନାୟକ ଏବଂ ନିରୀକ୍ଷକ ବିକାଶ ଚନ୍ଦ୍ର ସାହୁ, ଦୁତିପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଶ୍ରୀମତୀ ନିତୁ ରଣା, ନେହେରୁ ଯୁବ କେନ୍ଦ୍ରର ଜିଲ୍ଲା ସଂଯୋଜକ ସତ୍ୟବାନ ଦଳବେହେରା, କବିତା କର, କଲ୍ୟାଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦିକା ଶ୍ରୀମତୀ ରାଜଲକ୍ଷ୍ମୀ ସାହୁ, ସ୍ଥାନୀୟ ଦୁତିପଡ଼ା ପଞ୍ଚାୟତର ବସନ୍ତ ପ୍ରଧାନ ଓ ଗାନ୍ଧୀ ସାହୁ ଯୋଗଦେଇ କହିଲେ, ଆମେ ବିଜ୍ଞାପନରେ ପ୍ରଭାବିତ ନ ହୋଇ ସଚେତନ ଖାଉଟି ହିସାବରେ ଜିନିଷ କ୍ରୟ କରିବା ସହିତ ଆମର ଅଧିକାର ଓ କର୍ତ୍ତବ୍ୟ ବିଷୟରେ ଜାଣିବା ଆବଶ୍ୟକ । ଗର୍ଭସ୍ଥ ଶିଶୁ ଠାରୁ ଆରମ୍ଭ କରି ଶ୍ମଶାନର ଶବ ପର ?ୟ୍ୟନ୍ତ କ୍ଷତିଗ୍ରସ୍ତ ମାନଙ୍କୁ କ୍ଷତିପୂରଣ ଦେବାରେ ଉପଭୋକ୍ତା ସୁରକ୍ଷା ଆଇନ କିପରି ସହାୟକ ହୋଇପାରୁଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ଅସାଧୁ ବ୍ୟବସାୟୀମାନେ କିପରି ମାପ ଓ ଓଜନରେ ନିରୀହ ଖାଉଟିମାନଙ୍କୁ ମିଛ ବିଜ୍ଞାପନ ମାଧ୍ୟମରେ ଶୋଷଣ କରନ୍ତି ସେ ବିଷୟରେ ଅବଗତ କରିବା ସହିତ ଇଲେକ୍ଟ୍ରୋନିକ୍ସ ଏବଂ ଦଣ୍ଡି-ବଟକରା ମାଧ୍ୟମରେ ଗ୍ୟାସ୍ ସିଲିଣ୍ଡର, ପେଟ୍ରୋଲ୍, ଡିଜେଲ୍, ଖାଦ୍ୟ ସାମଗ୍ରୀ ଏବଂ ସୁନା-ରୁପା ଭଳି ମୂଲ୍ୟବାନ୍ ସାମଗ୍ରୀ କିଣିବାବେଳେ କେଉଁ ପ୍ରକାର ସତର୍କତା ଅବଲମ୍ବନ କଲେ ନିଶ୍ଚିତ କ୍ଷତିରୁ ରକ୍ଷାପାଇପାରିବେ ସେ ବିଷୟରେ ସୁନ୍ଦର ଭାବେ ବୁଝାଇଥିଲେ । ଭାରତ ସରକାରଙ୍କ ଖାଉଟି ସୁରକ୍ଷା ଆଇନ କିପରି ଅସାଧୁ ଉତ୍ପାଦନକାରୀ ଓ ବ୍ୟବସାୟୀଙ୍କ ଲାଭଖୋର ମନୋଭାବ ଓ ନିକୃଷ୍ଟ ମାନର ଦ୍ରବ୍ୟ କିମ୍ବା ସେବା ଯୋଗାଣଦ୍ୱାରା କ୍ଷତିଗ୍ରସ୍ତ ଖାଉଟିଙ୍କୁ ସୁରକ୍ଷା ଦେଉଛି ସେ ବିଷୟରେ ବୁଝାଇଥିଲେ । କଲ୍ୟାଣୀ ସଂସ୍ଥାର ସମ୍ପାଦିକା ଶ୍ରୀମତୀ ରାଜଲକ୍ଷ୍ମୀ ସାହୁ ତାଙ୍କ ପ୍ରରମ୍ଭିକ ସମ୍ଭାଷଣ ମାଧ୍ୟମରେ ଜିଲ୍ଲା ସ୍ତରରେ ଗଠିତ ହୋଇଥିବା ଖାଉଟି ବିବାଦ ପ୍ରତିକାର ମଞ୍ଚ, ରାଜ୍ୟ ସ୍ତରରେ ରାଜ୍ୟ ଖାଉଟି ବିବାଦ ପ୍ରତିକାର ଆୟୋଗ ଓ ଜାତୀୟ ସ୍ତରରେ ଜାତୀୟ କମିଶନର କାର ?ୟ୍ୟ ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ସୂଚନା ପ୍ରଦାନ କରିଥିଲେ । ଶ୍ରୀମତୀ ସାହୁ ସଭା ପରିଚାଳନା କରିଥିବାବେଳେ ବସନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ଉପଲକ୍ଷେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏଥିରେ ବିଦ୍ୟାଳୟର ପ୍ରାୟ ୬୦ ଜଣ ଛାତ୍ର ଛାତ୍ରୀ ଯୋଗଦେଇଥିଲେ ।

## ସରପଂଚ ଓ ତାଙ୍କ ସହଯୋଗୀମାନଙ୍କ ବିରୁଦ୍ଧରେ ଜାତିଗତ ମାମଲା ଓ ଗିରଫ ପାଇଁ ଥାନାରେ ଅଭିଯୋଗ

କୋରେଇ, ୧୧/୨ (ନି.ପ୍ର): ପାଣିକୋଇଲି ସରପଂଚ ଓ ତାଙ୍କ ସହଯୋଗୀଙ୍କ ନାମରେ ଜାତିଗତ ମାମଲା ଓ ଗିରଫ ନିମନ୍ତେ ଆଜି ପାଣିକୋଇଲି ଥାନାରେ ଅଭିଯୋଗକାରୀ ସମେତ ମୂଳ ନିବାସୀ ୟୁନାଇଟେଡ ଫୋରମ ପକ୍ଷରୁ ଦାବି କରାଯାଇଛି । ଯାଜପୁର ସଦର ଥାନା ଅନ୍ତର୍ଗତ ଭୁବନେଶ୍ୱରପୁର ପଂଚାୟତ ଜମୁନା ଗ୍ରାମର ଚକ୍ରଧର ଯେନାଙ୍କ ପୁଅ ବିଶ୍ୱମ୍ଭର ଯେନାଙ୍କ ଅଭିଯୋଗ ମୁତାବକ ଗତ ଫେବୃଆରୀ ୭ ତାରିଖ ସନ୍ଧ୍ୟା ବେଳେ ସେ ଜାତୀୟ ରାଜପଥର ସିଙ୍ଗଡା ବ୍ରିଜ ଉପରେ ଇନଷ୍ଟା ରିଲସ ବନାଉଥିବା ବେଳେ ପାଣିକୋଇଲି ଗ୍ରାମର ସରୋଜ ପଣ୍ଡା (ଯେକି ଯମୁନା ଗ୍ରାମର ଜ୍ୱାଇଁ) ରାସ୍ତା ଦେଇ ବାଇକରେ ତାଙ୍କ ଭାଉଜ ଜାନକୀ ପଣ୍ଡାଙ୍କ ସହ ସେହି ରାସ୍ତାରେ ଆସୁଥିବା ବେଳେ ରାସ୍ତା ଉପରେ ମୋତେ ଦେଖି ଜାତିଆଣା ଗାଳି ସହ ରାସ୍ତା କଣ ତୋ ବାପର ବୋଲି କହିଥିଲେ। ବିଶ୍ୱମ୍ଭରଙ୍କ ସହିତ ସାଂଗରେ ଥିବା ସୋତି ଗ୍ରାମର ମଣି ଯେନା ଓ ତଣ୍ଡରା ଗ୍ରାମର ବିକ୍ରମ ମଳିକ ଏହାର ପ୍ରତିବାଦ କରିବାରୁ ସରୋଜ ସମସ୍ତଙ୍କୁ ଗାଳି କରିବା ସହ ଆକ୍ରମଣ କରିଥିଲେ । ପରେ ସେ ଫୋନ କରିବାରୁ ତାଙ୍କର କିଛି ସହଯୋଗୀ ଓ ପାଣିକୋଇଲି ସରପଂଚ ପଦ୍ମାବତୀ ପଣ୍ଡା ସେଠାରେ ପହଂଚି ଜାତିଆଣା ଗାଳି ସହ ମାଡ ମାରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । ୮ ତାରିଖ ତାରିଣୀ ମନ୍ଦିରକୁ ବିଶ୍ୱମ୍ଭରଙ୍କ ବାପା ଅନ୍ୟ ସହଯୋଗୀଙ୍କ ସହ ଯାଇଥିବା ବେଳେ ସେଠାରେ ତାଙ୍କୁ ଧମକ ଦେଇଥିଲେ । ଏନେଇ ଆଜି ବିଶ୍ୱମ୍ଭର ଓ ମୂଳନିବାସୀ ୟୁନାଇଟେଡ ଫୋରମ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇ ତ୍ୱରୀତ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ବିଶ୍ୱମ୍ଭର ବିକ୍ରମଙ୍କ ସମେତ ଫୋରମ ପକ୍ଷରୁ ସଂଯୋଜକ ନିରଂଜନ ଜେନା, ଜିଲ୍ଲା ସଂଯୋଜକ ପ୍ରତାପ ଦାସ, କୋରାଇ ସଭାପତି ସହଦେବ ଜେନା ପ୍ରମୁଖ ଅଭିଯୋଗ କରିଥିଲେ ।

## ବିଜେପିର ଜିଲ୍ଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ

ବଲାଙ୍ଗିର, ୧୧/୨ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ବିଜେପି ସଭାନେତ୍ରୀ ଶ୍ରୀମତୀ ପଙ୍କଜିନୀ ପଣ୍ଡା ଙ୍କ ଆଧ୍ୟକ୍ଷତା ରେ ଏକ ଜିଲ୍ଲା ସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ତଥା ଜିଲ୍ଲା ସ୍ତରୀୟ ଶକ୍ତି ସମ୍ବାଦ ଓ ସମ୍ପର୍କ ଅଭିଯାନ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ କାର୍ଯକ୍ରମ ରେ ବଲାଙ୍ଗୀର ଜିଲ୍ଲା ସଭାପତି ଶିବାଜୀ ମହାନ୍ତି ମୁଖ୍ୟ ଅଥିତି, ଲୋକସଭା ଖେତ୍ର ଶକ୍ତି ସମ୍ବାଦ ଓ ସମ୍ପର୍କ ଅଭିଯାନ ର ସଂଯୋଜକ ଭାରତୀ ମହାନନ୍ଦ, ପୂର୍ବତନ ମହିଳା ମୋର୍ଚ୍ଚା ସଭାପତି ସୁଲତା ପୁରୋହିତ, ଜ୍ହିଲ୍ଲାପରିଷଦ ଅନିମା ଦାଶ, ଶନ୍ଦ ମିର୍ଦ୍ଧା, ଶିବଦତ୍ତ ମିଶ୍ର, ଜିଲ୍ଲା ଉପସଭାପତି ଆରତୀ ଗୁରୁ, ବନଶ୍ରୀ ଅଚକ୍ଷର୍ୟ, ଫିରୋଜ୍କକ୍ଷ ବିବି, ସଞ୍ଜୁ ନାଏକ, ସଂଘମିତ୍ରା ଯୋଶୀ, ବଲାଙ୍ଗୀର ନଗର ମଣ୍ଡଳ ସଭାପତି ସରିତା ଯୋଶୀ, ଅଣୁଛାୟା ବାବୁ, ସୌଦାମିନୀ ମିଶ୍ର, ସସ୍ମିତା ବେହେରା, ବାସନ୍ତୀ ଜେନା, ଅନିତା ମିଶ୍ର, ନିତୁ ମିଶ୍ର, କଲ୍ୟାଣୀ ଅଡ଼ବାଙ୍କ, ବିନ୍ଦିଆ ରଥ, ଗାୟତ୍ରୀ ଦାଶ, ନୀଳାଦ୍ରି ଖରଶେଲ, ଝୁନୁ ପଣ୍ଡା, ସୁଧାରାଣୀ ସ୍ୱାଇଁ କଳ୍ପନା ସାହୁ, ମମତା ସାହୁ, ଦେବକୀ ହଂସ, ମମତା ମେହେର, ମଞ୍ଜୁ ନାଏକ, ଭଗବତୀ ଧାରୁଆ, ପ୍ରମୁଖ ଜିଲ୍ଲା ସ୍ତରୀୟ ଓ ମଣ୍ଡଳ ସ୍ତରୀୟ ଅନେକ କାର୍ଯକର୍ତା ଉପସ୍ଥିତ ଥିଲେ କ୍ଷ ସର୍ବଶେଷ ରେ ସାଧାରଣ ସମ୍ପାଦିକା ସଞ୍ଜୁ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିବେକାନନ୍ଦ ଶିଶୁ ମନ୍ଦିରର ୨୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ

ଭୁବନ, ୧୧/୨ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ ଯମୁନାକୋଟ ବିବେକାନନ୍ଦ ଶିଶୁ ମନ୍ଦିର ର ୨୩ ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନଟବର ସାହୁ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଖଣି ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ,ଶିକ୍ଷା ହିଁ ଶୃଙ୍ଖଳା ସିଖାଇଥାଏ । ଲକ୍ଷ୍ୟ ପ୍ରାପ୍ତି ପାଇଁ ସ୍ୱାଭିମାନ ସହିତ କେବେ ବି ସାଲିସ କରନାହିଁ, କାହିଁକି ନା ତୁମ ସ୍ୱାଭିମାନ ହିଁ ତୁମ ବ୍ୟକ୍ତିତ୍ୱ ର ପରିଚୟ । ନିଷ୍ଠା, ଏକାଗ୍ରତା ସହ କାର୍ଯ୍ୟ କରିବାକୁ ମନ୍ତ୍ରୀ ଶ୍ରୀଯୁକ୍ତ ମଲ୍ଲିକ ପରାମର୍ଶ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ସିପ୍ରା ବରାଳ,ସୁରପ୍ରତାପ ପୁର ସେବା ସମବାୟ ସମିତି ସଭାପତି ଶ୍ରୀମତୀ ପୁଷ୍ପଲତା ରାଉତ,ପୂର୍ବତନ ସରପଂଚ ଖୁଲଣା ରାଉତ, ଅବସରପ୍ରାପ୍ତ ଶିକ୍ଷକ ଅଚ୍ୟୁତାନନ୍ଦ ସାହୁ,ଶିକ୍ଷାବିତ୍ ପବିତ୍ର ସାମଲ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ନିରୁପମା ମହାନ୍ତି ବାର୍ଷିକ ବିବରଣୀ ପାଠ କରି ବିଦ୍ୟାଳୟ ର ସଫଳତା ସହିତ ଅଭାବ ଅସୁବିଧା ସଂପର୍କରେ ଅତିଥି ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅହଲ୍ୟା ବାରିକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ନେହାଞ୍ଜଳି ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନ ର ସମ୍ପାଦକ ରମେଶ ଚନ୍ଦ୍ର ପାଣି ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି ଅବସରରେ କୃତୀ ବିଦ୍ୟାର୍ଥୀ ମାନଙ୍କୁ ଅତିଥି ଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ଓ କୁଶଳୀ କାରିଗର ଶ୍ରୀଧର ପରିଡ଼ା ଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ ଓ ପ୍ରଶଂସା ପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କୁନି କୁନି ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ନିରୁପମା ନାୟକ, ପ୍ରତିମା ରାଉତ, ଇନିବାଳା ଭୂତିଆ, ମମତା ବାରିକ,ରଶ୍ମିତା ବେହେରା, ରୋଜାଲିନ ବେହେରା, ମିନତି ଲେଙ୍କା ଙ୍କ ସମେତ ସମସ୍ତ ଗୁରୁଜୀ, ଗୁରୁମା ସକ୍ରିୟ ଅଂଶ ଗ୍ରହଣ ଓ ସହଯୋଗ କରିଥିଲେ । ପ୍ରାରମ୍ଭ ରେ ଆମ ଓଡ଼ିଶା, ନବୀନ ଓଡ଼ିଶା ଯୋଜନାରେ ନିର୍ମିତ ବିବେକାନନ୍ଦ ପାଠାଗାରକୁ ମନ୍ତ୍ରୀ ଉଦଘାଟନ କରିଥିଲେ ।

## ବିଚାରପତି ଓ ଓକିଲ ସଂଘ ମଧ୍ୟରେ ବନ୍ଧୁତ୍ୱ ପୂର୍ଣ୍ଣ କ୍ରିକେଟ ମ୍ୟାଚ

କେନ୍ଦ୍ରାପଡ଼ା, ୧୧/୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାଜଜ୍ ଏକାଦଶ ଏବଂ ଜିଲ୍ଲା ଓକିଲ ସଘଂ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱ ପୂର୍ଣ କ୍ରିକେଟ ମ୍ୟାଚ ଆଜି ସରକାରୀ ହାଇସ୍କୁଲ ଖେଳ ପଡିଆରେ ଅନୁଷ୍ଠିତ ହୋଇ ଯାଇଛି । ପ୍ରଥମେ ଜିଲ୍ଲା ଜଜ୍ ଏକାଦଶ ଟସ ଜିଣି ବ୍ୟାଟିଙ୍ଗ କରିବା ସହିତ ୨୦ ଓଭର ରେ ୮ ଓ୍ୱିକେଟ୍ ହରାଇ ୧୪୩ ରନ୍ କରିଥିବା ବେଳେ ଜିଲ୍ଲା ଓକିଲ ସଂଘ ଏକାଦଶ ୧୧ ଓଭରରେ ୪ ଓ୍ୱିକେଟ ହରାଇ ନିର୍ଦ୍ଧାରିତ ଲକ୍ଷ୍ୟକୁ ପୁରଣ କରି ୧୪୪ ରନ୍ କରିଥିଲେ। ଏହି ଉପଲକ୍ଷେ ଜିଲ୍ଲା ଓକିଲ ସଂଘ ସଭାପତି ବିଚିତ୍ରାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପୌରାଧକ୍ଷା ସରିତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ବିଜୟୀ ଟ୍ରଫି ଓ ଜିଲ୍ଲାଜଜ୍ ଏକାଦଶକୁ ରନର୍ସଅପ୍ ଟ୍ରଫି ପ୍ରଦାନ କରିବା ସହିତ ବ୍ୟକ୍ତିଗତ ୨୦ ରନ୍ କରିଥିବା ଏବଂ ୨ ଟି ଓ୍ୱିକେଟ ନେଇ ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିବା ଜିଲ୍ଲାଜଜ୍ ବିଶ୍ୱଜିତ୍ ମହାନ୍ତିଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରିଥିଲେ। ଜିଲ୍ଲାଜଜ୍ ଏକାଦଶର କ୍ୟାପ୍ଟେନ୍ ଭାବେ ଜିଲ୍ଲାଜଜ୍ ବିଶ୍ୱଜିତ୍ ମହାନ୍ତି ଦାୟୀତ୍ୱ ନେଇଥିବା ବେଳେ ଜିଲ୍ଲା ଓକିଲ ସଘଂ ଏକାଦଶର କ୍ୟାପ୍ଟେନ୍ ଭାବେ ଆଇନଜୀବୀ ଆଶିଷ ସାମଲ୍ ଦାୟିତ୍ୱ ନିର୍ବାହ କରିଥିଲେ। ଅନ୍ୟତମ ଅତିଥି ଭାବେ ପରିବାର ଅଦାଲତ ଜଜ୍ ବିକାଶ ଚନ୍ଦ୍ର ଦେ, ଅତିରିକ୍ତ ଜିଲ୍ଲା ଜଜ୍ (ପୋକସୋ) ପ୍ରଣତୀ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଜଜ୍ ଅଜୟ ପ୍ରଧାନ, ସିଭିଲ୍ କୋର୍ଟ ରେଜିଷ୍ଟର ରମାଦେବୀ ସୋରେନ୍, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ପୂଜା ଷଡଙ୍ଗୀ ପ୍ରମୁଖ ଯୋଗଦେଇ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସଙ୍ଘର ସମ୍ପାଦକ ଧର୍ନୁଧର ନାୟକ, କାଉନସିଲର ସେକ୍ ଅସଲମ୍, ନିରଞ୍ଜନ ବଳଙ୍କ ସମେତ ବହୁ ଓକିଲ ଓ ଜିଲ୍ଲାର ସମସ୍ତ ଜଜ୍ ଉପସ୍ଥିତ ରହି ଖେଳ ଉପଭୋଗ କରିଥିଲେ। ସରକାରୀ ଓକିଲ ସଂଜୟ ଜେନା କାର୍ଯ୍ୟକ୍ରମ ପରିଚାଳନା ରେ ସହାୟତା କରିଥିବା ବେଳେ ରଞ୍ଜନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜୁ ଜନତା ଦଳରେ ସାମିଲ ହେଲେ ଅନ୍ୟ ଦଳର ଶତାଧିକ କର୍ମୀ

ମାଲକାନଗିରି, ୧୧/୨ (ନି.ପ୍ର): ମାଲକାନଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କାଲିମେଳା ବ୍ଲକର ଭେଙ୍କେଟ୍ ପାଲାମ ଓ ଚିତ୍ରାଙ୍ଗପାଲ୍ଲୀ ଗ୍ରାମ ପଂଚାୟତରେ ଘରେ ଘରେ ଶଙ୍ଖ ଓ ପରିବାର ସମ୍ପର୍କ ଅଭିଯାନ ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ! ମାଲକାନଗିରି ବିଜୁ ଜନତା ଦଳ ର ମଜଭୁତ ହେଉଛି ଦଳୀୟ ସଙ୍ଗଠନ। ସଭାପତି ନବୀନ ପଟ୍ଟନାୟକଙ୍କ ଦୃଢ଼ ନେତୃତ୍ୱ ସାଜିଛି ଆଦର୍ଶ। ଜନସେବାକୁ ସଙ୍କଳ୍ପ ଭାବେ ଗ୍ରହଣ କରି ମାଲକାନଗିରି ନିର୍ବାଚନ ମଣ୍ଡଳୀ ରେ ବିଜେପି ଓ କଂଗ୍ରେସ ଦଳର ସଂଖ୍ୟାଧିକ ନେତୃବୃନ୍ଦ ଏବଂ କର୍ମୀ ଦଳ ଛାଡି ବିଜୁ ଜନତା ଦଳ ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀ ଙ୍କ ବଳିଷ୍ଠ ନେତୃତ୍ୱରେ ନିର୍ମଳ ବିଶ୍ୱାସ , ଗୌତମ ମଣ୍ଡଳ ,ମୁକୁନ୍ଦ ବାକଚି,ଇର୍ମା ମାଡକାମୀ , ତପନ ମଣ୍ଡଳ, ପ୍ରଶାନ୍ତ ଗାଇନ ପ୍ରମୁଖ ଙ୍କ ସହ ୧୦୦ ରୁ ଉର୍ଦ୍ଧ୍ୱ କର୍ମୀ ଆଜି ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି । ଆଜିର ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳ ଜିଲ୍ଲା କାର୍ଯ୍ୟକାରୀ ସଭା ଦୁର୍ଗା ତ୍ରିପାଠୀ, ବିଜୁ ମହିଳା ଜନତା ଦଳର ଜିଲ୍ଲା ପର୍ଯ୍ୟବେକ୍ଷୀକା ଲୋରା ମହାପାତ୍ର, ମାଲକାନଗିରି ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ଦଶରଥ ମହାନ୍ତ, ବିଜୁ ଜନତା ଦଳ ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ଉପଦେଷ୍ଟା ତପନ ସାନା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ତଥା ସାଧାରଣ ସମ୍ପାଦକ ପତିତ ପାବନ ବୈଦ୍ୟ , ବରିଷ୍ଠ ବିଜେଡି ନେତା ବାବାଜୀ ମଲ୍ଲିକ, କାଲିମେଳା ବ୍ଲକ ସଭାପତି ଶରତ ଚନ୍ଦ୍ର ବିଶ୍ୱାଳ, ମାଲକାନଗିରି ବ୍ଲକ ସଭାପତି ହେମନ୍ତ ପଟନାୟକ ପ୍ରମୁଖଙ୍କ ବିଜୁ ଜନତା ଦଳର ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଷୋହଳ ଖଣ୍ଡ ଗୋପାଳ ସମାଜର କାର୍ଯ୍ୟକାରିଣୀ ବୈଠକ

ଜୟପୁର, ୧୧/୨ (ନି.ପ୍ର): କୋରାପୁଟ ଜିଲ୍ଲା ଷୋହଳ ଖଣ୍ଡ ଗୋପାଳ ସମାଜର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଜୟପୁର ଯାଦବ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । କୋରାପୁଟ ସଭାପତି କବିରାଜ ପରମେଶ୍ୱର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ନିଷ୍ପତି ହୋଇଥିଲା । ତା ସହ ସଙ୍ଗଠନ ଉପରେ ଆଲୋଚନା ହୋଇଥିଲା । ଜିଲ୍ଲା ତାଲୁକା ସହ ବୈପାରିଗୁଡା ପାଇଁ ସ୍ୱତନ୍ତ୍ର ମୁଠା କମିଟି ଚୟନ କରାଯାଇଥିଲା । ଆଗାମୀ ଦିନରେ ସମସ୍ତ ବ୍ଲକ ପାଇଁ ମୁଠା କମିଟି କରିବାକୁ ସ୍ଥିର ହୋଇଥିଲା ।

ଆଜିର ଏହି ବୈଠକରେ ସଂପାଦକ ରାଜେନ୍ଦ୍ର କୁମାର ଗୌଡ଼, ବୈପାରିଗୁଡା ମୁଠା ସଭାପତି ପଦ୍ମନାଭ ଗୌଡ଼, ଉପ ସଭାପତି ଅଜୟ ଅମ୍ବ୍ରାମ୍ବର ନାୟକ, ସମ୍ପାଦକ ଉଦୟନାଥ ମହାଙ୍କୁଡ଼, ରାମଚନ୍ଦ୍ର ମହାଙ୍କୁଡ଼, ନାରାୟଣ ଗୌଡ଼, ବିଜୟ କୁମାର ଗୌଡ଼, ଭାସ୍କର ଚନ୍ଦ୍ର ଗୌଡ଼, କୈଳାସ ଚନ୍ଦ୍ର ଗୌଡ଼, ନକୁଳ କୁମାର ଗୌଡ଼, ଦେବାଶିଷ ଗୌଡ଼, ନକୁଳ କୁମାର ଗୌଡ଼, ରମେଶ ପ୍ରଧାନ, ରାମ ଚନ୍ଦ୍ର ଗୌଡ଼, ଅଶୋକ କୁମାର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ ।

## ଓବିସି ମୋର୍ଚ୍ଚା ତରଫରୁ ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ

ଭୁବନେଶ୍ୱର, ୧୧/୨ (ନି.ପ୍ର): ପଛୁଆ ବର୍ଗଙ୍କ ଅଧିକାର ସଂପର୍କରେ ଦୀର୍ଘଦିନ ହେଳା ଅବହେଳା ପ୍ରଦର୍ଶନ କରିଆସିଥିବା କଂଗ୍ରେସ ଦଳର ନେତା ରାହୁଲ ଗାନ୍ଧୀ ବିଶ୍ୱର ଲୋକପ୍ରିୟ ନେତା ତଥା ଦେଶର ପ୍ରଧାନମନ୍ତ୍ରୀଙ୍କ ଜାତିକୁ ନେଇ ଅପମାନ ସୂଚକ ମନ୍ତବ୍ୟ ଏବଂ ଆକ୍ଷେପ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ରାହୁଲ ଗାନ୍ଧୀଙ୍କର ହୀନମାନସିକତାର ପରିଚୟ ବୋଲି ଓବିସି ମୋର୍ଚ୍ଚା ତରଫରୁ କୁହାଯାଇଛି। ଏହାର ପ୍ରତିବାଦରେ ଶନିବାର ରାମମନ୍ଦିର ଛକରେ ଓବିସି ମୋର୍ଚ୍ଚା ତରଫରୁ ଏକ ରାଲି କରାଯାଇ ରାହୁଲ ଗାନ୍ଧୀଙ୍କ କୁଶପୁତଳିକା ଦାହ କରାଯାଇଛି। ରାହୁଲ ଗାନ୍ଧୀଙ୍କର ବାରମ୍ବାର ପଛୁଆବର୍ଗମାନଙ୍କ ପ୍ରତି ଏବଂ ଦେଶର ପ୍ରଧାନମନ୍ତ୍ରୀ ପ୍ରତି ଏଭଳି ମନ୍ତବ୍ୟକୁ ବିଜେପି ଓବିସି ମୋର୍ଚ୍ଚା ତ୍ରୀବ୍ର ବିରୋଧ କରିଛି। ଆଗାମୀ ଦିନରେ ରାହୁଲ ଗାନ୍ଧୀଙ୍କର ଏଭଳି ମନ୍ତବ୍ୟକୁ ଦେଶର ସମସ୍ତ ପଛୁଆବର୍ଗ ଜନତା ଉପଯୁକ୍ତ ଜବାବ ଦେବେ ବୋଲି ପଛୁଆବର୍ଗ ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ କହିଛନ୍ତି। ଓବିସି ବର୍ଗମାନଙ୍କ ଅଧିକାର ସମ୍ପର୍କରେ ପୂର୍ବରୁ ଗଠିତ କମିଶନମାନଙ୍କ ସୁପାରିଶକୁ କଂଗ୍ରେସ ଦଳ ଦୀର୍ଘଦିନ ଧରି ଶୀତଳ ଭଣ୍ଡାରକୁ ଫିଙ୍ଗି ଦେଇଥିଲେ।

## ଖଡିଆଳ କ୍ଲବ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ

ନୂଆପଡ଼ା, ୧୧/୨ (ନି.ପ୍ର): ଖଡିଆଳ ସ୍ଥିତ ଖଡିଆଳ କ୍ଲବ ଆନୁକୁଲ୍ୟାରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଖଡ଼ିଆଳ ଏସଡିପିଓ ଅରୁପ ଅଭିଷେକ ବେହେରା ଓ ଖଡ଼ିଆଳ ଏନଏସି ଚେରମେନ ଉଜ୍ଜଳ ଗୁପ୍ତା ମୂଖ୍ୟ ଅତିଥି ଓ ବିଶିଷ୍ଟ ଅତିଥି ଯୋଗଦାନ କରି ଫିତା କାଟି ଶୁଭ ଉଦଘାଟନ କରିଥିଲେ । ଟିଟିଲାଗଡ ସ୍ଥିତ ଏସସିଡି ଚକ୍ଷୁ ଡାକ୍ତରଖାନାର ଟେକନିକସିଆନ ମାନେ ଚକ୍ଷୁ ପରୀକ୍ଷା କରିଥିଲେ । ଏ ଅଂଚଳର ଚକ୍ଷୁ ପରୀକ୍ଷା ସୁବିଧା ନଥିବାରୁ ଆଖପାଖ ଗ୍ରାମର ହାରାହାରୀ ୨୦୦ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ଯେଉଁ ମାନଙ୍କର ଅସ୍ତ୍ରୋପଚାର ଦରକାର ସେମାନଙ୍କୁ ଟିଟିଲାଗଡ ପଠାଇବାର ବ୍ୟବସ୍ଥା କରାଯାଇଥିଲା। ଏହି ଶିବିରକୁ ସଫଳ କରିବା ପାଇଁ କ୍ଲବର ସଭାପତି ସୁଧିର କୁମାର ପଟ୍ଟନାୟକ ( ଟୁନା), ଅମ୍ବିକା ତ୍ରିବେଦୀ, ମୁକେଶ ପଟ୍ଟନାୟକ, ପ୍ରଦୀପ ତ୍ରୀବେଦୀ, ସୋମେଶ ପଟ୍ଟନାୟକ, ରୋହିତ ତ୍ରିବେଦୀ, ଅଚ୍ୟୁତା ବହିଦାର, ସୁରେଶ ପାଢୀ, ସତପାଲ ସିଂ ଛାବଡ଼ା, ସନ୍ତୋଷ ପଟ୍ଟନାୟକ, ଶଙ୍କର ନାଏକ, ଉଦେନାଥ ସାହୁ, ବେଣୁଧର କୈବର୍ତ୍ତ, ଡମ୍ବରୁ ସାହୁ ପ୍ରମୁଖ ସହଯୋଗ କରିଥିଲେ । ଖଡିଆଳ କ୍ଲବର ଏତାଦୃଶ୍ୟ ଜନମଙ୍ଗଳ କାର୍ଯ୍ୟକୁ ଖଡିଆଳ ବାସୀ ଭୂୟଂସୀ ପ୍ରସଂସା କରିଛନ୍ତି ।

## ରଜିଆ ପଂଚାୟତରେ ରକ୍ତଦାନ ଶିବିର

ଚମ୍ପୁଆ, ୧୧/୨ (ନି.ପ୍ର): ଉପାନ୍ତ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ ରେ ଥିବା ଓଡିଶା ରକ୍ତ କେନ୍ଦ୍ର ଚମ୍ପୁଆ ଆନୁକୂଲ୍ୟରେ ରଜିଆ ପଂଚାୟତ କାର୍ଯ୍ୟାଳୟ ଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଚିକିତ୍ସାଳୟରେ ରକ୍ତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଶିବିର ଅନୁଷ୍ଠିତ ହୋଇଥିବାବେଳେ ରକ୍ତ କେନ୍ଦ୍ର ଅଧିକାରୀ ଡାକ୍ତର ଜ୍ୟୋତି ରଞ୍ଜନ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଏହି ଶିବିରକୁ ରଜିଆ ସରପଂଚ ସନ୍ତୋଷ ନାଏକ ପରିଚାଳନା କରିଥିଲେ। ସ୍ଥାନୀୟ ଅଂଚଳର ସ୍ୱେଚ୍ଛାସେବୀ ସୁବ୍ରତ ଯାଦବ, କାଜଲ ବେହେରା, ଉତ୍ତମ ବେହେରା, ଦୀପକ ମହାନ୍ତ, ମଙ୍ଗଳୁ ଲୋହାର ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ତେବେ ଏଥିରେ ୧୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

## ସ୍ୱତନ୍ତ୍ର ଉନ୍ନୟନ ପରିଷଦ ମାଧ୍ୟମରେ ଜନଜାତି ଲୋକଙ୍କ ଭାଗିଦାରୀକୁ ନେଇ ମହାସମାବେଶ

ଭୁବନେଶ୍ୱର, ୧୧/୨ (ନି.ପ୍ର): ସମଗ୍ର ରାଜ୍ୟରେ ଆଦିବାସୀ ସମ୍ପ୍ରଦାୟର ସାମଗ୍ରିକ ବିକାଶରେ ଜନସାଧାରଣଙ୍କ ଅଂଶଗ୍ରହଣକୁ ପାଳନ କରି, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଆଜି ସ୍ୱତନ୍ତ୍ର ଉନ୍ନୟନ ପରିଷଦର ହିତାଧିକାରୀଙ୍କ ଏକ ମହା ସମାବେଶ ଅନୁଷ୍ଠିତ ହୋଇଯାଇଛି । ଆଦିବାସୀ ସଂସ୍କୃତିର ସଂରକ୍ଷଣ ତଥା ସେମାନଙ୍କ ପରିଚୟ ବଜାୟ ରଖିବା ପାଇଁ ଏସଡିସିର ସଫଳତା ଏବଂ ସେମାନଙ୍କର ଅନନ୍ୟ ହସ୍ତକ୍ଷେପକୁ ପାଳନ କରିବା ଲାଗି ସ୍ଥାନୀୟ ଆଦିବାସୀ ପ୍ରଦର୍ଶନୀ ପଡ଼ିଆରେ ଆୟଜିତ ଏହି କାର୍ଯ୍ୟକ୍ରମରେ ୧,୭୫୦ ହିତାଧିକାରୀଙ୍କ ସମେତ ୨୩ଟି ଏସଡିସିର ପ୍ରାୟ ୨,୦୦୦ ସଦସ୍ୟ ଅଂଶଗ୍ରହଣ କରିଥିଲେ। ଏହି ମହା ସମାବେଶକୁ ଉଦଘାଟନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ଏସଡିସି ଜରିଆରେ ଓଡ଼ିଶା ଏହି ନିଆରା ପଦକ୍ଷେପ ଗ୍ରହଣ କରିବା ସହ ଆଦିବାସୀ ସମ୍ପ୍ରଦାୟର ନୃତ୍ୟ, ସଙ୍ଗୀତ ଓ ପରିବେଶକୁ ସଂରକ୍ଷଣ କରିବାର ଗୌରବ ଅର୍ଜନ କରିଛି। ୧୩ଟି ଆଦିମ ଜନଜାତି ବା ପିଭିଟିଜି ସମେତ ୬୨ଟି ଆଦିବାସୀ ସମ୍ପ୍ରଦାୟର ସାମାଜିକ-ସାଂସ୍କୃତିକ ଆବଶ୍ୟକତାକୁ ପୂରଣ କରିବାରେ ଆମେ ଏସଡିସିମାନଙ୍କୁ ପୂର୍ଣ୍ଣ ସ୍ୱାଧୀନତା ଦେଇଛୁ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶାର ସାମଗ୍ରିକ ସଂସ୍କୃତିକୁ ଜନଜାତି କଳା ଓ ସଂସ୍କୃତି ସମୃଦ୍ଧ କରିଛି। ଏହାର ସଂରକ୍ଷଣ ଓ ପ୍ରସାର ପାଇଁ ରାଜ୍ୟ ସରକାର ଆହୁରି ଅନେକ ପଦକ୍ଷେପ ନେବେ ବୋଲି ସେ କହିଥିଲେ। ସେ କହିଥିଲେ ଯେ ୧୧ ହଜାରରୁ ଅଧିକ ପବିତ୍ର ପୁଜସ୍ଥଳିର ସଂରକ୍ଷଣ କରାଯାଇଛି। ଏହା ଏକ ବଡ ଉପଲବ୍ଧି। ଏହା ବ୍ୟତୀତ ବ୍ଲକ ଓ ଜିଲ୍ଲା ସ୍ତରରେ ୬୦୦ ରୁ ଅଧିକ କ୍ରୀଡା ଓ ସଂସ୍କୃତି ଉତ୍ସବର ମଧ ଆୟୋଜନ କରା ଯାଇଛି ବୋଲି ସେ କହିଥିଲେ। ୨୧ଟି ଦ୍ୱି ଭାଷୀକ ଡିକ୍ସିନାରୀ ମଧ ପ୍ରସ୍ତୁତ କରାଯାଇଛି ବୋଲି ସେ କହିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ଆଦିବାସୀ ବାଦ୍ୟଯନ୍ତ୍ର ପ୍ରଦର୍ଶନୀକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଉଦଘାଟନ କରିବା ସହ ଓଡ଼ିଶାରେ ଉପସ୍ଥିତ ଥିବା ୧୩ଟି ପିଭିଟିଜି ସମ୍ପ୍ରଦାୟର ଦମ୍ପତିଙ୍କ ସହ ଫଟୋ ଉଠାଇଥିଲେ। ସଂସ୍କୃତିର ସଂରକ୍ଷଣ ଓ ପ୍ରଚାର ପ୍ରସାର ଦିଗରେ ଅବଦାନ ପାଇଁ କେନ୍ଦୁଝର ଦେବହୁଡ଼ିର 'ହୋ ସମାଜ ସାଗନ ଅକଳାକୁ' ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ପ୍ରଥମ ଥର ପାଇଁ ମୁଖ୍ୟମନ୍ତ୍ରୀ ମୟୂରଭଞ୍ଜର ୭ଟି 'ଜାହିରା'କୁ ସାମୁହିକ ଜଙ୍ଗଲ ଅଧିକାରରେ ପଟ୍ଟା ପ୍ରଦାନ କରିଥିଲେ। ଏହାବ୍ୟତୀତ ମାଲକାନଗିରିର କୋୟା ଆଦିବାସୀ ଦଳ, କନ୍ଧମାଳର କୁଟିଆ କନ୍ଧ ଆଦିବାସୀ ଦଳର ସଦସ୍ୟମାନଙ୍କୁ ବାଦ୍ୟଯନ୍ତ୍ର ଓ ନବରଙ୍ଗପୁରର ଗଣ୍ଡ ଆଦିବାସୀ ଗୋଷ୍ଠୀକୁ ନୃତ୍ୟ ପୋଷାକ ପ୍ରଦାନ କରିଥିଲେ ମୁଖ୍ୟମନ୍ତ୍ରୀ ।ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିକାଶ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର କମିଶନର ତଥା ସଚିବ ଏବଂ ୧୧୨ଟି ଟିଏସପି ବ୍ଲକ ସମ୍ପ୍ରଦାୟର ଅଂଶୀଦାରଙ୍କ ମଧ୍ୟରେ ଆଲୋଚନା ଆଧାରରେ ଭାଗିଦାରୀ ଶାସନ ଉପରେ ନିଆଯାଇଥିବା ପଦକ୍ଷେପର ସଂକ୍ଷିପ୍ତ ବିବରଣୀ ମୁଖ୍ୟମନ୍ତ୍ରୀ 'ମୋ ପରିକଳ୍ପନା' ରିପୋର୍ଟ ଉନ୍ମୋଚନ କରିଥିଲେ।

## ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତି ଓ ପ୍ରତାରଣାର ଆଉ ଏକ ବଜେଟ୍ : କଂଗ୍ରେସ

ଭୁବନେଶ୍ୱର, ୧୧/୨ (ନି.ପ୍ର): ଚଳିତ ୨୦୨୪-୨୫ ଆର୍ଥିକ ବର୍ଷର କାମଚଳା ବଜେଟକୁ ରାଜ୍ୟ ସରକାର ବିଧାନସଭାରେ ଆଗତ କରିଛନ୍ତି । ଏହି ବଜେଟ୍ ଚିରାଚରିତ ଢଙ୍ଗରେ ଆଶା ସୃଷ୍ଟିକାରୀ ଓ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପଂଚାନନ କାନୁନ୍‌ଗୋ କହିଛନ୍ତି । କଂଗ୍ରେସ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ କାନୁନ୍‌ଗୋ କହିଥିଲେ ଯେ ରାଜ୍ୟ ସରକାର ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ପୁନର୍ବାର ଏକ ପ୍ରତିଶ୍ରୁତି ଓ ପ୍ରତାରଣାର ବଜେଟ୍ ଉପସ୍ଥାପନ କରିଛନ୍ତି । ଯେଉଁଥିରେ କୃଷକ, ଯୁବକ ଓ ମହିଳା ସଂପୂର୍ଣ୍ଣଭାବେ ଉପେକ୍ଷିତ । ସେ କହିଥିଲେ ଯେ, ପୂର୍ବରୁ ଦିଆଯାଇଥିବା ଅନେକ ପ୍ରତିଶ୍ରୁତି ଯଥା ଅତିକମ୍‌ରେ ୩୫ ପ୍ରତିଶତ ଚାଷଜମିକୁ ଜଳସେଚିତ କରିବା, ରାଜ୍ୟର ସମସ୍ତ ଗରିବ ପରିବାରକୁ ପକ୍କାଘର ଯୋଗାଇ ଦେବା, ବର୍ଷକୁ ୨ଲକ୍ଷ ନିଯୁକ୍ତି ସୃଷ୍ଟି କରିବା ଓ ଚାଷୀର ରୋଜଗାର ବୃଦ୍ଧି କରିବା ଭଳି ଦେଇଥିବା ଅନେକ ପ୍ରତିଶ୍ରୁତି ତାହା ଏପର୍ଯ୍ୟନ୍ତ ପୂରଣ ହୋଇପାରିନାହିଁ । ଚଳିତ ବଜେଟ୍‌ରେ ସରକାରଙ୍କ ସ୍ୱୀକାରୋକ୍ତି ଅନୁସାରେ ଖାଲି ପଡ଼ିଥିବା ସରକାରୀ ପଦବୀ ସଂଖ୍ୟା ୯୮ ହଜାର ୩୩୪ ହୋଇଥିବା ବେଳେ କେବଳ ସ୍ୱାସ୍ଥ୍ୟବିଭାଗରେ ୨୬ହଜାର ୮୧୫ ପଦବୀ ଖାଲି ଅଛି । ସେହିପରି ଗଣଶିକ୍ଷା ବିଭାଗର ୨୧ହଜାର ୮୪୪ ଏବଂ ୧୬ଟି ବିଶ୍ୱବିଦ୍ୟାଳୟର ମଂଜୁରିପ୍ରାପ୍ତ ୧୮୦୧ ପଦବୀ ମଧ୍ୟରୁ ୧୦୯୦ ପଦବୀ ଖାଲି ପଡ଼ିଛି । ରାଜ୍ୟର ଚାଷୀଙ୍କୁ ମାଗଣା ବିଦ୍ୟୁତ୍ ସେବା ସଂପର୍କରେ ସରକାର ସଂପୂର୍ଣ୍ଣ ନୀରବ। ବିଜୁ ସ୍ୱାସ୍ଥ୍ୟକଲ୍ୟାଣ ଯୋଜନାରେ ୫,୪୫୦ କୋଟି ଟଙ୍କା ବଜେଟ୍‌ରେ ପ୍ରାବଧାନ ରହିଛି, ଯାହା ସଂପୂର୍ଣ୍ଣ ଭାବେ ସିଧାସଳଖ କର୍ପୋରେଟ୍ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପକେଟ୍‌କୁ ଯାଉଛି । ସରକାର ରାଜ୍ୟରେ ୧୦ ପ୍ରତିଶତ ଅର୍ଥାତ୍ ୧କୋଟିରୁ ଉର୍ଦ୍ଧ୍ୱ ଲୋକ ଗରିବୀ ସୀମାରେଖା ବାହାରକୁ ଆସିଥିବା ତଥ୍ୟ ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି। ସରକାରୀ ତଥ୍ୟ ଅନୁସାରେ ଓଡ଼ିଶା ଯେତେବେଳେ ରାଜସ୍ୱ ବଳକା ରାଜ୍ୟ ଭାବେ ଉଭା ହୋଇଛି, ସେତେବେଳେ ରାଜ୍ୟର ଋଣଭାର ୧ଲକ୍ଷ ୨୦ହଜାର କୋଟି ଟଙ୍କା କାହିଁକି ବୋଲି କହିଥିଲେ । ରାଜ୍ୟର ୬୦ ପ୍ରତିଶତ ମହିଳା ଓ ଶିଶୁ ପୁଷ୍ଟିହୀନତାର ଶିକାର ହେଉଥିବାବେଳେ ମହିଳା ପୁଷ୍ଟି ଯୋଜନାରେ ୫୫୪ କୋଟି ଟଙ୍କା ବ୍ୟୟବରାଦ ଯାହା ସମୁଦ୍ରକୁ ଶଙ୍ଖେ ସଦୃଶ। ସେହିପରି ମିଶନ ଶକ୍ତି ଘର ନିର୍ମାଣ ପାଇଁ ୧୧୭୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ଯାହାକି ଦଳୀୟ ଠିକାଦାରଙ୍କୁ ପୋଷିବା ପାଇଁ ଉଦ୍ଦିଷ୍ଟ ବୋଲି ସେ କହିଥିଲେ ।

# ତାପବୃଦ୍ଧି କିଡନୀ ସମସ୍ୟାର କାରଣ




ଆଜିକାଲି କିଡନୀ ରୋଗ ବିଶେଷ କରି କିଡନୀରେ ପଥର ସୃଷ୍ଟି ହେବା ବହୁଳ ରୂପେ ଦେଖିବାକୁ ମିଳୁଛି । ଯାହାଦୀରେ ଦୀରେ ସାଧାରଣ ସମସ୍ୟାରେ ପରିଣତ ହେବାରେ ଲାଗିଛି । ବିଶେଷଜ୍ଞଙ୍କ ମତରେ ବିଶ୍ୱ ତାପମାତ୍ରା ବୃଦ୍ଧି ସହ କିଡନୀ ରୋଗ ବିଶେଷ ବଢ଼ିଚାଲିଛି । ଆମେରିକୀୟ ବିଶେଷଜ୍ଞଙ୍କ ମତରେ ତାପମାତ୍ରା ବୃଦ୍ଧି ସହିତ କିଡନୀରେ ପଥର ସୃଷ୍ଟି ହେବା ରୋଗ ମଧ୍ୟ ବଢୁଛି । ଏଭଳି ପଥର ହେବା ଦ୍ୱାରା ବ୍ୟକ୍ତି ବହୁତ ଯନ୍ତ୍ରଣା ଅନୁଭବ କରେ । ଏହି ପରିପ୍ରେକ୍ଷୀରେ ବିଶେଷଜ୍ଞମାନେ ଏକ ମଡେଲ ମାଧ୍ୟମରେ ତାପମାତ୍ରା ବଢ଼ିବାରୁ କିପରି ପଥର ସୃଷ୍ଟି ହୁଏ ତାହା ଦେଖେଇଛନ୍ତି । ଆଗାମୀ ଦଶନ୍ଧିରେ ଏହି ରୋଗ ଭୟଙ୍କର ରୂପେ ବୃଦ୍ଧି ପାଇବ, କାରଣ ଦିନକୁ ଦିନ ତାପମାତ୍ରା ବଢ଼ିବାରେ ଲାଗିଛି । ଯାହା କିଡନୀ ସମସ୍ୟାର ଆଶଙ୍କା ଆହୁରି ବଢ଼ାଇବ । କେତେକ ସ୍ଥାନରେ ଏହି ସମସ୍ୟା ୩୦ ପ୍ରତିଶତ ବୃଦ୍ଧି ପାଇବ ବୋଲି କୁହାଯାଉଛି । ଏହାର ଅର୍ଥ ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ ଏହି ରୋଗରେ ପୀଡିତ ହେବେ । ବିଶେଷଜ୍ଞଙ୍କ ଘୋଷଣା ମୁତାବକ ୨୦୧୦ ସୁଦ୍ଧା ଆମେରିକାରେ ବର୍ତ୍ତମାନ ଖର୍ଚ୍ଚ ହେଉଥିବା ଅର୍ଥର ୨୫ ଭାଗ ଅଧିକ ଖର୍ଚ୍ଚ ହେବ । ଯାହାର ପରିମାଣ ପ୍ରାୟ ,କ ଶହ କୋଟି ଡଲାର ହେବା କଳନା କରାଯାଉଛି । ବର୍ତ୍ତମାନ ଆମେରିକାର ଦକ୍ଷିଣାଞ୍ଚଳରେ କିଡନୀ ସମସ୍ୟା ଏକ ସାଧାରଣ ସମସ୍ୟା ରୂପେ ଦେଖାଦେଇଛି । ତେଣୁ ଏହି ଅଞ୍ଚଳକୁ କିଡନୀ ଷ୍ଟୋନ ବେଲ୍ଟର ଆଖ୍ୟା ଦିଆଯାଇଛି । ଆଗାମୀ ଦିନରେ ଏହା ପଶ୍ଚିମ ଓ ଉତ୍ତରାଞ୍ଚଳରେ ବଢ଼ିବା ଏହା ବ୍ୟତୀତ ବିଶ୍ୱର ପ୍ରତ୍ୟେକ ଅଞ୍ଚଳରେ ଏହା ଏକ ସାଧାରଣ ରୋଗ ରୂପେ ମୁଣ୍ଡ ଟେକିଛି । ଡ୍ୟାଲାସସ୍ଥିତ ଟେକ୍ସାମ ଦକ୍ଷିଣ ପଶ୍ଚିମ ବିଶ୍ୱବିଦ୍ୟାଳୟର ପ୍ରଫେସର ମାର୍ଗାରେଟ ପର୍ଲ ଓ ତାଙ୍କ ସହ ଗବେଷକମାନେ ଏଭଳି ତଥ୍ୟ ପ୍ରଦାନ କରିଛନ୍ତି ।

# କେତକେଶ୍ୱର

ବିଶ୍ୱର ସର୍ବ-ବୃହତ୍ ଶିବଲିଙ୍ଗଗୁଡ଼ିକ ମଧ୍ୟରେ ଅସମର ତେଜପୁର ଅନ୍ତର୍ଗତ କେତକୀବାରିରେ ପୂଜା ପାଉଥିବା କେତକେଶ୍ୱର ଅନ୍ୟତମ । ଏକଦା କେତକେଶ୍ୱର ଲିଙ୍ଗ ହିଁ ବିଶ୍ୱରେ ବୃହତ୍ତମ ଥିଲା । ଭୂମିକଂପ ପ୍ରଭାବରେ ଲିଙ୍ଗ ଦ୍ୱିଖଣ୍ଡିତ ହେବାରୁ ବୃହତ୍ତମ ମାନ୍ୟତା ହରାଇଥିବା ଜଣାଯାଏ । ଲିଙ୍ଗର ଦୁଇ ଅଂଶ ଭିନ୍ନ ଭିନ୍ନ ସ୍ଥାନରେ ପୂଜିତ । ପ୍ରଥମରୁ ଯେଉଁଠାରେ ଥିଲା, ସେଠାରେ ପୂଜା ପାଉଛନ୍ତି ମୂଳ ଲିଙ୍ଗର ନିମ୍ନାଂଶ । ଭୂକଂପ ପ୍ରଭାବରେ ଖଣ୍ଡିତ ଅଂଶ ଯେଉଁଠି ପଡ଼ିଥିଲା, ସେଠାରେ ହିଁ ପୂଜା ପାଉଛନ୍ତି । ଏକ ସମୟରେ ବାଉଁଶ ଜଙ୍ଗଲ ମଧ୍ୟରେ କେତକେଶ୍ୱର ପୀଠ ଅବସ୍ଥିତ ଥିଲା । ଲିଙ୍ଗ ଉପରେ ମନ୍ଦିର ନ ଥିଲା । ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ପରେ ଦେବାଳୟ ନିର୍ମିତ ହୋଇଥିଲା । ବାଉଁଶ ଜଙ୍ଗଲ ଏବେ ବି ରହିଛି । ପାଦରେ ଚାଲିଚାଲି ସେଠାରେ ପହଞ୍ଚିବାକୁ ହୁଏ ।

# ଛାତି ପୋଡୁଛି !



ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଏସିଡିଟିର ପାର୍ଶ୍ୱପ୍ରତିକ୍ରିୟା କିମ୍ବା ହାର୍ଟବର୍ଣ୍ଣ ଯଦି ହେଉଥାଏ ତେବେ ତାହା କ୍ଷତିକାରକ । ଏଥିରେ କୁହାଯାଇଛି, ଏହି ସମସ୍ୟା ଯଦି ସପ୍ତାହକୁ ତିନି ଥରରୁ ବେଶୀ ହେଉଥାଏ ତେବେ ଖାଦ୍ୟନଳୀରେ କ୍ୟାନ୍ସର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ । ଗଳା ଓ ହାଇପୋଫାରିଞ୍ଜିଡ୍ କ୍ୟାନ୍ସର ବି ହୋଇପାରେ । ଛାତିରେ ଓ ପେଟରେ ଏସିଡ୍‌ଜନିତ ଜଳାପୋଡ଼ା ଏବେ ସହରାଞ୍ଚଳରେ ବାସ କରୁଥିବା ଲୋକଙ୍କୁ ବେଶୀ ଆକ୍ରାନ୍ତ କରୁଛି । ଦେଖାଯାଇଛି, ସହରରେ ରହୁଥିବା ୩୦ରୁ ୪୫ ବର୍ଷ ବୟସର ବ୍ୟକ୍ତିଙ୍କଠାରେ ଏହି ସମସ୍ୟା ୧୬ରୁ ୧୮ ପ୍ରତିଶତ ବୃଦ୍ଧି ପାଉଛି । ଖାଦ୍ୟରେ ଏପାଖସେପାଖ ଏବଂ ଜୀବନଶୈଳୀରେ ସଂଯମତାର ଅଭାବ ହିଁ ଏପରି ସମସ୍ୟାକୁ ବଢ଼ାଇଛି ।

ଅଧିକ ଫ୍ୟାଟ୍ ଓ କମ୍ ତନ୍ତୁଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ପେଟରେ ଏସିଡ୍‌ଜନିତ ଜ୍ୱଳନ ସୃଷ୍ଟି ହେଉଛି । ଏହା ପେପ୍‌ଟିକ୍ ଅଲ୍‌ସର, ଗଲ୍ ବ୍ଲାଡର ସମସ୍ୟା ଓ ହାୟାଟସ୍ ହାର୍ଣ୍ଣିଆର କାରଣ ପାଲଟିଥାଏ । ଏଭଳି ଖାଦ୍ର ଲଗାତର ଖାଇବା ଦ୍ୱାରା ଏସିଡିକ୍ ପ୍ରତିକ୍ରିୟା ଆରମ୍ଭ ହୋଇଯାଏ କିଛିଦିନ ପରେ । ହେଭି ମିଲ୍ ଖାଇବା ପରେ ଏହା ବେଶୀ ହୋଇଥାଏ, କିନ୍ତୁ ଏହାକୁ ଅନେକ ଅଣଦେଖା କରନ୍ତି ଏବଂ ଡାକ୍ତରଙ୍କ ପରାମର୍ଶ ଲୋଡ଼ିନଥାନ୍ତି ଯାହା ପରବର୍ତ୍ତୀ ସମୟରେ ଜଟିଳ ପରିସ୍ଥିତି ସୃଷ୍ଟି କରିଥାଏ । ସେମାନେ ଘରେ ଔଷଧ ଖାଇ ଦବାଇବାକୁ ଚେଷ୍ଟା କରନ୍ତି ଓ ଶେଷରେ ଡାକ୍ତରଙ୍କ ପାଖକୁ ଆସିଲାବେଳକୁ ପରିସ୍ଥିତି ବିଗିଡ଼ି ଯାଇଥାଏ । ଏସିଡଜନିତ ଛାତି, କଣ୍ଠ ଓ ଖାଦ୍ୟନଳୀ ଜ୍ୱଳନ ଯେତେବେଳେ ଆରମ୍ଭ ହୋଇଯାଏ ସେତେବେଳେ ଏସୋଫାଗସ୍‌ର ଶେଷଭାଗ ଧୀରେଧୀରେ ଏସିଡ୍ ଯୋଗୁ ନଷ୍ଟ ହୋଇଯାଏ । ଏହା ଯୋଗୁଁ ସେହି ଭାଗରେ ବିଭିନ୍ନ ପ୍ରକାର ସମସ୍ୟା ଦେଖାଦିଏ, ଏପରିକି ଅଲ୍‌ସର ହେବାର ଆଶଙ୍କା ରହିଥାଏ । ଯେଉଁମାନଙ୍କର ହାୟାଟସ ହାର୍ଣ୍ଣିଆ ରହିଛି ସେମାନେ ଏସିଡ ରିଫ୍ଲକ୍ସକୁ ଅଣଦେଖା କଲେ ଏହା ବ୍ରୋଙ୍କିଆଲ ଆଜ୍‌ମା ଆଡକୁ ମାଡ଼ିଯାଏ ବୋଲି କହନ୍ତି ଆପୋଲୋ ହସ୍ପିଟାଲର ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ ଡକ୍ଟର କେ.ଏ.ଓ ସୋମାଶେଖର ରାଓ ।

ଯେତେବେଳେ ଏସିଡ୍ ବିପରୀତ ଗତିରେ ପାକସ୍ଥଳୀରୁ ଖାଦ୍ରନଳୀ ଆଡକୁ ଚାଲେ ସେତେବେଳେ ଏସୋଫାଗସ୍‌ର ତଳଭାଗ ଏପାଖସେପାଖ ହୋଇଯାଇ ପାକସ୍ଥଳୀ ଭଳି ହୋଇଯାଏ ଯାହା ଶାରୀରିକ କ୍ରିୟା ଦୃଷ୍ଟିରୁ ଠିକ୍ ନୁହେଁ । ସର୍ଜିକାଲ ଅଙ୍କୋଲଜିଷ୍ଟ ଡକ୍ଟର କେ. ଶ୍ରୀକାନ୍ତ କହନ୍ତି ଯେ, ଗଳା କ୍ୟାନସରରେ ପୀଡ଼ିତ ୪୦ ପ୍ରତିଶତ ରୋଗୀ ଏସିଡ ରିଫ୍ଲକ୍ସକୁ ଅବହେଳା କରନ୍ତି । ଥରେସମସ୍ୟା କ୍ୟାନସର ଆଡକୁ ଗତି କରିଗଲେ ଏସିଡ ଜନିତ ଜ୍ୱଳନ ଆଦୌ ଜଣାପଡ଼େ ନାହିଁ ଯାହାଦ୍ୱାରା କ୍ୟାନସରରେ ପୀଡ଼ିତ ହେବାର ଆଶଙ୍କା ବଢ଼ିଯାଇଥାଏ । ଶୋଇବାରେ ବ୍ୟତିକ୍ରମ, ଶୀଘ୍ର ଖାଇବା, ଅତ୍ୟଧିକ ମଦ୍ୟପାଦ ଓ ଧୂମପାନ କରୁଥିବା ବ୍ୟକ୍ତି ଏହି ସସମ୍ୟାରେ ବେଶୀ ପଡ଼ନ୍ତି । ଏପରି କି ମଦ୍ୟପାନ ଓ ଧୂମପାନ କରୁନଥିବା ବ୍ୟକ୍ତିଙ୍କୁ ବି ରିଫ୍ଲକ୍ସ ହୋଇଥାଏ ।

# ସାପଠୁ ବିଷଧର

ବ୍ରାଜିଲର ଗବେଷକମାନେ ଦୁଇଟି ପ୍ରଜାତିର ବେଙ୍ଗ ଆବିଷ୍କାର କରିଛନ୍ତି, ଯାହାକୁ ବିଶ୍ୱର ଏକମାତ୍ର ବିଷଧର ବେଙ୍ଗ ବୋଲି କୁହାଯାଉଛି । ଏହି ଦୁଇଟି ପ୍ରଜାତି ହେଉଛି ଆପାରାସ୍ପିନୋଡନ୍ ବ୍ରୁନୋଇ ଓ କୋରିଥୋମାଣ୍ଟିସ୍ ଗ୍ରିନିଙ୍ଗ୍ । ଏହି ପ୍ରଜାତିର ବେଙ୍ଗ ଶିକାରକୁ ମାରିବା ପାଇଁ ନିଜ ମୁଣ୍ଡକୁ ଅସ୍ତ୍ର ଭାବେ ବ୍ୟବହାର କରେ । ବେଙ୍ଗ ମୁଣ୍ଡର ଉପର ଓଠରେ ଏକ ଛୋଟ ହାଡ଼ ଅଛି । ତା' ଦ୍ୱାରା ସେ ସିଧାସଳଖ ଆକ୍ରମଣକାରୀର ରକ୍ତରେ ଘାତକ ବିଷ ଛାଡ଼ିଥାଏ । ଆପାରାସ୍ପିନୋଡ୍ ବ୍ରୁନୋଇ



ପ୍ରଜାତି ବେଙ୍ଗର ଓଠରୁ ନିର୍ଗତ ମାତ୍ର ଗୋଟିଏ ଗ୍ରାମ୍ ବିଷ ୮୦ ଲୋକଙ୍କର କିମ୍ବା ୩ ଲକ୍ଷ ମୂଷାଙ୍କ ପ୍ରାଣ ନେବା ପାଇଁ ଯଥେଷ୍ଟ । ବ୍ରାଜିଲର ପିଟ୍-ଭାଇପର୍(ସାପ)ଠାରୁ ଏହି ବେଙ୍ଗର ବିଷ ୨୫ଗୁଣା ଅଧିକ ବିଷଧର । କୋରିଥୋମାଣ୍ଟିସ୍ ଗ୍ରିନିଙ୍ଗ୍ ବେଙ୍ଗର ବିଷ ସେହି ତୁଳନାରେ କମ୍ ବିପଦପୂର୍ଣ୍ଣ, କିନ୍ତୁ ପିଟ୍-ଭାଇପର୍‌ଠୁ ଦୁଇଗୁଣା ଶକ୍ତିଶାଳୀ ।

# ବୈମାତୃକ ପରିବାରର ସଂଖ୍ୟା ବଢୁଛି



ପରିବାର ଭାଙ୍ଗିବା କେତେବଡ ସମସ୍ୟା ହୋଇପାରେ ସେକଥା ଆମେରିକାର ପାରିବାରିକ ବ୍ୟବସ୍ଥା ଦେଖିଲେ ସ୍ପଷ୍ଟ ଜଣାପଡେ । ଆମେରିକାରେ ପ୍ରତି୩ ଜଣରେ ଜଣେ ବ୍ୟକ୍ତି ବୈମାତୃକ ପରିବାରରେ ରୁହନ୍ତି । ସବୁଠାରୁ ଚିନ୍ତାର ବିଷୟ ଏବେ ଭାରତରେ ମଧ୍ୟ ଏପରି ପରିବାରର ସଂଖ୍ୟା ବଢ଼ିବାରେ ଲାଗିଛି । ଦେଶର ଅନ୍ୟତମ ସମ୍ମାନସ୍ପଦ ଶିକ୍ଷାନୁଷ୍ଠାନ ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ ସୋସିଆଲ ସାଇନ୍ସର ହିନ୍ ପ୍ରଫେସର ଆନନ୍ଦ କୁମାର ମଧ୍ୟ ଏହାକୁ ନେଇ ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ଯେ, ୟୁରୋପ ଏବଂ ଆମେରିକାରେ ଆର୍ଥିକ ଏବଂ ସାଂସ୍କୃତିକ ବ୍ୟବସ୍ଥା ଯୋଗୁଁ ଏପରି ପରିବାର ସୃଷ୍ଟି ହେବା ସାଧାରଣ ବିଷୟରେ ପରିଣତ ହୋଇଛି । କାରଣ ଏଠାରେ ପରିବାରର ଏକତା ଅପେକ୍ଷା ବ୍ୟକ୍ତିର ସ୍ୱାଧୀନତାକୁ ଅଧିକ ଗୁରୁତ୍ୱ ଦିଆଯାଏ । ସ୍ୱାଧୀନ ବ୍ୟକ୍ତିବାଦକୁ ଗୁରୁତ୍ୱ ହେଉଥିବା ସାମାଜିକ ବ୍ୟବସ୍ଥାରେ ବୈମାତୃକ ପରିବାରକୁ ସହଜରେ ସ୍ୱୀକାର କରିନିଆଯାଏ । ମାତ୍ର ଭାରତ ପରି ଦେଶ ଯେଉଁଠାରେ ଆଜିମଧ୍ୟ ଆଧୁନିକତା ଅପେକ୍ଷା ପାରମ୍ପରିକତାକୁ ପରିବାରରେ ଅଧିକ ମହତ୍ୱ ଦିଆଯାଏ, ସେଠାରେ ବୈମାତୃକ ପରିବାର ବ୍ୟବସ୍ଥାକୁ ସ୍ୱୀକାର କରିବା ସାମାଜିକ ଦୃଷ୍ଟିକୋଣରୁ ଅଧିକ ଜଟିଳ । ଏହି ସମସ୍ୟା ୟୁରୋପୀୟ ଏବଂ ଆମେରିକା ଦେଶରୁ ଭାରତକୁ ଆସିଥିବାରୁ ଏହାର ତୁଳନାତ୍ମକ ବିଶ୍ଳେଷଣ କରିବା ମଧ୍ୟ ଜରୁରୀ ।

ପରିସଂଖ୍ୟାନରୁ ଜଣାପଡିଛି ଯେ, ଆଜି ଆମେରିକାରେ ପ୍ରତି ୩ ଜଣରେ ଜଣେ ବୈମାତୃକ ପରିବାରର ସଦସ୍ୟ । ନିକଟ ଭବିଷ୍ୟତରେ ୫୦ ପ୍ରତିଶତରୁ ଅଧିକ ଆମେରିକୀୟ ନାଗରିକ ଜୀବନର କୌଣସି ନା କୌଣସି ଭାଗରେ ବୈମାତୃକ ପରିବାରର ଅଂଶ ହେବାକୁ ବାଧ୍ୟ ହେବେ । ଆଜି ଏଠାରେ ୩୩ ପ୍ରତିଶତ ଶିଶୁ ବୈମାତୃକ ପରିବାରରେ ବଡ ହେଉଛନ୍ତି । ଏ ପ୍ରକାର ପରିବାରକୁ ଆମେରିକାରେ ବ୍ଲେଣ୍ଡି ଫ୍ୟାମିଲି ବୋଲି କୁହାଯାଏ । ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ, ଆମେରିକା ପରି ଦେଶରେ ପରିବାର ଅନୁଷ୍ଠାନର ସ୍ଥିତି କେଉଁଠି ପହଞ୍ଚିଗଲାଣି । ଅର୍ଥାତ୍ ଏବେ ଏଠାରେ ଏକକ ପରିବାର ମଧ୍ୟରେ ବି ଲୋକମାନେ ଏକକତା ଖୋଲିଲେଣି । ନିଜର ଲୋକମାନଙ୍କ ମଧ୍ୟରେ ବି ସେମାନେ ନିଜର ସ୍ୱାଧୀନ ବ୍ୟକ୍ତିବାଦକୁ ଗୁରୁତ୍ୱ ଦେଲେଣି । ବର୍ତ୍ତମାନ ଭାରତରେ ଏପରି ପରିସ୍ଥିତି ସୃଷ୍ଟି ହୋଇନଥିଲେ ମଧ୍ୟ ଏହାକୁ ଅଧିକ ଦିନ ପର୍ଯ୍ୟନ୍ତ ଏଠାଇ ହେବ ନାହିଁ । ପ୍ରଫେସର କୁମାର କହିଛନ୍ତି ଯେ, ବିବାହ ବିଚ୍ଛେଦ ବୃଦ୍ଧି, ମହିଳା ସଶକ୍ତିକରଣ ଏବଂ ସାଂସ୍କୃତିକ ମୂଲ୍ୟବୋଧ ଯୋଗୁଁ ଏପରି ହେବା ସ୍ୱାଭାବିକ । ବୈମାତୃକ ପରିବାର ଯଦି ପରିବର୍ତ୍ତନ ଜୀବନଶୈଳୀର ତଥ୍ୟ ତେବେ ଏଥିରେ ଭାବନାତ୍ମକ ସମ୍ବନ୍ଧଗୁଡିକୁ ଅଗ୍ନିପରୀକ୍ଷା ଦେଇ ଯିବାକୁ ହେବ । ଏହି ବିଷୟ ନେଇ ୧୯୯୮ ମସିହାରେ ଆମେରିକାରେ କରାଯାଇଥିବା ଏକ ସର୍ବେକ୍ଷଣରେ ଜଣାଯାଇଥିଲା ଯେ, ସାବତ ମାତା ପିତା ଏବଂ ସାବତ ପିଲାମାନଙ୍କୁ ନୂଆ ପରିବାର, ନୂଆ ପରିବେଶରେ ଭାବନାତ୍ମକ ବନ୍ଧନ ସୃଷ୍ଟି କରିବାକୁ ଅତିକମ୍‌ରେ ୪ ବର୍ଷ ସମୟ ଲାଗେ । ଏ ସମୟରେ ପିଲାମାନେ ଯେତେ ଛୋଟ ଥା'ନ୍ତି ଏହି ପ୍ରକ୍ରିୟା ସେତେ ସରଳ ହୁଏ । ମାତ୍ର ପିଲାମାନେ ବଡ ହେବା ପରେ ବୈମାତୃକ ପରିବାରକୁ ଗଲେ ସେମାନେ ସହଜରେ ନିଜର ସାବତ ପିତାମାତା ଏବଂ ସାବତ ଭାଇ ଭଉଣୀଙ୍କ ସହ ସମ୍ପର୍କ ସ୍ଥାପନ କରିପାରନ୍ତି ନାହିଁ । ଫଳରେ ସେମାନେ ଏକୁଟିଆ ରହିବା ଏବଂ ନିଜର ଆବଶ୍ୟକତା, ଜିଦ୍ ଆଦିକୁ ଗୁରୁତ୍ୱ ଦିଅନ୍ତି । ଫଳରେ ପରିବାର ମଧ୍ୟରେ ରହି ମଧ୍ୟ ସମସ୍ତେ ଏକୁଟିଆ ହୋଇ ଯାଆନ୍ତି । ଏହି ସମସ୍ୟାର ଜଟିଳତାକୁ ଉପଲବ୍ଧି କରି ଆମେରିକାରେ ପ୍ରତିବର୍ଷ ସେପ୍ଟେମ୍ବର ୧୬ ତାରିଖକୁ ଷ୍ଟେପ ଫ୍ୟାମିଲି ଡେ' ଅର୍ଥାତ୍ ବୈମାତୃକ ପରିବାର ଦିବସ ଭାବରେ ପାଳନ କରାଯାଏ । ଏହି ଦିନ ବୈମାତୃକ ପରିବାରର ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତ ସଦସ୍ୟ ଏକାଠି ମିଶି ଉତ୍ସବର ଆୟୋଜନ କରନ୍ତି ଏବଂ ସମ୍ପର୍କରେ ଅନ୍ତାରିକତା ସୃଷ୍ଟି ପାଇଁ ଉଦ୍ୟମ କରନ୍ତି ।

# ନିଦ୍ରାହୀନତା ହୃଦ୍‌ରୋଗର କାରଣ



ଆଜିକାଲି କମ୍ପାନୀ, କଳାକାରଖାନାରେ ଚାକିରୀ କରୁଥିବା କର୍ମଚାରୀମାନେ ସିଫ୍ଟ ଅନୁସାରେ ରାତିରେ ମଧ କାମ କରୁଛନ୍ତି । ଆଉ କେତେକ କ୍ଷେତ୍ରରେ ସୁରକ୍ଷା ଦାୟିତ୍ୱରେ ଥିବା ସିକ୍ୟୁରିଟି ଗାର୍ଡ଼, ହୋମଗାର୍ଡ, କର୍ମୀମାନଙ୍କୁ ରାତ୍ରିରେ ଅନିଦ୍ରା ରହି କାମ କରିବାକୁ ପଡ଼େ । ତେବେ ଏହାଦ୍ୱାରା ସ୍ୱାସ୍ଥ୍ୟ ଉପରେଯେଉଁ ଦୁଷ୍ପ୍ରଭାବ ପଡ଼େ ତାହା ଅନେକଙ୍କୁ ହୁଏତ ଜଣାନଥିବ । ହଲାଣ୍ଡର ଏକ ବୈଜ୍ଞାନିକ ଦଳ ନିଜର ଗବେଷଣାରୁ ଏକଥା ପ୍ରକାଶ କରିଛନ୍ତି ଯେ, ଯେଉଁମାନେ ରାତ୍ରି ଅନିଦ୍ରା ରହି କାମ କରନ୍ତି, ସେମାନଙ୍କଠାରେ ହୃଦରୋଗ ହେବାର ଆଶଙ୍କା ବେଶୀ । ଅତ୍ୟଧିକ କ୍ଳାନ୍ତି ପୂର୍ଣ୍ଣ ନିଦ୍ରାରେ ବାଧକ ହେବା ସହିତ ସାମାଜିକ ଜୀବନରେ ମଧ କେତେକ ସମସ୍ୟା ସୃଷ୍ଟି କରିପାରେ । ବୈଜ୍ଞାନିକଙ୍କ କହିବାନୁସାରେ ରାତ୍ରିରେ କାମ କରିବା ଦ୍ୱାରା ଶରୀର ଅଧିକ ଶିଥିଳ, ଅବସାଦଗ୍ରସ୍ତ ଓ କ୍ଳାନ୍ତ ହୋଇପଡ଼େ । ଯାହାଫଳରେ ହୃଦଗତି ଅନିୟମିତ ହୋଇପଡ଼େ ଏବଂ ହୃଦଘାତର ଆଶଙ୍କା ଲାଗିରହେ । ହଲାଣ୍ଡର ଏହି ଗବେଷଣା ଦଳ ରାତ୍ରିରେ ଡ୍ୟୁଟି କରୁଥିବା ୪୦୦ ଜଣ ଏବଂ ଦିନରେ କାମ କରୁଥିବା ୪୦୦ ଜଣ କର୍ମଚାରୀଙ୍କ ମଧ୍ୟରେ ତୁଳନାତ୍ମକ ଅଧ୍ୟୟନ କରିଥିଲେ ଏବଂ ସେମାନଙ୍କ କଥାରୁ ଜଣାପଡ଼ିଲା ଯେ, ରାତ୍ରିରେ କାମ କରୁଥିବା କର୍ମଚାରୀମାନଙ୍କ ହୃଦଗତି ଅନିୟମିତ ହେଉଛି ଏବଂ ଏମାନଙ୍କ ଠାରେ ହୃଦରୋଗ ହେବାର ସମ୍ଭାବନା ଅଧିକ । ହଲାଣ୍ଡର ଡାକ୍ତର ଏଭର୍ଟ ଶୁଟେନଙ୍କ କହିବାନୁସାରେ ରାତ୍ରି ଡ୍ୟୁଟି କରୁଥିବା କର୍ମଚାରୀ, ପାଇଲଟ, ଟ୍ରକ ଡ୍ରାଇଭର, ରେଳ କର୍ମଚାରୀ, ସିକ୍ୟୁରିଟି ଗାର୍ଡମାନେ ଦୁଃଶ୍ଚିନ୍ତା ଓ ଅବସାଦର ସମ୍ମୁଖୀନ ହେଉଥିବା କାରଣରୁ ଏବଂ ରାତ୍ରି ଅନିଦ୍ରା ରହିବା ହେତୁ ହୃଦ୍‌ରୋଗରେ ଆକ୍ରାନ୍ତ ହୋଇଥାନ୍ତି ।

# ମଟନ୍ କୋର୍‌ମା



**ସାମଗ୍ରୀ:** ମାଂସ- ୬ଶହ ଗ୍ରାମ୍, ପିଆଜ- ବଡ଼ ୨ଟା, ଲବଙ୍ଗ- ୬ଟି, ଅଳେଇଚ-୮ଟି ଜିରା- ୧ ଟେବୁଲ୍ ଚାମଚ, ଡାଲଚିନି-୨ ଇଞ୍ଚ, ଜାଇଫଳ-୧ଟି ୧/୪ ଭାଗ, ଧନିଆ ଗଣ୍ଡ ୨ ଟେବୁଲ ଚାମଚ, ଲୁଣ- ସ୍ୱାଦ ଅନୁସାରେ, ତେଲ-୪ ଟେବୁଲ, ଚାମଚ, ତେଜପତ୍ର- ୨ଟି, ଅଦା ବଟା-୨ ଟେବୁଲ ଚାମଚ, ରସୁଣ ବଟା- ୨, ଟେବୁଲ ଚାମଚ, ଲଙ୍କା ଗୁଣ୍ଡ- ୧ ଚାମଚ, ନଡ଼ିଆ ବଟା-୩ ଟେବୁଲ ଚାମଚ, ପୋସ୍ତ ବଟା- ୩ ଟେବୁଲ ଚାମଚ, ଧନିଆ ପତ୍ର କଟା- ୧ ଟେବୁଲ ଚାମଚ ।

**ପ୍ରଣାଳୀ:** ୧ ଇଞ୍ଚ ଖଣ୍ଡ କରି ମାଂସ କାଟନ୍ତୁ । ପିଆଜ ଛୋଟ ଛୋଟ କରି କାଟି ରଖନ୍ତୁ । କଡ଼େଇ ଗରମ କରି ଲବଙ୍ଗ, ଅଳେଇଚ, ଜିରା, ଡାଲଚିନି ଓ ଜାଇଫଳକୁ ଭାଜି ଗୁଣ୍ଡ କରି ରଖନ୍ତୁ । କଡ଼େଇରେ ତେଲ ଗରମ କରି ତେଜପତ୍ର, ପିଆଜ ଓ ଗୁଣ୍ଡ ମସଲା ପକାଇ ପିଆଜକୁ ଲାଲ ହେବା ଯାଏଁ ଭାଜନ୍ତୁ । ଏହାପରେ ଅଦା ଓ ରସୁଣ ବଟଣ ପକାଇ କଷନ୍ତୁ । ତା' ପରେ ଲଙ୍କାଗୁଣ୍ଡ, ହଳଦୀ ଓ ମାଂସ ମିଶାନ୍ତୁ । ଭଲ କରି ଗୋଳାଇ ୧୦୦ମିଲି ପାଣି ଦେଇ ଘୋଡ଼ାନ୍ତୁ । କମ୍ ଆଞ୍ଚରେ ସିଝିଗଲେ ନଡ଼ିଆ ବଟା, ପୋସ୍ତ ବଟା, ଧନିଆ ଗୁଣ୍ଡ ଓ ଲୁଣ ପକାଇ ୧୫ରୁ ୨୦ ମିନିଟ୍ କମ୍ ଆଞ୍ଚରେ ବସାଇ ରାନ୍ଧନ୍ତୁ । ପ୍ଲେଟକୁ କାଢ଼ି ଧନିଆ ପତ୍ରରେ ସଜାଇ ପରସନ୍ତୁ ।

ଧ୍ୱନି ପ୍ରତିଧ୍ୱନି
୪
ବାଲେଶ୍ୱର
୧୨ ଫେବୃଆରୀ ୨୦୨୪, ସୋମବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଆବଶ୍ୟକତା...

ଚଳିତ ସପ୍ତାହରେ ନୂଆଦିଲ୍ଲୀ ଲଗାତର ଦୁଇଦିନ ଧରି ଏକ ଭିନ୍ନ ଧରଣର ପ୍ରତିବାଦକୁ ପରିଲକ୍ଷିତ କରିଛି । ଏହି ପ୍ରତିବାଦର ଲକ୍ଷ୍ୟ ଥିଲେ କେନ୍ଦ୍ର ସରକାର ଏବଂ ଏହା କରାଯାଇଥିଲା ଦୁଇଗୋଟି ରାଜ୍ୟ ସରକାରଙ୍କ ଦ୍ୱାରା। ପ୍ରତିବାଦରେ ଅଂଶଗ୍ରହଣ କରିଥିଲେ ସମ୍ପୃକ୍ତ ଦୁଇଗୋଟି ଯାକ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ, ସେମାନଙ୍କର କ୍ୟାବିନେଟ୍ ସମୂହ ଏବଂ ବିଧାୟକବୃନ୍ଦ। ସେମାନଙ୍କର ଦାବି ମଧ ଥିଲା ଉଣା ଅଧିକେ ସମାନ- କେନ୍ଦ୍ରୀୟ ରାଜସ୍ୱରୁ ନ୍ୟାୟୋଚିତ ଭାଗ ପ୍ରଦାନ କର, ପକ୍ଷପାତିତାପୂର୍ଣ୍ଣ ଆଚରଣ ବନ୍ଦ କର, ସାଧନ ଭିତରେ ସମ୍ବଳଗୁଡ଼ିକ ସୃଷ୍ଟି କରିବାକୁ ସୁଯୋଗ ଦିଅ ଏବଂ ଶାସନ କ୍ଷେତ୍ରରେ ସଂଘୀୟ ନୀତିଗୁଡ଼ିକୁ ପାଳନ କର । ଏଇ ପ୍ରତିବାଦ କରିଥିଲା ବୁଧବାର ଦିନ କର୍ଣାଟକ ଏବଂ ଗୁରୁବାର ଦିନ କେରଳ। ସେମାନଙ୍କର ଏଇ ପ୍ରତିବାଦରେ ଯୋଗ ଦେଇଥିଲେ ଅନ୍ୟ କେତେକ ବିରୋଧୀ ଦଳ ଏବଂ ମୁଖ୍ୟମନ୍ତ୍ରୀମାନେ। କର୍ଣ୍ଣାଟକର ସବୁଠୁ ବଡ଼ ରୋଷ ପ୍ରକଟିତ ହୋଇଥିଲା ରାଜ୍ୟମାନଙ୍କୁ ଅନୁଦାନ ପ୍ରଦାନ ପ୍ରସଙ୍ଗରେ ପଞ୍ଚଦଶ ଅର୍ଥ କମିଶନଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ସୂତ୍ରକୁ ନେଇ । ଏହାର ପରିଣତି ସ୍ୱରୂପ ୧.୮୭ କୋଟି ଟଙ୍କାର ହାନି ଘଟିଥିଲା ଯାହା ମଧ୍ୟରେ ଗତ ପାଞ୍ଚ ବର୍ଷ ମଧ୍ୟରେ ଅର୍ଥର ପ୍ରଦାନ ଏବଂ ଅନ୍ୟାନ୍ୟ କାରଣଗୁଡ଼ିକ ଅନ୍ତର୍ଭୁକ୍ତ । ସମଗ୍ର ଦେଶରେ କେନ୍ଦ୍ରୀୟ ଟିକସ ପ୍ରଦାନ ଦୃଷ୍ଟିରୁ କର୍ଣ୍ଣାଟକର ସ୍ଥାନ ଦ୍ୱିତୀୟ ସର୍ବାଧିକ, କିନ୍ତୁ ଏହା ତା'ର ଅଂଶ ବାବଦରେ ଯେତିକି ପାଇବା କଥା, ତାହା ପାଇ ନଥାଏ ବୋଲି ଏହାର ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ପ୍ରକାଶ କରିଥିଲେ। ତାଙ୍କ କହିବା ଅନୁସାରେ, କର୍ଣାଟକ ୧୦୦ ଟଙ୍କାର ଟିକସ ସଂଗ୍ରହ କରିବା ପାଇଁ ମାତ୍ର ୧୩ ଟଙ୍କା ଭାଗ ପାଇଥାଏ । ଏହା ଏକ ବିସଙ୍ଗତି ହୋଇଥିବାରୁ କେନ୍ଦ୍ର ସରକାର ଏହାକୁ ଦୂର କରିବା ଉଚିତ ବୋଲି ଉଲ୍ଲେଖ କରିଥିଲେ ଶ୍ରୀଯୁକ୍ତ ସିଦ୍ଧରମୈୟା। ଅପର ପକ୍ଷରେ, କେରଳ ସରକାରଙ୍କର କ୍ରୋଧର କାରଣ ହେଉଛି ଉପରୋକ୍ତ କାରଣ ବ୍ୟତୀତ ଏହାର ଋଣ ବା କରଜ କରିବା ଉପରେ କେନ୍ଦ୍ର ସରକାରଙ୍କ ଦ୍ୱାରା କରାଯାଇଥିବା ହ୍ରାସ । ଆର୍ଥିକ ଦାୟିତ୍ୱ ଏବଂ ବଜେଟ୍ ପରିଚାଳନା ଆଇନ ଅନୁସାରେ ପ୍ରତ୍ୟେକ ରାଜ୍ୟ ଏବଂ କେନ୍ଦ୍ର ସରକାର ନିଜ ନିଜର ଖର୍ଚ୍ଚ ପରିଚାଳନା କରିବାର ନିୟମ ରହିଥିବା ବେଳେ କେନ୍ଦ୍ର ସରକାର ନିଜର ଦାୟିତ୍ୱକୁ ନିର୍ବାହ କରିବା ପରିବର୍ତ୍ତେ ଏଭଳି ସର୍ତ୍ତମାନ ରଖୁଛନ୍ତି ଯାହା କରଜ କରିବାକୁ ଏକ ଅସମ୍ଭବ କାର୍ଯ୍ୟରେ ପରିଣତ କରିଦେବା ଭଳି ହେଉଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍ । କେରଳ ସରକାର ଦର୍ଶାଇଛନ୍ତି ଯେ ଏହା ଆର୍ଥିକ ନିଅଣ୍ଟକୁ ଜିଏସ୍‌ଡିପି ବା ମୋଟ ରାଜ୍ୟ ଘରୋଇ ଉତ୍ପାଦର ୨.୪୪ ପ୍ରତିଶତରେ ସୀମିତ ରଖି ପାରିଛନ୍ତି, ଯେତେବେଳେ କି ଏହାକୁ ତିନି ପ୍ରତିଶତରେ ରଖିବା ବାଧ୍ୟତାମୂଳକ। ତେଣୁ ତାଙ୍କର ଆର୍ଥିକ ନିଅଣ୍ଟର ପରିମାଣ ଧାର୍ଯ୍ୟ ପରିମାଣଠାରୁ ଯଥେଷ୍ଟ କମ୍। ପରନ୍ତୁ, କେନ୍ଦ୍ର ସରକାର ତାଙ୍କ ସୀମାକୁ ଲଗାତର ଭାବରେ ଉଲ୍ଲଙ୍ଘନ କରି ଚାଲିଛନ୍ତି । ଏହା ଆହୁରି ମଧ ଅଭିଯୋଗ କରିଛି ଯେ ମାନବ ପୁଞ୍ଜିର ବିକାଶରେ ଏହା ଯେଉଁ ବଡ଼ ଧରଣର ନିବେଶମାନ କରି ଚାଲିଛି, ତାକୁ କେନ୍ଦ୍ର ସରକାର ଯେତେବେଳେ କେନ୍ଦ୍ରୀୟ-ପାଣ୍ଠି ପ୍ରଦତ୍ତ ପ୍ରକଳ୍ପଗୁଡ଼ିକ ପାଇଁ ସୂତ୍ର ବାହାର କରୁଛନ୍ତି, ସେତେବେଳେ ବିଚାରକୁ ନେଉ ନାହାନ୍ତି। ଯେଉଁ ରାଜ୍ୟ ନିଜର ୮୦ ପ୍ରତିଶତ ବ୍ୟୟକୁ ନିଜର ସମ୍ବଳରେ ପରିଚାଳନା କରୁଛି, ତାହା ଏକ ଅପାରଗ ରାଜ୍ୟ ବୋଲି କେବେହେଲେ ଅଭିଯୋଗ କରାଯାଇ ପାରିବ ନାହିଁ । ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏମ୍ ଷ୍ଟାଲିନ୍, ଯିଏକି ଶ୍ରୀଯୁକ୍ତ ସିଦ୍ଧରମୈୟା ଏବଂ ଶ୍ରୀଯୁକ୍ତ ବିଜୟନ୍‌ଙ୍କ କଥାଗୁଡ଼ିକରୁ ଅଧିକାଂଶରେ ସହମତ ଥିଲେ, କହିଥିଲେ ଯେ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟ ହେଉଛି ସମ୍ବଳ ସୃଷ୍ଟି କରିବାରେ ରାଜ୍ୟ ସରକାରମାନଙ୍କ ସାମର୍ଥ୍ୟକୁ ଅଚଳ କରିଦେବା ଏବଂ ସେମାନଙ୍କର ନୀତିଗତ ପ୍ରାଥମିକତା ଅନୁସାରେ ଗୁରୁତ୍ୱପୂର୍ଣ୍ଣ ବିକାଶମୂଳକ ପଦକ୍ଷେପଗୁଡ଼ିକୁ ପାଣ୍ଠି ଯୋଗାଇବା। ନିଅଣ୍ଟିଆ ଆର୍ଥିକ ସହାୟତା ଉପରେ କେନ୍ଦ୍ର ସରକାର ଅଙ୍କୁଶ ଲଗାଇବା ନିମନ୍ତେ କେନ୍ଦ୍ର ସରକାର ନିଜର କ୍ଷମତାଗୁଡ଼ିକର ଅପବ୍ୟବହାର କରୁଛନ୍ତି ବୋଲି କହିଥିଲେ ଶ୍ରୀଯୁକ୍ତ ଷ୍ଟାଲିନ୍। ତାମିଲନାଡୁ ମୁଖ୍ୟମନ୍ତ୍ରୀ ମଧ କରଜ କରିବା ଉପରେ କେନ୍ଦ୍ର ସରକାରଙ୍କ କାଟ୍ କରିବାର ନୀତିକୁ ଲଦିଦେବା ବିରୁଦ୍ଧରେ ପ୍ରତିବାଦ କରିଥିଲେ। ଏହା ଅନିବାର୍ଯ୍ୟ ଯେ ସମଗ୍ର ଦେଶ ଆର୍ଥିକ ମିତବ୍ୟୟିତାକୁ ଅନୁସରଣ କରିବା ଉଚିତ ଏବଂ ରାଜ୍ୟମାନେ ଏଥିରେ ଏକ ବଡ଼ ଭୂମିକା ନିର୍ବାହ କରିବା ଆବଶ୍ୟକ । ଏହା ଏକ ସାମୂହିକ ଏବଂ ଗଣତାନ୍ତ୍ରିକ ଉଦ୍ୟମ ହେବା ଉଚିତ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯେପରି ଅନେକ ଥର କହିଛନ୍ତି, ଏହା ସେହିଭଳି ସହଯୋଗମୂଳକ ସଂଘୀୟବାଦ ଅନୁସାରେ ହେବା ବିଧେୟ। ତେବେ ମୁଖ୍ୟମନ୍ତ୍ରୀମାନଙ୍କ ସହିତ ବୈଠକ କରିବା ଏବଂ ସମାଧାନର ବାସ୍ତବବାଦୀ ପନ୍ଥା ବାହାର କରିବା ପରିବର୍ତ୍ତେ ଶ୍ରୀଯୁକ୍ତ ମୋଦୀ ଏବଂ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ତାହା କରିବାକୁ ଆଗୁସାର ହେବା ତ ଦୂରର କଥା, ସେମିତି କିଛି କରିବାକୁ ମନା କରୁଛନ୍ତି। ସେମାନେ ଏହି ପ୍ରତିବାଦଗୁଡ଼ିକୁ 'ବିଭାଜନକାରୀ' ଏବଂ 'ବିଚ୍ଛିନ୍ନତାବାଦୀ' ମନୋଭାବର ଆଖ୍ୟା ଦେଉଛନ୍ତି। ରାଜ୍ୟମାନଙ୍କ ଦ୍ୱାରା ଉଠା ଯାଉଥିବା ପ୍ରସଙ୍ଗଗୁଡ଼ିକୁ ବୁଝିବା ନିମନ୍ତେ କେନ୍ଦ୍ର ସରକାର ଏକ ସାଧୁ ଉଦ୍ୟମ କରିବା ଉଚିତ।

# ଭାରତବାସୀଙ୍କ ଚିନ୍ତା: ଲୋକ ପ୍ରତିନିଧିଙ୍କ ଦାୟିତବୋଧତା !



### ପ୍ରଦୋଷ କୁମାର ଦାସ

ନିକଟରେ ଚଳିତ ସପ୍ତଦଶ ଲୋକସଭାର ଶେଷ ଅଧିବେଶନ ସରିଛି। ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଅଭିଭାଷଣରେ ଚଳିତ ଲୋକସଭାକୁ ଐତିହାସିକ ଦର୍ଶାଇବା ସହିତ ଏହାର ଉତ୍ପାଦକତା ପ୍ରାୟ ୯୭ ପ୍ରତିଶତ ବୋଲି ଅଭିହିତ କରିଅଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଭାଷଣରେ ବିଶେଷକରି ଲୋକଙ୍କ ଦୈନନ୍ଦିନ ଜୀବନରେ ସରକାରଙ୍କ ନିୟନ୍ତ୍ରଣ ଯେତେ କମ୍ ରହିବ, ଗଣତନ୍ତ୍ର ସେତେ ଶକ୍ତିଶାଳୀ ହେବ ବୋଲି ବିଶ୍ୱାସ ପ୍ରକଟ କରିଥିବା ପ୍ରକାଶ। ଭାରତୀୟ ଗଣତାନ୍ତ୍ରିକ ପ୍ରକ୍ରିୟାରେ ବିଗତ ନିର୍ବାଚନ ମାନଙ୍କରେ ପ୍ରତି ୫ ବର୍ଷ ପାଇଁ ସାରା ଭାରତରେ ଦଳମତ ନିର୍ବିଶେଷରେ ବିଭିନ୍ନ ରାଜନୈତିକ ଦଳରୁ ତଥା ସ୍ୱାଧୀନ ଭାବେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇ ଶେଷରେ ଗଣ ପ୍ରତିନିଧି ରୂପେ ଗଣ ମନ୍ଦିର ରୂପକ ସ୍ଥଳକୁ ପ୍ରତିନିଧିତ୍ୱ କରିବାକୁ ସୁଯୋଗ ପାଇଥାନ୍ତି। ନିର୍ବାଚିତ ଗଣପ୍ରତିନିଧି ଙ୍କର ପ୍ରତିନିଧି ସଭାରେ ଆବଶ୍ୟକ ଉପସ୍ଥିତି ତଥା ଲୋକଙ୍କ ଆଶା ଆକାଂକ୍ଷା ପୂରଣ ସହ ଆପଣା ନିର୍ବାଚନ ମଣ୍ଡଳୀ ର କଲ୍ୟାଣ ପାଇଁ ଗଠନମୂଳକ ପଦକ୍ଷେପ ନେବାକୁ ଆବଶ୍ୟକ ଆଲୋଚନା ରେ ନିଜକୁ ସମର୍ପିତ କରିବା ବିଧେୟ। ସଦନର ପ୍ରତିଟି ଅଧିବେଶନରେ ଆୟୋଜିତ ଆଲୋଚନା ପାଇଁ ନିର୍ଦ୍ଧାରିତ ଅଧିବେଶନର କାର୍ଯ୍ୟକାଳକୁ ସୁଚିନ୍ତିତ ଉପାୟରେ ପରିଚାଳନାରେ ପୂର୍ଣ୍ଣ ସହଯୋଗ ମଧ ନିତାନ୍ତ ଜରୁରୀ ଅଟେ। ଦଳୀୟ ମାନସିକତା ରହିପାରେ, ହେଲେ ଦେଶର ହିତ ଓ ସମୂହ କଲ୍ୟାଣ ପାଇଁ ବିଶେଷ ସମ୍ପୃକ୍ତି ମଧ ରହିବା ଭାରତର ଐକ୍ୟତା ଓ ସୁରକ୍ଷା ସମ୍ମାନ ପାଇଁ ଏକାନ୍ତ ଜରୁରୀ। ଏହା ଗଣତନ୍ତ୍ର ପାଇଁ ଅଶେଷ ଅବଦାନ ରଖିଥାଏ। ଏବେ ଦିନକୁ ଦିନ ଗଣପ୍ରତିନିଧିଙ୍କର ପୂର୍ଣ୍ଣ କାଳୀନ ଆବଶ୍ୟକ ଉପସ୍ଥିତି ତଥା ସେମାନଙ୍କର ଆବଶ୍ୟକୀୟ ସମ୍ପୃକ୍ତି ସହିତ ଗଣ ସଦନର ନିର୍ଦ୍ଧାରିତ ଅଧିବେଶନର ପୂର୍ଣ୍ଣ କାଳୀନ କାର୍ଯ୍ୟକାଳ ଚାଲିପାରୁନଥିବା ଭାରତୀୟ ଗଣତନ୍ତ୍ରରେ ଶୁଭଙ୍କର ନୁହେଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ବିଭିନ୍ନ ରେକର୍ଡର ତର୍ଜମା ରୁ ଜଣାପଡିଛି ଯେ, ଆମଦେଶର ଚଳିତ ସପ୍ତଦଶ ଲୋକସଭାର ଗତ ୨୦୧୯ ରୁ ୨୦୨୪ ମଧ୍ୟରେ ମୋଟ ୫ ବର୍ଷର କାର୍ଯ୍ୟକାଳ ଅବଧି ଅଧୀନ ସମୁଦାୟ ୨୭୨ ଟି ଅଧିବେଶନ ବସିଥିଲା। ଅତୀତ ଲୋକ ସଭା ଗୁଡିକର ଅନୁଷ୍ଠିତ କାର୍ଯ୍ୟକାଳ ତୁଳନାରେ ଏହା ଯଥେଷ୍ଟ କମ ବୋଲି ଆକଳନରୁ ଜଣାପଡିଛି। ମୁଖ୍ୟତଃ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଥମ ପାଳି ସରକାର ରହିଥିବା ଅମଳରେ ଐତିହାସିକ ଷୋଡ଼ଶ ଲୋକସଭା(୨୦୧୪- ୨୦୧୯) ର ସମୁଦାୟ ୩୩୧ ଅଧିବେଶନ ଠାରୁ ମଧ ଚଳିତ ସପ୍ତଦଶ(୨୦୧୪-୨୦୨୪) ଲୋକସଭାର ଅଧିବେଶନ ମଧ କମ୍ ଅବଧି ରହିଥିବା ସୂଚନାରୁ ପ୍ରକାଶ। ସେହିପରି ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ଶ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସରକାର ଅମଳରେ ତ୍ରୟୋଦଶ ଲୋକସଭା (୧୯୯୯- ୨୦୦୪) ବେଳେ ଲୋକସଭାର ସମୁଦାୟ ଅଧିବେଶନ ୩୫୬ ଟି ଅନୁଷ୍ଠିତ ହୋଇଥିଲା। ସେହିପରି ପ୍ରଧାନମନ୍ତ୍ରୀ ଶ୍ରୀ ମନମୋହନ ସିଂହଙ୍କ ନେତୃତ୍ୱରେ ଗଠିତ ୟୁପିଏ ସରକାର ଅମଳରେ ଚତୁର୍ଦ୍ଦଶ ( ୨୦୦୪-୨୦୦) ପଞ୍ଚଦଶ(୨୦୦୯-୨୦୧୪) ଲୋକସଭା ରେ ଯଥାକ୍ରମେ ୩୩୨ ଓ ୩୫୬ ଟି ଅଧିବେଶନ ବସିଥିଲା। ସୂଚନା ମୁତାବକ ଗତ ୧୯୫୨ ରୁ ୧୯୫୭ ମସିହା ମଧ୍ୟରେ ଦେଶର ପ୍ରଥମ ଲୋକସଭା ସମୟରେ ସର୍ବାଧିକ ତଥା ଅଦ୍ୟାବଧି ରେକର୍ଡ ରହିଥିବା ମୋଟ ୬୭୭ ଟି ଅଧିବେଶନ ବସିଥିଲା। ତତ୍ ପରବର୍ତ୍ତୀ ୨ୟ ଓ ୩ୟ ଲୋକସଭାରେ ଯଥାକ୍ରମେ ୫୮୧ ଓ ୫୭୮ ଟି ଅଧିବେଶନ ଅନୁଷ୍ଠିତ ହୋଇ ପାରିଥିଲା। ଏଠାରେ ଉଲ୍ଲେଖଯୋଗ୍ୟ, ମାତ୍ର ୧୩ ମାସରେ ଭାଙ୍ଗିଥିବା ଶ୍ରୀ ଅଟଳ ବିହାରୀ ବାଜପେୟୀ ଙ୍କ ସରକାର ଅମଳର ଦ୍ୱାଦଶ ଲୋକସଭା ( ୧୦ ମାର୍ଚ୍ଚ ରୁ ୨୬ ଏପ୍ରିଲ ୧୯୯୯) ରେ ସମୁଦାୟ ୮୮ଟି ଅଧିବେଶ ଅନୁଷ୍ଠିତ ହୋଇପାରିଥିଲା। ତେବେ ଏକାଦଶ ଲୋକସଭା (ଏପ୍ରିଲ/ ମେ ୧୯୯୬-୧୯୯୮) ମାତ୍ର ୨ବର୍ଷର ଅସ୍ଥିର ରାଜନୈତିକ ବାତାବରଣ ମଧ୍ୟରେ ଭାରତର ଆର୍ଥିକ ଅବସ୍ଥା ଶୋଚନୀୟ ହୋଇପଡିଥିଲା। ଝୁଲା ଲୋକସଭା ଭାବେ ଏକାଦଶ ଲୋକସଭା ଅମଳରେ ଦୁଇ ଦୁଇ ଜଣ ଦେଶର ପ୍ରଧାନମନ୍ତ୍ରୀ ରୂପେ ଶ୍ରୀ ଏଚ୍ ଡି ଦେବେଗୌଡ଼ା ଓ ଶ୍ରୀ ଇନ୍ଦର କୁମାର ଗୁଜରାଲ ଦେଶର ଶାସନ ଭାର ସମ୍ଭାଳି ଥିଲେ। ଏମାନଙ୍କ ପୂର୍ବରୁ ପ୍ରଧାନମନ୍ତ୍ରୀ ରୂପେ ଶ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସରକାର ସଦନରେ ବହୁମତ ହାରି ମାତ୍ର ୧୩ ଦିନରେ ଇସ୍ତଫା ଦେଇ ଦେଇଥିଲେ। ଏହି ସନ୍ଧିକ୍ଷଣରେ ନିର୍ବାଚିତ ଲୋକ ପ୍ରତିନିଧିଙ୍କ ସହିତ ଉକ୍ତ ଲୋକସଭାର ପୂର୍ଣ କାଳୀନ କାର୍ଯ୍ୟକାଳ ପାଞ୍ଚବର୍ଷ ପାଇଁ ଆବଶ୍ୟକ ଅଧିବେଶନ ଓ କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଦେଶର ସ୍ଥିରତା ଅପେକ୍ଷା ଦଳମତ ନିର୍ବିଶେଷରେ ବିଭିନ୍ନ ରାଜନୈତିକ ଦଳମାନେ ସେମାନଙ୍କ ଦଳୀୟ ସ୍ୱାର୍ଥ ହାସଲ ପାଇଁ ତତ୍କାଳୀନ ରାଜନୈତିକ ବାତାବରଣକୁ ଅସ୍ଥିରତା ଆଡ଼କୁ ନେଇଯାଇଥିବା ଅଭିଯୋଗ ହୋଇଥାଏ। ଫଳରେ ସେତେବେଳେ ଆମ ଦେଶକୁ ପୁଣି ଏକ ସାଧାରଣ ନିର୍ବାଚନକୁ ସମ୍ମୁଖୀନ ହେବାକୁ ପଡିଥିଲା। ଦେଶର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଏହା ମଧ ଅନୁକୂଳ ନଥିଲା। (କ୍ରମଶଃ)

# ସ୍ମୃତିରେ ଆପଣ



### କଲ୍ୟାଣୀ ନନ୍ଦ

'ସ୍ମୃତିତ ନୁହଁଇ
କେବେ ଫିଙ୍ଗିବାର
ଫିଙ୍ଗି ପାରିଲେ ସେ
ଲଭନ୍ତା ନିସ୍ତାର',

କବିବର ରାଧାନାଥ ରାୟଙ୍କର ଅମୃତ ବର୍ଷିଣୀ କଲମ ମୂନରୁ ନିଃସୃତ ଭବ୍ୟ ବାଣୀ ବାରମ୍ବାର ମନେ ପଡ଼ିଯାଏ, ଯେବେ ଯେବେ ମୁଁ ଆପଣଙ୍କର ହାତ ଗଢ଼ା ଫକୀରମୋହନ ବିଶ୍ୱ ବିଦ୍ୟାଳୟ ଚୌହଦୀରେ ମୋର୍ ଟିକି ପାଦକୁ ପକାଇ ଦିଏ। ଏତେବଡ ଚମତ୍କାର ଚିନ୍ତା କେବଳ ସେଇହିଁ କରି ପାରନ୍ତି ଯିଏ କି ନିରହଙ୍କାରୀ, ଦେଶପ୍ରେମୀ ଏବଂ ନିଜ ଜୀବନକୁ ଦେଶର କଲ୍ୟାଣ ଦିଗରେ ଉତ୍ସର୍ଗ କରିଥାଏ।

ଆପଣ ବୀର ପ୍ରସବିନୀ କୀର୍ତ୍ତିକିରୀଟିନି ଉତ୍କଳ ମାତାର ଯୋଗ୍ୟ ସନ୍ତାନ। ଜଣେ ସ୍ୱାଧୀନଚେତା ସୁଦୂରଦର୍ଶୀ ମଣିଷ ପରି ମଣିଷଟିଏ।ସମସ୍ତଙ୍କୁ ଭଲ ପାଇବା ହୃଦୟବାନ ବ୍ୟକ୍ତିଟିଏ।

ଆପଣ ଜଣେ ସ୍ୱାଧୀନତା ସଂଗ୍ରାମୀ, ଦେଶପ୍ରେମୀ ସମାଜବାଦୀ ଓଡ଼ିଆ ପୁଅ।ଅହିଂସା ଆନ୍ଦୋଳନର କର୍ଣ୍ଣଧାର ।

ଦୀନ ଦରିଦ୍ରଙ୍କ ପାଇଁ ଆପଣଙ୍କ ଆଖିରୁ ଲୁହ ଝରି ଆସୁଥିଲା ଯାହାକି ଭାଗଚାଷୀ ଆନ୍ଦୋଳନ କରି ସେଥିରେ ଜୟଯୁକ୍ତ ହୋଇ ଭାଗଚାଷୀଙ୍କର ପ୍ରାପ୍ୟ ଆପଣ ସ୍ୱହସ୍ତରେ ଦେଇ ପାରିଥିଲେ।

ତ୍ୟାଗୀବୀର ଉତ୍କଳମଣି ଗୋପବନ୍ଧୁଙ୍କର ଉକ୍ତିରେ

'ମିଶୁ ମୋର ଦେହ
ଏ ଦେଶ ମାଟିରେ
ଦେଶବାସୀ ଚାଲି
ଯାଆନ୍ତୁ ପିଠିରେ,, 'ଆପଣ

ଜୀବନ ତମାମ ପର ହିତ ଲାଗି କାର୍ଯ୍ୟ ସାଧନ କରି ଆସିଛନ୍ତି

ଆପଣ ଆପଣଙ୍କ ଜୀବନକାଳ ମଧ୍ୟରେ ନିଜ ଜୀବନକୁ ପାଣି ଛଡେଇ

ଦେଶ ଆଉ ମାଟିର ଅନେକ ଉନ୍ନତି ମୂଳକ କାର୍ଯ୍ୟ କରି ଯାଇଛନ୍ତି। ଏହି ପରିପ୍ରେକ୍ଷୀରେ ମୁଁ

କହିବି ବାସ୍ତବିକ୍,
'ମାନବ ଜୀବନ ନୁହଁଇ
କେବଳବର୍ଷମାସଦିନଦଣ୍ଡ
କର୍ମେ ଜୀଏଁ ନର
କର୍ମ ଏକା ତାର
ଜୀବନର ମାନଦଣ୍ଡ,।'
ଆପଣଙ୍କ ପାଇଁ ପଦୁଟିଏ
ନ ଗାଇ ରହି ପାରିବି ନାହିଁ।
ଭଲ ମଣିଷ ହେ
ଏ ମାଟି ମାଆର
ତୁମେ ଚିର ସ୍ମରଣୀୟ
ଜନମ ତିଥିରେ
ଶୁଭ ଲଗନରେ
ଆମରି ପ୍ରଣାମ ନିଅ,
ଅଜଣା ରାଇଜୁ
ଭାସି ଆସେ ସ୍ୱର
ଲାଗୁଛି ତୁମେ କହୁଛ
ତୁମ ଯଶ କୀର୍ତ୍ତି
ଅମଳିନ ପ୍ରୀତି
ସ୍ମୃତି ଉଖାରି ଦେଉଛ
ତୁମେ ବଟ ବୃକ୍ଷ
ଆମେ ତା' ଓହଳ
ଛାଇ ଦେଉଛି ଆଶ୍ରୟ,
ତୁମେ ଚିର ସ୍ମରଣୀୟ,
ମାଟି ଇତିହାସ ଦସ୍ତାବିଜ୍
ଦେହେ
ଦଲିଲ ରେ ଦିଶୁଛି ମୁହଁ
ତୁମରି ସଂହତି
ଉଦାରତା ନୀତି
ସ୍ମୃତିର ଅମପା ଦେହ
ଶତାବ୍ଦୀ ପୁରୁଷ
ଦରଦୀ ମଣିଷ
ତୁମେ ପ୍ରାତଃ ସ୍ମରଣୀୟ,
ବ୍ୟାସ ବିହାରରେ
ପଦ ଦେବା ମାତ୍ରେ
ଦିଶିଯାଏ ତୁମ ମୁହଁ
କେମିତି ଭୁଲିବୁ
ତୁମ ଅବଦାନ



ଝୁରୁଛି ପାଣି ପବନ
ହୋଇଲ ଅମର
ଆହେ ତ୍ୟାଗୀବୀର
ଆଶିଷ ଝରାଇ ଦିଅ,,
ତୁମେ ଚିର ସ୍ମରଣୀୟ ।

ଯୁଗ୍ମ ସମ୍ପାଦିକା, ଫକୀର ମୋହନ ସାହିତ୍ୟ ପରିଷଦ,
ବାଲେଶ୍ୱର
ମୋ : ୭୦୦୮୩୭୩୨୪୯

# ବିଜୁ ବାବୁଙ୍କୁ କେବେ ?



### ସୁବ୍ରତ କର

ଖୁବ ଭଲ ଖବର ଏବର୍ଷ ଭାରତ ସରକାର ୫ ଜଣଙ୍କୁ ଭାରତ ରତ୍ନ ଦେଶର ସର୍ବୋଚ୍ଚ ବେସାମରିକ ପୁରସ୍କାର ଦେବା ପାଇଁ ସ୍ଥିର କରିଛନ୍ତି । ଏହା ବୋଧହୁଏ ଏକ ରେକର୍ଡ ସୃଷ୍ଟି କରିଲା । ଏହା ପୂର୍ବରୁ କେବେହେଲେ ଏକା ସାଙ୍ଗରେ ୫ଜଣଙ୍କୁ ଦିଆ ହୋଇ ନଥିଲା । ୧୧୯୯ରେ ସର୍ବାଧିକ ଚାରିଜଣଙ୍କୁ ଦିଆ ହୋଇଥିଲା । ଏହାର ଆହୁରି ପୂର୍ବରୁ ୧୯୫୪, ୧୯୫୫, ୧୯୯୧, ୧୯୯୨, ୧୯୯୭ ଏବଂ ୨୦୧୯ରେ ଏକା ସାଙ୍ଗରେ ୩ଜଣଙ୍କୁ ଦିଆ ହୋଇଥିଲା । ଏ ବର୍ଷ ଯେଉଁମାନଙ୍କୁ ଦିଆ ହୋଇଛି ଏ ପର୍ଯ୍ୟନ୍ତ ନିଶ୍ଚିତ ସମସ୍ତେ ପାଇବା ପାଇଁ ହକ୍‌ଦାର । ଚୟନ ପ୍ରକ୍ରିୟାରେ କେହି ପ୍ରଶ୍ନ କରିବା ଠିକ୍ ହେବ ନାହିଁ । ଏବର୍ଷ ଆମ ରାଜ୍ୟର ୪ଜଣଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରା ହୋଇଛି । ପଦ୍ମଭୂଷଣ, ପଦ୍ମବିଭୂଷଣ ମଧ ଆମ ରାଜ୍ୟରୁ ପାଇଛନ୍ତି କିନ୍ତୁ କାହିଁକି ଭାରତ ରତ୍ନ ନୁହଁ । କେହି କଣ ଚୟନ କମିଟିକୁ ଆମ ରାଜ୍ୟର କାହାରିକୁ ଦେଖା ଗଲାନାହିଁ । ମୁଁ ଜାଣିଛି ୨୫-୩୦ବର୍ଷ ପୂର୍ବରୁ ଆମ ରାଜ୍ୟକୁ ଅଣଦେଖା କରାହେଉଥିଲା ଏବଂ ବାହାର ପ୍ରଦେଶର ଲୋକମାନେ ଆମ ରାଜ୍ୟର ଲୋକମାନଙ୍କୁ ହେୟଜ୍ଞାନ କରୁଥିଲେ । ଓଡ଼ିଶାକୁ ଜଗନ୍ନାଥର ରାଜ୍ୟ ବୋଲି କୁହା ହେଉଥିଲା ଏବଂ ଆଉ ଗୋଟାଏ ପରିଚୟ ଥିଲା ପଟ୍ଟନାୟକର ରାଜ୍ୟ । ଏହି ପଟ୍ଟନାୟକ ବିଜୁ ବାବୁଙ୍କୁ ବୁଝାଉଥିଲା ଏବଂ ସେତେବେଳେ ଆମର ଗର୍ବରେ ଛାତି କୁଣ୍ଢେମୋଟ ହୋଇଯାଉଥିଲା । ବିଜୁ ବାବୁ ଥିଲେ ସବୁଥିରେ ଆଗୁଆ ୧୯୪୮ ମସିହା ପାଖରୁ ଯଦିବି ରାଜନୀତିରେ ସକ୍ରୀୟ ଭାଗ ନେଇ ନଥିଲେ କିନ୍ତୁ ଅନ୍ୟାନ୍ୟ କାର୍ଯ୍ୟପାଇ ଇଣ୍ଡୋନେସିଆ ଭଳି ଦେଶ ତାକୁ ଭୂମିପୁତ୍ର ନାମରେ ନାମିତି କରିଥିଲେ । ସେ ପ୍ରଥମ ପ୍ରଧାନମନ୍ତ୍ରୀଙ୍କର ଅତି ପ୍ରିୟପାତ୍ର ଥିଲେ ଏବଂ ଇନ୍ଦିରାଗାନ୍ଧୀଙ୍କର ମଧ ଅତି ପ୍ରିୟ ଥିଲେ । ସେ ଥିଲେ ଆଧୁନିକ ଓଡ଼ିଶାର ନିର୍ମାତା । ସେ ଦୁଇ ଦୁଇ ଥର ରାଜ୍ୟର ମୁଖ୍ୟମନ୍ତ୍ରୀ ଥିଲେ ଏବଂ ଦୁଇ ଦୁଇଥର ଦେଶର ମଧ ମନ୍ତ୍ରୀ ଥିଲେ । କଂଗ୍ରେସ ଦଳ ହାରିଗଲା ପରେ ତାଙ୍କର ଯଥେଷ୍ଟ ସମ୍ଭାବନା ଥିଲା ଦେଶର ପ୍ରଧାନମନ୍ତ୍ରୀ ହେବା ପାଇଁ କିନ୍ତୁ ଜଗନ୍ନାଥ କାହିଁକି ଚାହିଁଲେ ନାହିଁ ଜଗନ୍ନାଥଙ୍କୁ ହିଁ ଜଣା । ପ୍ରଧାନମନ୍ତ୍ରୀ ହେବା ପାଇଁ ତାଙ୍କ ପାଖରେ ସବୁ ପ୍ରକାରର ଗୁଣ ଥିଲା କିନ୍ତୁ ରାଜନୀତିର ପଶାଖେଳ ଭିତରେ ସେ ହଜି ଯାଇଥିଲେ । ରାଜ୍ୟରେ ବଞ୍ଚିଥିବା ପର୍ଯ୍ୟନ୍ତ ଓଡ଼ିଆଙ୍କ କଥା ଚିନ୍ତା କରୁଥିଲେ ଏବଂ ଓଡ଼ିଶା କଥା ମଧ । ଏପରିକି କଲିକତାଠାରେ ଥିବା ଓଡ଼ିଆବାସୀଙ୍କ କଥା ମଧ ବୁଝୁଥିଲେ । ରାଜ୍ୟ ପାଇଁ ଓଡ଼ିଆ ଜାତି ପାଇଁ ଦେଶପାଇଁ ତାଙ୍କର ଅବଦାନ କେହି କେବେହେଲେ ଭୁଲି ପାରିବେ ନାହିଁ । ଭାରତ ସରକାରଙ୍କୁ ଆମର ଅନୁରୋଧ ଏହି ୬ ଫୁଟିଆ ଭଦ୍ରଲୋକଙ୍କୁ ଯଥାଶୀଘ୍ର ଭାରତ ରତ୍ନରେ ନାମିତ କରିବା ଉଚିତ ଏବଂ ଏହାଦ୍ୱାରା ରାଜ୍ୟରେ ଥିବା ସାଢ଼େ ୪କୋଟି ଲୋକଙ୍କୁ ଆତ୍ମସନ୍ତୋଷ ମିଳିବ ଏବଂ ଏହାପାଇଁ ସମସ୍ତେ ଚେଷ୍ଟା କରିବା ନିହାତି ଦରକାର ।




### ସୁଖ-ଦୁଃଖ
**ସୁଧୀର ମେହେର**

କେବେ କେବେ
ତୋ' ସାଥେ ଦେଖା ହୁଏ ।

ତୁ,
ଦମକାଏ ପବନ ପରି ଆସୁ,
ମିଠା ମିଠା ମହକରେ କିଛିକ୍ଷଣ
ମହକେଇ
ପୁଣି ଚାଲିଯାଉ ।

ଦମକାଏ ପବନରେ କ'ଣ
ନିଶ୍ୱାସକୁ ଭରଣ କରିହୁଏ
ନା,
ଚିରକାଳ ବଞ୍ଚି ହୁଏ !

ପ୍ରତିଥର,
କୋଉଠି ଛକି ବସି ଥାଏ କେଜାଣି!
ତୁ ଯିବା ମାତ୍ରକେ ହିଁ
ସେ ପନ୍‌ଝା ମେଲେଇ ଝାମ୍ପି ବସେ,
ଓଦା ଦେହରୁ ସବୁତକ ରକତ ଶୋଷି
ଶୁଖିଲା ଗଣ୍ଡିଟିଏ କରି
ରାସ୍ତା କଡରେ ପକେଇ ଦିଏ,
ଖେଦି ବସିଲେ ବି
ଚାଖଣ୍ଡେ ଘୁଞ୍ଚେନି,
ଟାଣି ଓଟାରି ନଙ୍ଗଳା ଠିଆ କରେଇ
ଦିଏ
ମଝି ଦାଣ୍ଡରେ ।

ସତ କହିବ-ତମ ଦି'ଜଣଙ୍କର
କ'ଣ ଜମା ପଡେନି !
କେହି କାହାର ଛାଇ ମାଡନି !
ନା
ତମେ ଦୁହେଁ ସଉତୁଣୀ ?

ଚିଟୈଗୁଡା,ଜୁନାଗଡ,
କଳାହାଣ୍ଡି,ପିନ୍-୭୬୬୦୧୪
ମୋ: ୯୫୮୩୫୮୮୮୭

### ଶୀତ କରେ ପରା ସଂସାର ହିତ
**ଜଗଦୀଶ ସାହୁ**

ଶୀତ ପ୍ରଭାତରେ ଗୀତ ଗାଇବା
କଅଁଳ ଖରାରେ ଦେହ ଧୋଇବା
ଗରମ ଗରମ ଖାଦ୍ୟ ଖାଇବା
ତେବେ ସିନା ଶୀତ ମଜା ପାଇବା !

ପୋଖରୀ ପାଣିରୁ ଉଠଇ ଧୂଆଁ
ବାଡ଼ିରେ ଲାଗିଛି ଲଙ୍କା ଧନିଆଁ
ରାଶି ପକେଇ ମା' କରିଛି ମୁଆଁ
ବାପାଙ୍କୁ କହୁଛି ଖାଉନ କିଆଁ !

ଗଛରେ ପାଚିଛି ବଅଁରକୋଳି
ଜେଜେମା ଆମର ଖାଆନ୍ତି ତୋଳି
ଫୁଲ ଫୁଟିଅଛି ଭଳିକିଭଳି
ତା'ସଙ୍ଗରେ ଗେଲ ହେଉଛି ଅଳି !

ପାକୁଆ ପାଟିରେ ରସ ଗିନାରେ
ଜେଜେ ଚାହା ପିଉଛନ୍ତି ଅନାରେ
ଇଟିଲି ଘୁଗୁନି ଶାଳ ଦନାରେ
ଖାଆନ୍ତୁ ସେ କରନାହିଁ ମନାରେ !

ଶୀତ କରେ ପରା ସଂସାର ହିତ
ଶୀତ ସଙ୍ଗେ ଆମେ ବସିବା ମିତ
ଶୀତ ଋତୁ ଅନ୍ତେ ଆସେ ବସନ୍ତ
ଚଉଦିଗେ ଶୁଭେ କୋଇଲି ଗୀତ !

ସଂଜପଡା, ହିନ୍ଦୋଳ
ଢେଙ୍କାନାଳ,୭୫୯୧୨୮
ମୋ :-୯୦୭୮୧୮୫୬୧୬

### ବୁଢ଼ିଆଣୀ
**ଡ. ଦୀପକ କୁମାର ମିଶ୍ର**

ଶୂନ୍ୟତାରେ ବସେଇଚି ଫାଶ
ଅନେଇଚି କ୍ଷୁଧାତୁର ପ୍ରାଣନେଇ
ଡେଣାଭାଙ୍ଗି ପଡ଼ିଯିବ କାଳେ କେଉଁ
କୀଟ,
ଧୈର୍ଯ୍ୟଭଙ୍ଗ ହୋଇହୋଇ
ଚାଟେବସି ନିଜର ମାଉଁସ
ଖାଦ୍ୟ ଯିଏ ଖାଦକ ବି ସିଏ
ଏହା ବୋଧେ ନିୟତିର କ୍ରୂର
ଅଭିଧାନ।
ସନ୍ୟାସୀ ପରି ଯୋଗମୁଦ୍ରାରେ
ଅନେଇଚି ଝିଟିପିଟି ବ୍ୟାଧ
ଶୁଭେ ଏଇ ଅଳନ୍ଧୁ କୋଣରୁ
ଠିକ୍ ଠିକ୍ କହୁଥିବା ତା'ର କଟାକ୍ଷ ଓ
ହସ
ନିଜେ ରଚିଥିବା ଚକ୍ରବ୍ୟୁହର ଭିତରେ
ଫସିରହିଥାଏ ଛାର ଶିକାରୀ
ଜୀବନ ।
ଭଙ୍ଗାଚାଳ ବାଟଦେଇ ବୋହିଆସେ
ଧାରେଧାରେ ଆଲୁଅର ନଈ
ନା ଭାସିଆସେ ମାଛ ଅବା ମାଛର
କଙ୍କାଳ
ନିଜ ଜାଲରେ ଛନ୍ଦିହୋଇ ଧୀବର
କହୁଚି
କିଏ ଆସି ଚକ୍ରପେଶି
କରିଦିଅ ଝିଟିପିଟି ନାଶ ।
ଦଲକାଏ ପବନକୁ ପାଏନି ନିଶ୍ୱାସ
ତଥାପି ତ ମେଲିଦିଏ ଆଶା
ବୈତରଣୀ
କାଳେ ଯଦି ପଡ଼ିଯିବ ଉଡ଼ନ୍ତା
ପିମ୍ପୁଡ଼ିଟିର
ଝଡ଼ିଥିବା ଅତିକ୍ଷୁଦ୍ର ପର ।

ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

### ଆସୁଛି ଋତୁ ବସନ୍ତ
**ସୁହଂସ ଭୋଇ**



ମଳୟ ସମୀର ଆଣିଛି ଖବର
ଆସୁଛି ଋତୁ ବସନ୍ତ
ତରତର ହୋଇ ବାଟ ଛାଡିଲାଣି
ଅଧୀରେ ଚପଳା ଶୀତ

ହଳଦୀ ବସନ୍ତ ଦେଲାଣି ବାରତା
ବୁଲି ବନ ନଈକୂଳ
ବହଳ ସବୁଜ ପତର ଭିତରେ
ଡାକୁଛି ଥାଇ କୋକିଳ

ଚଞ୍ଚଳ ସକାଳ ଦୁର୍ବାଦଳ କୋଳେ
ସିଞ୍ଚି ଦେଇ ଅଛି ଜଳ
ଗୁନ୍ଥି ଅଛି ଅତି ଯତନରେ ବିଲ
ସୋରିଷ ଫୁଲର ମାଳ

କୁଳୁକୁଳୁ ନାଦେ ବହେ କୂଳବତୀ
ଗାଇ ମଧୁର ସଙ୍ଗୀତ
ଫୁଲରେ ସଜେଇ ହୋଇଛି ଧରିତ୍ରୀ
କରିବ ବୋଲି ସ୍ୱାଗତ

ହୃଦୟ ଅଗଣା ଖୋଲା ରଖିଅଛି
ନିର୍ମଳ କରି ଅମ୍ବର
ହରଷ ମନରେ ବୁଣିଛି ଯାମିନୀ
ଜହ୍ନର ଶୀତଳ କର

ଆତୁରେ ପଥକୁ ଚାହିଁ ରହିଅଛି
ଆମ୍ବ ଡାଳରେ ବଳ୍କଳ
ବ୍ୟାକୁଳେ କଅଁଳ ପଲ୍ଲବ କହୁଛି
ଆସନ୍ତେ କି ସେ ସଅଳ

ପହଣ୍ଡି,ବରଗଡ଼

# ଭାଲେଣ୍ଟାଇନ୍ ଡେ ଭୂତ



ଲଳିତ ମୋହନ ମିଶ୍ର



ପ୍ରେମ ପାଇଁ କୌଣସି ନିର୍ଦ୍ଧାରିତ ବୟସ ନାହିଁ । ତେଣୁ ପ୍ରେମ ଦିବସ ପାଳନ କରିବାରେ ଅଛି ଅସୁବିଧା ନାହିଁ। ଏ ବିଷୟରେ ଚିନ୍ତା କରି ମୁଁ ଯେତେବେଳେ ଭାଲେଣ୍ଟାଇନ୍ ବାବାଙ୍କ ବ୍ରତ ରଖିବାକୁ ଚାହିଁଲି, ସେତେବେଳେ କି କି ସମୟ ଅବସ୍ଥା ଦେଇ ଏ ମଣିଷକୁ ଗତି କରିବାକୁ ପଡିଲା... ।

ପ୍ରତିବର୍ଷ ଫେବ୍ରୁଆରି ମାସ ଦ୍ୱିତୀୟ ସପ୍ତାହରେ ଏକ ଭିନ୍ନ ପ୍ରକାରର ରୋମାଞ୍ଚ ମନରେ ସୃଷ୍ଟି ହୋଇଥାଏ । କିନ୍ତୁ ପ୍ରତିଥର ବୟସର ଆଢୁଆଳରେ ଏବଂ ପତ୍ନୀଙ୍କ ଅନିଚ୍ଛାକୃତ ଭାବ ଭିତରେ ମୋ ମନର ପ୍ରେମପକ୍ଷୀ ଉଡାଇ ଦେଉଥିଲି । ଗତବର୍ଷ ମନରେ ବହୁତ ବିଚାର କରି ଭାଲେଣ୍ଟାଇନ୍ ବାବାଙ୍କ ଦରବାରରେ ଉପସ୍ଥିତ ହେବା ପାଇଁ ପ୍ରତିଜ୍ଞାବଦ୍ଧ ହେଲି । ଜୀବନର ଶେଷ ପର୍ଯ୍ୟାୟରେ ଏହା ଆନନ୍ଦ ଉଲ୍ଲାସ ଏବଂ ରୋମାଞ୍ଚ ଭରି ଦେଉ ଏହି ସଂକଳ୍ପ ନେଇ ଆଗେଇ ଚାଲିଲି । ଲୋକମାନେ ତ ଭାଲେଣ୍ଟାଇନ୍ ଡେ ସପ୍ତାହ ପାଳନ କରୁଅଛନ୍ତି । ଆମେ ତ ପ୍ରେମର ଏକ ଅଂଶ ପାଳନ କରିବା, କାହିଁକି ହୋଇ ପାରିବ ନାହିଁ ଭାବି ଆଗେଇ ଚାଲିଲି । ଏହା ପୂର୍ବରୁ ଏ ଭାଲେଣ୍ଟାଇନ୍ ଡେ କଣ ? ସେ ସମ୍ବନ୍ଧରେ ପତ୍ର ପତ୍ରିକା , ଖବରକାଗଜ, ଇଣ୍ଟରନେଟ ମାଧ୍ୟମରୁ ଜାଣିଲି ଶୁଣିଲି ଅନୁଭବ କରିବାକୁ ପ୍ରୟାସ କଲି ।

ଆମେ ଆଗକୁ ବଢ଼ିବା ପୂର୍ବରୁ, ଏ ବିଷୟରେ ଟିକେ ସୂଚନା ଦେଉଛି । ମୋର ବୟସ ୬୦ ବର୍ଷ, ପତ୍ନୀଙ୍କ ବୟସ ୫୬ ଆମର ବିବାହ ପ୍ରାୟ ୩୨ ବର୍ଷ ହେଲା ହେଲାଣି । ବୟସ ସିନା ଅପରାହ୍ନରେ କିନ୍ତୁ ପ୍ରେମ କରିବା ପ୍ରେମ ଦିବସ ପାଳନ କରିବାର ଉଦ୍ଦାମତା ହୃଦୟ ମଧ୍ୟରେ ଏକ ଯୁବ ସୁଲଭ । ଆଉ ଭାଲେଣ୍ଟାଇନ୍‌ରେ ନିଶ୍ଚୟ କିଛି କରିବି ବୋଲି ଧାରଣା ରଖିଲି । ପିଲାମାନଙ୍କ ବିଷୟରେ କହିଲେ, ଆମର ଦୁଇ ଅବିବାହିତ ପୁଅ ଅଛନ୍ତି। ଯେଉଁମାନେ ଚାକିରୀ କରିଥିବାରୁ ଆମଠାରୁ ଦୂରରେ ଅନ୍ୟ ସହରରେ ରୁହନ୍ତି । ମୁଁ ଆଉ ଅଧିକ ଜଞ୍ଜାଳ ନ ଯାଇ, ମନର କଥା ପ୍ରତି ଧ୍ୟାନ ଦେଲି । ଭାଲେଣ୍ଟାଇନ୍ ଡେ ସପ୍ତାହ ପାଳନ କରିବା ପାଇଁ, ମୁଁ ପୁରା ଏକ୍ସେଲ ସିଟ୍ ପ୍ରସ୍ତୁତ କରିଥିଲି । ଅର୍ଥାତ୍ ଫେବ୍ରୁଆରି ୭ତାରିଖରୁ ଆରମ୍ଭ ହୋଇ ଫେବ୍ରୁଆରି ୧୪ ତାରିଖରେ ଶେଷ ହେବ। ପ୍ରେମର ଏହି ମହାନ୍ ପର୍ବ ପ୍ରତିଦିନ ଏକ ଏକ ଭିନ୍ନ ଏବଂ ଆଶ୍ଚର୍ଯ୍ୟଜନକ। କିନ୍ତୁ ଫେବ୍ରୁଆରି ପହିଲାରୁ ମୋତେ ଏହି ବ୍ରତ ପାଳନ କରିବାକୁ ପଡ଼ିଲା। ତେଣୁ ମୁଁ ସୋସିଆଲ ମିଡିଆ, ୟୁଟ୍ୟୁବ ଏବଂ ଗୁଗୁଲରେ ଭାଲେଣ୍ଟାଇନ୍ ସମ୍ବନ୍ଧୀୟ ସମସ୍ତ ବିଷୟବସ୍ତୁ ଖୋଜିଲି । ମୁଁ ଏମିତି କାମ କରିବି ଯାହା କି ଆଜି ପର୍ଯ୍ୟନ୍ତ କେହି କରିନାହାଁନ୍ତି । ଏବଂ ପ୍ରେମର ମହୋତ୍ସବକୁ ମୁଁ ଇତିହାସର ସ୍ୱର୍ଣ୍ଣାମ ଅକ୍ଷରରେ ମୋ ନାମକୁ ଲିପିବଦ୍ଧ କରିପାରିବି । ତେବେ ପ୍ରେମ ଦିବସର ପ୍ରଥମ ଦିନଟି ଅତି ଉତ୍ସାହ ଉତ୍କଣ୍ଠା ନେଇ ଆସିଲା । ଯୋଜନା ଅନୁଯାୟୀ, ପ୍ରଥମ ଦିନର ପ୍ରେମ ମାର୍ଗଟି ତାଙ୍କ ହୃଦୟକୁ ସ୍ପର୍ଶ କରିବାକୁ ହେଲେ ଉଦର ଦେଇ ଯିବାକୁ ପଡ଼ିବ । ଧର୍ମପତ୍ନୀ ଆମର ସାମାନ୍ୟ ଚଟୋରୀ ପ୍ରଜାତିର । ତେଣୁ ତାଙ୍କୁ ଦୁଇ ତିନୋଟି ସିଙ୍ଗଡା କିମ୍ବା ଏକ ପ୍ଲେଟ୍ ଚାଟ୍ । ସନ୍ଧ୍ୟାରେ ପାର୍କ ବୁଲି ଯିବା ବାହାନାରେ ଘରୁ ବାହାରି ସିଧା ଗାଙ୍ଗୁରାମ ମିଠା ଦୋକାନରେ ପହଞ୍ଚିଲି । ଦୋକାନୀକୁ ଚାରି ପାଞ୍ଚଟି ସିଙ୍ଗଡା ପ୍ୟାକ୍ କରିବାକୁ କହିଲି । ମୁଁ ଘରେ ପହଞ୍ଚିଲା ବେଳକୁ ଘର ଭିତରେ ୩-୪ ଜଣ ମହିଳାଙ୍କ ସହିତ ଧର୍ମପତ୍ନୀ ହସର ଆସର ଜମେଇ ଦେଇଛନ୍ତି । ମୋ ହୃଦୟରେ ଖଣ୍ଡା ଚାଲୁଥିବା ପରି ମନେ ହେଉଥିଲା । ମୁଁ ହାତରେ ନେଇଥିବା ସିଙ୍ଗଡାଉ ପ୍ୟାକେଟ୍‌ଟିକୁ ଲୁଚାଇବାକୁ ଆଉ ଜାଗା ନଥିଲା । ମୁଁ ଘରେ ପ୍ରବେଶ କରୁ କରୁ ଦେଖିଲି, ପତ୍ନୀ ତିନି ଜଣ ସାଙ୍ଗଙ୍କ ସହିତ ହସିବାରେ ବ୍ୟସ୍ତ । ମୋତେ ଦେଖି କହିଲେ - ଆରେ ! ତୁମେ ତ ବହୁତ ଶୀଘ୍ର ଆସିଗଲ ? ଆରେ ! ତୁମ ହାତରେ ଏ କ'ଣ ? ମୁଁ କଣ କହିବି, କଣ କରିବି କିଛି ଭାବି ପାରିଲି ନାହିଁ । ପ୍ୟାକେଟରେ ଥିବା ଏ ସିଙ୍ଗଡା ସାମାନ୍ୟ ନୁହେଁ, ଏହା ଆମ ଭାଲେଣ୍ଟାଇନ୍ ଡେ ପର୍ବର ପ୍ରଥମ ଭୋଗ । ଯାହାକୁ ମୁଁ ଅତି ଯତ୍ନରେ ମୋର ପ୍ରିୟଙ୍କୁ ଅର୍ପଣ କରିବାକୁ ଆଣିଛି । । ସ୍ତ୍ରୀ ମୋ ହାତରୁ ପ୍ୟାକେଟ୍‌ଟି ଛଡେଇ ନେଇ ଖୋଲିଲେ । ପ୍ୟାକେଟ୍‌କୁ ଦେଖି ଖୁସି ହୋଇଗଲେ । ବାଃ ତୁମେ କେମିତି ଜାଣିଲ ଯେ ମୋର ସାଙ୍ଗମାନେ ଆସିଛନ୍ତି ? ଆରେ... ରମା, ଗୀତା, ସୀତା, ନୀତା... ନିଅ ନିଅ.. ଆମର ପତିଦେବ ଗରମ ଗରମ ସିଙ୍ଗଡା ଆମ୍ଭମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ଆଣିଛନ୍ତି।

ତାଙ୍କ ପ୍ରଶଂସନୀୟ ଚାହାଣୀ ବଦଳରେ ମୁଁ ଉପରକୁ ଚାହିଁ ହସିଲି, ମୋ ଭିତରେ ଏକ ହୃଦୟ ଥିଲା ତାହା ଚିତ୍କାରକାରୀ ବିଲେଇ ପରି । ମୋ ମନର କୌଣସି କୋଣରେ ଏକ ପୁରୁଷାତ୍ମକ ଭାବ ହସ ଆସିଲା ନାହିଁ । ମୁଁ ଜଣେ ଦେବୀଙ୍କୁ ଭୋଗ ଅର୍ପଣ କରିବାକୁ ଗଲା ବେଳକୁ ତିନି ତିନି ଜଣ ଦେବୀ ବୋନସ୍‌ରେ ମିଳୁଛନ୍ତି । କିନ୍ତୁ ମୁଁ ଜଣେ ଦକ୍ଷ ଖେଳାଳି, ଏହିଭଳି ଅଭିବ୍ୟକ୍ତି ମନରେ ଆଦୌ ଆସିଲା ନାହିଁ ।

ଠିକ୍ ଅଛି, ମୁଁ ଦ୍ୱିତୀୟ ଦିନ ନଷ୍ଟ କରିବି ନାହିଁ । ଯୋଜନା ଅନୁଯାୟୀ ପରଦିନ ସନ୍ଧ୍ୟାରେ, ପତ୍ନୀଙ୍କୁ ସନ୍ଧ୍ୟା ବୁଲି ଯିବାକୁ ଅନୁରୋଧ କଲି । ପତ୍ନୀ ସାମାନ୍ୟ ହଁ ନାହିଁ ମଧ୍ୟରେ ମୋ ସାଥିରେ ଚାଲିଲେ । କିଛି ବାଟ ଚାଲିଲା ପରେ ଗାଙ୍ଗୁରାମ ମିଠା ଦୋକାନଟି ଆସିଗଲା । ଆଜି ଏଠାରେ କ'ଣ କିଣିବେ ବୋଲି ପତ୍ନୀ ଆଶ୍ଚର୍ଯ୍ୟ ହୋଇ ପଚାରିଲେ ? ତା'ପରେ ମୁଁ ଦୁଇ ପ୍ଲେଟ୍ ଚାଟ୍ ମଗାଇ ପତ୍ନୀଙ୍କୁ ଧରାଇ ଦେଲି। ଏବଂ ରୋମାଣ୍ଟିକ୍ ମୁଡ୍‌ରେ ପତ୍ନୀଙ୍କ ଚିନ୍ତାଧାରା ଖୋଜିବା ଆରମ୍ଭ କଲି ।

କୁହାଯାଏ ଯଦି ତୁମର ଭାଗ୍ୟ ଖରାପ, ତେବେ ଯେ କୌଣସି ସ୍ଥାନକୁ ଯିବ, ସବୁ ଅଶୁଭ। ଚାଟ୍ ପ୍ଲେଟ୍ ଆସିବା ପୂର୍ବରୁ ପତ୍ନୀଙ୍କ ସେହି ତିନି ସାଙ୍ଗ ପୁଣି ଦୁର୍ଭାଗ୍ୟ ବଶତଃ ସେହି ଦୋକାନରେ ଦେଖା ହୋଇଗଲେ। ଆମକୁ ଦେଖି ଜଣେ ସେଥିରୁ କହିଲା - ଆରେ ! ଆପଣ ଦୁହେଁ ଏଠାରେ... କଥା କ'ଣ... ତିନିଜଣ ଯାକ ପାଖରେ ଥିବା ଚେୟାରକୁ ଭିଡି ଆଣି ବସିଲେ । ବାନ୍ଧବୀ ମାନଙ୍କ ଆଗମନରେ ପତ୍ନୀ ବେଶୀ ଖୁସି ଥିଲେ । କିନ୍ତୁ ମୋ ହୃଦୟଟି ଖାଲି ଜଳି ପୋଡି ଯାଉଥିଲା । ଠିକ୍ ଅଛି, ମୁଁ ପୁଣି ତିନି ପ୍ଲେଟ୍ ଚାଟ୍ ଅର୍ଡର କଲି ।

ବ୍ରତର ତୃତୀୟ ଦିନରେ ମୁଁ ଭାବିଲି ଯେ ଆଜି ମୁଁ କାହାକୁ ମୋର ତପସ୍ୟା ଭାଙ୍ଗିବାକୁ ଦେବି ନାହିଁ । ଏପରି କିଛି କରିବି ଯେଉଁଥିରେ କେହି ହସ୍ତକ୍ଷେପ କରିପାରିବେ ନାହିଁ । ପତ୍ନୀଙ୍କୁ ମଧ ଶାଢୀ ବହୁତ ପସନ୍ଦ । ତେଣୁ ଭାବିଲି, ତାଙ୍କ ପାଇଁ ଏକ ସୁନ୍ଦର ଶାଢୀ ଆଣି ତାଙ୍କର ମନ ଖୁସି କରିବି । ମୁଁ ବ୍ୟାଙ୍କ ଯିବାର ବାହାନା କରି ପତ୍ନୀଙ୍କ ପାଇଁ ଏକ ସୁନ୍ଦର ଶାଢୀ କିଣିଲି ଏବଂ ତାହାକୁ ଭଲ ଭାବରେ ପ୍ୟାକ୍ କରି ଘରକୁ ଆଣିଲି । ପତ୍ନୀଙ୍କୁ ଶାଢୀଟି ଦେଲି, ସେ ଆଶ୍ଚର୍ଯ୍ୟ ହୋଇଗଲେ । ସେ ପ୍ରଥମେ ଖୁସି ହେଲେ । ତା'ପରେ କହିଲେ, ବର୍ତ୍ତମାନ ତ କୌଣସି ପର୍ବ ପର୍ବାଣୀ ନାହିଁ ... । କହି ପ୍ୟାକେଟଟି ଖୋଲି ଦେଖି କହିଲେ - ଓଃ... ଏହି ରଙ୍ଗର ଏହି ଡିଜ଼ାଇନର ଶାଢ଼ୀଟି ପରା ସନା ଭଉଣୀ ମୀନୁ ମୋ ପାଇଁ ଦୀପାବଳିରେ ବାଙ୍ଗାଲୋରରୁ ଆଣି ଦେଇଥିଲା । ମୋର ସମସ୍ତ ଆନନ୍ଦ ବିଷାଦରେ ପରିଣତ ହେଲା । ସମସ୍ତ ଉତ୍ସାହ ଚୁରମାର ହୋଇଗଲା। କାରଣ ଶାଢୀ ବର୍ତ୍ତମାନ ପରିବର୍ତ୍ତନ ହୋଇପାରିବ ନାହିଁ । ମୁଁ ମୋ ପସନ୍ଦର ଶାଢ଼ୀ ବାଛିକରି ଆଣିଲା ବେଳକୁ ଆଳୁ ଭିତରେ ମାରୁ । ତଥାପି ମୁଁ ସାହସ ନ ହରାଇ କହିଲି, ଆରେ...

ମୁଁ ତୁମ ପାଇଁ ଆଉ ଏକ ଶାଢୀ ଆଣିଦେବି । କିନ୍ତୁ ପତ୍ନୀ ସ୍ପଷ୍ଟ ମନା କରି କହିଲେ, ଥାଉ... ଏବେ ନାହିଁ । ମୁଁ ହୋଲିରେ ମୀନୁକୁ ଏ ଶାଢୀଟି ଦେଇଦେବି । ତୃତୀୟ ଦିନରେ ମଧ ପ୍ରେମର ଦେବୀଙ୍କୁ ମୋର ଅର୍ପଣ ପ୍ରାପ୍ତ ହେଲା ନାହିଁ । ଏଥର ଚତୁର୍ଥ ଦିନରେ ମୋର ଅଗ୍ନି ପରୀକ୍ଷା ହୋଇଥିଲା । ମୋତେ ଯେ କୌଣସି ପରିସ୍ଥିତିରେ ମୋ ପ୍ରେମକୁ ପରୀକ୍ଷା ଦେବାକୁ ପଡ଼ିବ । ଦୀର୍ଘ ଦିନ ବିତିଯାଇଥିଲେ ମଧ ଆମେ ସିନେମା ଦେଖିବାକୁ ପ୍ରେକ୍ଷାଳୟକୁ ଯାଇ ନ ଥିଲୁ । ପତ୍ନୀ ଏକଦା ଫିଲ୍ମ ଦେଖିବାକୁ ବହୁତ ଭଲ ପାଉଥିଲେ । ନୂତନ ଭାବରେ ମୁକ୍ତିଲାଭ କରିଥିବା ଚଳଚ୍ଚିତ୍ର ପାଇଁ ଅନଲାଇନରେ ଦୁଇଟି ଟିକେଟ୍ ବୁକ୍ କରିଦେଲି । ତାଙ୍କୁ ଏକ ସର୍ ପ୍ରାଇଜ୍ ଦେବି ବୋଲି ଭାବିଲି । ଘରକୁ ଯାଇ କହିଥିଲି, ଆଜି ଆମେ ଗୋଟିଏ ଯାଗାକୁ ବୁଲିବାକୁ ଯିବା , ଆମେ ଘରେ ବସି ବସି ବିରକ୍ତ ହୋଇଗଲେଣି । ପତ୍ନୀ ବି ସଙ୍ଗେ ସଙ୍ଗେ ପ୍ରସ୍ତୁତ ହୋଇଗଲେ । ମୁଁ କହିଲି ଆମେ ବୁଲିବାକୁ ଯାଉନାହେଁ, ବରଂ ଏକ ଚଳଚ୍ଚିତ୍ର ଦେଖିବାକୁ ଯାଉଛେ । ଏହା ଶୁଣି ପତ୍ନୀଙ୍କ ମୁଡ୍ ଖରାପ ହୋଇଗଲା । ସେ ମୋ ଆଡ଼କୁ ଘୃଣା ମିଶ୍ରିତ ଚକ୍ଷୁରେ ଚାହିଁ କହିଲେ, ସିନେମା ଆଜିକାଲି ଆଉ କିଏ ପ୍ରେକ୍ଷାଳୟରେ ଦେଖୁଛି ? ତା'ପରେ ମୁଁ ଗତକାଲି ସେହି ସିନେମାକୁ ମୋବାଇଲ୍ ରେ ଦେଖିଛି । କ'ଣ କରିବି... ଟିକେଟ୍ ଆଉ ବାତିଲ ହୋଇପାରିଲା ନାହିଁ । ତେଣୁ ଟଙ୍କା ବୁଡ଼ି ଗଲା ଏବଂ ପପକନ୍ ଖାଇ ସିନେମା ଦେଖିବାର ସ୍ୱପ୍ନ ମଧ ଅଧୁରା ରହିଗଲା। ମୋର ସମସ୍ତ ଆତ୍ମବିଶ୍ୱାସ ହଜିଗଲା । ମୁଁ ଗୋଟିଏ ପରେ ଗୋଟିଏ ଭୁଶୁଡ଼ି ପଡ଼ିଥିବା ଚିନ୍ତାଧାରା ସାମ୍ନାରେ ଅସହାୟ ହୋଇ ପଡ଼ିଥିଲି । କିନ୍ତୁ ଦେବୀ ଜାଣନ୍ତି ନାହିଁ ସେ କେଉଁ ଭକ୍ତଙ୍କୁ ଭେଟିଛନ୍ତି । ଏବେ ଭାଲେଣ୍ଟାଇନ୍ ଡେ ସପ୍ତାହ ଆରମ୍ଭ ହେବାକୁ ଆହୁରି ତିନି ଦିନ ବାକି ଥିଲା । ଭାବିଲେ ଏହି ତିନି ଦିନରେ କିଛି ବଡ଼ କରି ଦେଖାଇବି । ମୁଁ ନିକଟସ୍ଥ ଏକ ହୋଟେଲରେ ଏକ ରୁମ୍ ବୁକ୍ କଲି ଏବଂ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ମୋ ପତ୍ନୀଙ୍କୁ ସମୟ ପୂର୍ବରୁ ସରପ୍ରାଇଜ୍ ଦେଲି । ପତ୍ନୀ ଏହା ଶୁଣି ବହୁତ ଖୁସି ହୋଇଥିଲେ, କିନ୍ତୁ ସେହି ରାତିରେ ମୋତେ ଜ୍ୱର ହୋଇଗଲା । ସମସ୍ତ କାର୍ଯ୍ୟକ୍ରମ ବାତିଲ ହୋଇଯାଇଥିଲା । ଯାହାକୁ ମୋ ପତ୍ନୀ ମୋଠାରୁ ଅଧିକ ଦୁଃଖିତ ଥିଲେ । କାରଣ ସେ ତାଙ୍କର ରିସୋର୍ଟ ପ୍ଲାନକୁ ତାଙ୍କ ସୋସିଆଲ ମିଡିଆ ଷ୍ଟାଟସରେ ସାର୍ବଜନୀନ କରିଦେଇଥିଲେ ।

ତିନି ଦିନ ଧରି ମୋ ଭଳି ଜଣେ ପ୍ରେମଭକ୍ତ ବିଛଣାରେ ଶୋଇରହିଥିଲା । ପ୍ରେମର ଦେବୀ ଆତିଥେୟତାରେ ନିୟୋଜିତ ଥିଲେ । ଆଚ୍ଛା, ମୋର ପ୍ରି-ଭାଲେଣ୍ଟାଇନ୍ କାର୍ଯ୍ୟକ୍ରମ ଭୁଶୁଡ଼ି ପଡ଼ିଲା । କିନ୍ତୁ ମୋ ଭଳି ଜଣେ ସାହସୀ ଭାଲେଣ୍ଟାଇନ୍ ଡେ ପାଳନ କରିବାକୁ ମନ କରିଚାଲିବା... ଏହି ଚିନ୍ତାରେ ମୁଁ ଆଗକୁ ବଢ଼ିବାକୁ ସ୍ଥିର କଲି । ଗୁଗୁଲକୁ ଦେଖି ମୁଁ ଜାଣିବାକୁ ପାଇଲି ଯେ ଗୋଲାପ ଦିବସରେ ଗୋଲାପ ଫୁଲ ଦେବା ଦ୍ୱାରା ଆପଣଙ୍କ ପ୍ରିୟ ଲୋକ ଆକର୍ଷିତ ହୁଅନ୍ତି । ମୋ ହୃଦୟରେ ପ୍ରେମର ଜୁଆର ଏତେ ଜଳୁଥିଲା ଯେ ମୁଁ ଗୋଲାପ କିଣିବା ପାଇଁ ନିକଟସ୍ଥ ଏକ ଫୁଲ ଦୋକାନକୁ ଯାଇଥିଲି । ଫୁଲ ଦୋକାନଟି ପ୍ରଥମେ ହସିଲା । ତା'ପରେ କହିଲା - କାକା ! ଯଦି ତୁମେ ଖୁଡୀଙ୍କ ପାଇଁ ଏହି ଗୋଲାପ ନେଉଛ, ତେବେ ମୁଁ ରିହାତି ଦେବି । ଆଉ ଯଦି ଅନ୍ୟ କାହା ପାଇଁ ମୁଁ ଦୁଇଗୁଣ ମୂଲ୍ୟ ନେବି । ଏହା କ'ଣ, କିନ୍ତୁ ପ୍ରତି ସପ୍ତାହରେ ପୂଜା ପାଇଁ ଗେଣ୍ଡୁ ମାଳ ଓ ଫୁଲ ନେଉଥିବା ଅଙ୍କଲ । ଯଦି ଗୋଲାପ ଦିବସରେ ଗୋଲାପ ଫୁଲ କିଣିବେ, ତେବେ ସନ୍ଦେହ ସୃଷ୍ଟି ହେବ । ମୁଁ ତାଙ୍କୁ ଗାଳି ଦେଲି, ଆରେ ! ମୁଁ ଏହାକୁ ଖୁଡୀଙ୍କ ପାଇଁ ନେଉଛି । ଏବେ ଅନ୍ୟ କାହା ପାଇଁ କେଉଁଠି... ? ମୁଁ ଥଣ୍ଡା ନିଃଶ୍ୱାସ ଛାଡିଲି । ଯେତେବେଳେ ମୁଁ ଘରେ ପହଞ୍ଚି ରୋମାଣ୍ଟିକ୍ ଢଙ୍ଗରେ ମୋ ପତ୍ନୀଙ୍କୁ ଗୋଲାପ ଫୁଲ ଉପହାର ଦେଲି । ପ୍ରଥମେ ସେ ଆଶ୍ଚର୍ଯ୍ୟ ହୋଇଗଲେ, ତା'ପରେ କହିଲେ - ଏହି ବୟସରେ ଭାଲେଣ୍ଟାଇନ୍ ଡେ ପାଳନ କରିବାର ଭୂତ କେଉଁଠୁ ଆସିଲା । ତୁମେ ଆଣିଥିବା ଗୋଲାପ ଫୁଲରେ ଘର ପାଇଁ ସପ୍ତାହ ଲାଗି ପନିପରିବା ହୋଇଥାଆନ୍ତା । ଏବେ ସେ ଗୋଲାପଫୁଲ ନ ନେଇ ସିଧା ରୋଷେଇ ଘରକୁ ଚାଲି ଯାଇଥିଲେ । ମୋ ଭାଲେଣ୍ଟାଇନ୍ ର ସମସ୍ତ ଭୂତ ତଳକୁ ଓହ୍ଲାଇ କେଉଁ ପିପଲ ଗଛ ଉପରେ ବସିପଡିଥିଲା । ଏବେ କୋଠରୀରେ ଏକୁଟିଆ ବସି ମୁଁ ଆଗାମୀ ଛଅ ଦିନ ବିଷୟରେ ଚିନ୍ତା କରୁଛି । ଯଦି ପତ୍ନୀ ଗୋଲାପ ଦେଖି ଉତ୍ତେଜିତ ହେଲେ, ତେବେ ପ୍ରପୋଜ୍ ଡେ ର ମୁଦି, ଚକୋଲେଟ ଡେ ର ଚକୋଲେଟ୍ ଓ ଟେଡି ଡେ ର ଟେଡି ଦେଖି ତାଙ୍କର କ୍ରୋଧ ସପ୍ତମରେ ଚଢିଯିବ । ଯଦିଓ ମୁଁ ପ୍ରତିଶ୍ରୁତି ଦିବସରେ କିଛି ପ୍ରତିଶ୍ରୁତି ଦେବି, କିନ୍ତୁ ହଗ୍ ଡେ ଏବଂ କିସ୍ ଡେ ରେ... ଛାଡ ଛାଡ ସେ କଥା ଆଉ କହିନି... ! ମୋର ଭାଲେଣ୍ଟାଇନ୍ ଡେ ଭୂତ ଆଉ ସବାର ନାହିଁ । ବର୍ତ୍ତମାନ ଯଦି ତୁମେ ମୋ ପତ୍ନୀଙ୍କୁ ମନାଇ କିପରି ପାଳନ କରିବାକୁ ହେବ ଏହି କ୍ଷେତ୍ରରେ ସାହାଯ୍ୟ କରିପାରିବ, ତେବେ ଆପଣଙ୍କୁ ସ୍ୱାଗତ...।

+ଅରବିନ୍ଦ ନଗର, ନୟାଗଡ଼,
ମୋ: ୯୪୩୭୯୮୫୮୬୬



ସିଦ୍ଧେଶ୍ୱର ତ୍ରିପାଠୀ

# ସେଇ ବୁଢ଼ାଲୋକଟି

ମହାନ୍ତି ବାବୁ ଭାରି ଭଲ ଲୋକ ବୋଲି ସମସ୍ତେ କୁହନ୍ତି । ଏଇ କଲୋନୀରେ ସେ କେତେବର୍ଷ ହେଲା ଘର କରି ରହିଲେଣି । ତାଙ୍କର ବାହାରେ ବଡ଼ ବିଜନେସ । ସ୍ତ୍ରୀ ଶିକ୍ଷୟିତ୍ରୀ ପୁଅ ଝିଅ ପ୍ରାଇଭେଟ କଲେଜରେ ପାଠ ପଢ଼ନ୍ତି । ମହାନ୍ତି ବାବୁଙ୍କ ସ୍ତ୍ରୀ ଭଲ ଗପ କବିତା ଲେଖନ୍ତି । ତାଙ୍କ ଲେଖା ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶ ପାଏ ଓଡ଼ିଶାରେ ପାଞ୍ଚ ଲୋକ ତାଙ୍କୁ ଜାଣନ୍ତି ।

ଏଇ ନୂଆ ବର୍ଷ ଦିନ ବିଦ୍ୟାଳୟର ଛାତ୍ରଛାତ୍ରୀ ସମସ୍ତେ ବୁଲାବୁଲି କରିବାକୁ ଯାଇଥିଲେ । ଭୋଜି ଭାତ ବୁଲାବୁଲି ନାଚ ଗୀତ ଏମିତି ବର୍ଷକୁ ଥରେ ଅଧେ ନହେଲେ ନଚଳେ । ସବୁବେଳେ ଧାଁ ଦୌଡର ଜୀବନତ ଏମିତି ଚାଲିଥିବ । ବୁଲାବୁଲି ସାରି ଫେରିଲା ବେଳକୁ ଅପରାହ୍ନ ଚାରିଟା ବାଜିଥିଲା। ବେଳ ବୁଡିବାକୁ ଆହୁରି ଦୁଇଘଣ୍ଟା ବାକି ଥିଲା । ଜଣେ ସାର୍ କହିଲେ ଚାଲ ଏଇଠି ଗୋଟେ ଜରାଶ୍ରମ ଅଛି ସେଠି ଟିକେ ବୁଲି ଆସିବା । ସମସ୍ତେ ଓହ୍ଲେଇଲେ ଗୋଟିଏ ଧଳା ବାକ୍ସଟିଏ ଥୁଆ ହୋଇଥିଲା ସେଥିରେ କିଛି ଟଙ୍କା ପଡିଥିଲା ଯାହା କାଚ ଭିତରୁ ସ୍ପଷ୍ଟ ଦେଖାଯାଉଥିଲା । ଯିଏ ଯାହା ମନ ଖୁସିରେ କିଛି ଟଙ୍କା ପଇସା ସେଇ ବାକ୍ସରେ ପକେଇଲେ।

ଜରାଶ୍ରମର ଜଣେ କର୍ମଚାରୀ ଆସି ପିଲା ମାନଙ୍କ ସହିତ କଥାହେଲେ । ହଁ ଏଠି ବୃଦ୍ଧ ବୃଦ୍ଧା ମାନେ ରହନ୍ତି। ଯେଉଁ ମାନଙ୍କର ଏ ଦୁନିଆରେ କେହି ନାହାନ୍ତି ।ଆଉ ଯେଉଁ ମାନେ କୌଣସି କାରଣ ବଶତଃ ପରିବାରଠାରୁ ଦୁରେଇ ଯାଇଛନ୍ତି, ସେମାନେ ଏଠି ରୁହନ୍ତି । ସମସ୍ତେ ନିର୍ଦ୍ଦିଷ୍ଟ ସମୟରେ ସକାଳୁ ଉଠି ପ୍ରାର୍ଥନା କରନ୍ତି ତାପରେ ନିତ୍ୟକର୍ମ ଯୋଗ ପ୍ରାଣାୟମ ହୁଏ । ସକାଳ ଜଳଖିଆ ଖାଇ ବିଶ୍ରାମ ନିଅନ୍ତି । ତାପରେ ଦିନ ଗୋଟାଏରେ ମଧ୍ୟାନ ଭୋଜନ । ଯଦି କିଏ କାର୍ଯ୍ୟ କରିବାକୁ ସମର୍ଥ ସେ ସ୍ୱାଇଛାରେ କିଛି କାମ କରନ୍ତି । ସଂଧ୍ୟାରେ ନିତ୍ୟକର୍ମ ସାରି ପ୍ରାର୍ଥନା ଆଉ ହାଲକା ଜଳଖିଆ । ଆଉ ତାପରେ ଟିଭି ଦେଖା ଦୁଃଖ ସୁଖ ଚାଲେ ଆଉ ରାତିରେ ରାତ୍ର ଭୋଜନ ସାରି ସମସ୍ତେ ସୋଇ ପଡନ୍ତି ।

ସେଇ ସମୟ ଭିତରୁ ସମୟ ବାହାର କରି ଦେଖ ଏଇମାନେ ତ ଏତେ ସୁନ୍ଦର ବଗିଚାର ଯତ୍ନ ନେଉଛନ୍ତି। ଯୋଉଠି କେତେ ଫୁଲ ଫଳ ଭରି ରହିଛି । ଠାକୁର ମନ୍ଦିର ଘର ପାଚେରୀ ସବୁ କିଛି ସୁନ୍ଦର ହୋଇ ପାରିଛି ଏଇ ମାନଙ୍କ ପାଇଁ । ଅବଶ୍ୟ ଦୁଇଜଣ କର୍ମଚାରିବି ଅଛନ୍ତି ଏସବୁ କାମରେ ସାହାଯ୍ୟ କରିବାକୁ । ମହାନ୍ତି ବାବୁଙ୍କ ସ୍ତ୍ରୀ ସମସ୍ତଙ୍କୁ ନମସ୍କାର କରି କବିତା ଟିଏ ପଢିଲେ । ଯୋଉ କବିତାର ବାର୍ତ୍ତା ଥିଲା ଅସହାୟକୁ ସାହାଯ୍ୟ କର । ଶିକ୍ଷୟିତ୍ରୀ କହିଲେ ବୟ ଜ୍ୟେଷ୍ଠ ବ୍ୟକ୍ତିଙ୍କୁ ହତାଦର ନୁହେଁ ଆଦର କର । ତାଙ୍କର ଯତ୍ନ ନିଅ । ଏ ସମାଜକୁ ସୁବାର୍ତ୍ତ ଦିଅ । ଏଇ ଯେମିତି ରଘୁନାଥ ବାବୁ ନିଜ ବ୍ୟକ୍ତିଗତ ପ୍ରଚେଷ୍ଟାରେ ଏତେ ସୁନ୍ଦର ଜରାଶ୍ରମ ନୁହେଁତ ମନ୍ଦିର ଟିଏ ନିର୍ମାଣ କରିଛନ୍ତି । ସମସ୍ତଙ୍କୁ ନମସ୍କାର କରି ସେ ବିଦାୟ ନେଲେ । ପିଲାମାନେ ତାଳି ମାରୁଥିଲେ ।

ସମସ୍ତେ ଗଲାପରେ ଜରାଶ୍ରମର କର୍ମଚାରୀ କୁଲୁ ଦେଖିଲା ବୁଢା ମଉସା ଜଣେ ଆମ୍ବ ଗଛ ମୂଳେ ବସି କାନ୍ଦୁଛନ୍ତି । ଦଉଡି ଗଲା କୁଲୁ, କଣ ହେଇଛି ମଉସା କୁହ । ନାଇଁ କିଛି ନାହିଁ । ତୁମେ କୁହ ନାଁ ମୁଁ ତୁମ ପୁଅ ଭଳି, ମୋ ରାଣ କଣ ହେଇଛି କୁହ। ଯୋଉ କବୟିତ୍ରୀ କବିତା ପଢୁଥିଲେ ଗୁରୁଜନଙ୍କୁ ଆଦର ଆଉ ଭକ୍ତି କରିବାକୁ ଅନୁରୋଧ କରିଥିଲେ ସେ ମୋ ବୋହୁ।

ଆଜିବି ଆଖି ଆଗରେ ସେଦିନର ଛବି ଗୁଡା ସବୁ ନାଚି ଯାଉଛି ରେ କୁଲୁ । ପୁଅତ ଗାଁ ଘର ଜମି ସବୁ ବିକି ଆସି ସହରରେ ରହିଲା । ବୁଢୀଟା ସିନା ଚାଲିଗଲା ହେଲେ ମୁଁ ବଞ୍ଚି ରହିଲି ଯାହା । ମୋ ଦେହ ହାତ ତାଙ୍କୁ ଅସନା ଲାଗେ ମୋ ଲୁଗା ପଟା ଖାଇବା ବାସନ ଶୋଇବା ଜାଗା ସବୁ ଅଲଗା। ନାତି ନାତୁଣୀଙ୍କୁ ମୁଁ ଛୁଇଁଲେ ତାଙ୍କୁ ରୋଗ ହବ । ଏମିତି ଥରେ ଅଧେ ଜର ଝାଡା ହେଲା ନାତି ନାତୁଣୀ ଦିଇଟା ପଢିବାକୁ ଯାଇଥାନ୍ତି । ବୋହୁ ର ଗାଳି ଆଉ ଆଘାତ ତୁମେ ଏ ଘରୁ ଯାଇ ଆଉ କୋଉଠି ରୁହ । ଘରକୁ ପାଞ୍ଚ ଲୋକ ଆସୁଛନ୍ତି। ସେମାନେ ଏ ଘରେ ଏମିତି ଅସନା ଲୋକ ଟାକୁ ଦେଖି କ 'ଣ ଭାବିବେ । ମୁଁ ଘରୁ ଚାଲି ଆସିଲି, ପୁଅ ପଦେବି କିଛି କହିଲାନି । ଦୁଇଦିନ ଭୋକ ଉପାସରେ ପାନ୍ଥଶାଳାରେ ଶୋଇଥିଲି । ପୁଅରେ ତୋ ନଜର ପଡିଲା ତୁ ମୋତେ ଏଠିକି ନେଇ ଆସିଲୁ । ଏଠି ତିନିବର୍ଷ ହେଲା ମୁଁ କେତେ ଖୁସିରେ ଅଛି ସତରେ।

କୁଲୁ ଆଖିରେ ଲୁହ ଜକେଇ ଆସୁଥିଲା,ସେ ବୁଢା ମଉସାକୁ ଛାତିରେ ଲଗେଇ ବୁଝେଇଲା ବେଳେ ତା ଆଖି ଆଗରେ ନାଚି ଯାଉଥିଲା ସେଇ ଭଦ୍ର ମହିଳାଙ୍କ ମୁହଁ । କେତେ ସୁନ୍ଦର କଥା କେତେ ସୁନ୍ଦର କବିତା କହୁଥିବା ଲୋକ କ'ଣ ଜାଣି ନଥିବେ ତାଙ୍କର ନିଜ ଶଶୁର ପ୍ରତି କ'ଣ କର୍ତ୍ତବ୍ୟ ସବୁ କରିବାର ଥିଲା ।ସେ ଜାଣି ନଥିବେ ତାଙ୍କ ଅବିଚାର ଯୋଗୁଁ ତାଙ୍କ ଶଶୁର ଆଜି କୋଉଠି କେମିତି ଥିବେ। ସେ, ବା କେମିତି ଜାଣିବେ, ଆମ୍ବ ଗଛମୂଳେ ବସି କବୟିତ୍ରୀଙ୍କର କବିତା ଶୁଣୁଥିବା ସେଇ ବୁଢା ଲୋକଟି ଯେ ତାଙ୍କ ଶଶୁର ।

+କୁଣ୍ଡିଲୋ, କେରଙ୍ଗ, ଖୋର୍ଦ୍ଧା
ମୋ: ୭୦୦୮୩୧୫୦୪୦

# ଗାୟତ୍ରୀ ସରାଫଙ୍କ 'ବର୍ଣ୍ଣ ମାଉନ୍‌ଟେନ୍'ର କୋଙ୍କଣୀ ଅନୁବାଦ ଗୋଆରେ ଉନ୍ମୋଚିତ




ବିଶିଷ୍ଟ କଥାକାର ଗାୟତ୍ରୀ ସରାଫଙ୍କ ଇଂରାଜୀ ଅନୁଦିତ ପୁସ୍ତକ 'ବର୍ଣ୍ଣ ମାଉନ୍‌ଟେନ୍' କୋଙ୍କଣୀ ଭାଷାରେ ଅନୁଦିତ ହୋଇ ଗୋଆର ହୋଟେଲ ଡୋଲ୍‌ମନ୍‌ରେ ଉନ୍ମୋଚିତ ହୋଇଯାଇଛି । ଅନୁବାଦ କରିଛନ୍ତି ଗୋଆର ଲେଖକ ଦଂପତି ସ୍ନେହଲତା ଅରବିନ୍ଦ ଭାଟିକର । ଗୋଆର ଲେଖକ, ସାହିତ୍ୟପ୍ରେମୀ ଓ ଶୁଭେଚ୍ଛୁ ଏଥିରେ ଯୋଗଦେଇ ସଭାର ଶୋଭା ବଢ଼େଇଥିଲେ। ଗାଳ୍ପିକା ଗାୟତ୍ରୀ ନିମନ୍ତ୍ରିତ ଅତିଥି ହୋଇ ଉତ୍ସବରେ ଯୋଗ ଦେଇଥିଲେ । ପୁସ୍ତକର ପ୍ରକାଶକ ଶ୍ରୀ ମାତନର୍ କସ୍ ସ୍ୱାଗତ ଭାଷଣ ଦେଇଥିଲେ । ପରେ ସମସ୍ତ ଅତିଥି ବୃନ୍ଦ ଓ ଅନୁବାଦକ ଦଂପତି କୋଙ୍କଣିରେ ଅନୁବାଦିତ ପୁସ୍ତକ 'ଭଗଭଗତେ ତେମୁକ'କୁ ଉନ୍‌ମୋଚନ କରିଥିଲେ । ଗାୟତ୍ରୀଙ୍କ ହାତରେ ନଡ଼ିଆ ଓ ଗୋଲାପ ଗୁଚ୍ଛ ଦେଇ ପ୍ରଥମେ ସ୍ୱାଗତ କରାଯାଇଥିଲା । ପରେ ପରେ ଗୋଆରେ ପାରମ୍ପରିକ ଶୈଳୀର ଉପାୟନ ଦେଇ ସଂବର୍ଦ୍ଧନା ଦିଆଯାଇଥିଲା । ନିଜ ନିଜ ଭାଷଣରେ ସାହିତ୍ୟିକମାନେ ଦୁଃଖ ପ୍ରକାଶ କରି କହିଥିଲେ ସମ ସାମୟିକ ଓଡ଼ିଆ ସାହିତ୍ୟ ବିଷୟରେ ସେମାନେ ବିଶେଷ କିଛି ଜାଣି ନାହାନ୍ତି । ସରସ୍ୱତୀ ସମ୍ମାନପ୍ରାପ୍ତ ସାହିତ୍ୟିକ 'କଥା'ର ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ବେଳର ଆତିଥ୍ୟ କଥା ସ୍ମରଣ କରିଥିଲେ । ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ସାହିତ୍ୟିକ ଦେବୀଦାସ କମଲ କହିଥିଲେ ଅନୁବାଦ ସାହିତ୍ୟର ମହତ୍ତ୍ୱ କଥା । ଅନୁବାଦ ହିଁ ରାଜ୍ୟ ରାଜ୍ୟର ହୃଦୟ ଯୋଡ଼େ ବୋଲି ମତପ୍ରକାଶ କରିଥିଲେ । ଗାଳ୍ପିକା ଗାୟତ୍ରୀ ନିଜ ବହି ବିଷୟରେ ସୂଚନା ଦେଲା ପରେ କହିଥିଲେ ଆମେ ଓଡ଼ିଆ ମାନେ ଆତିଥେୟତା ଓ ଭାଷା ସାହିତ୍ୟକୁ ଭଲ ପାଇବାରେ ସିଦ୍ଧହସ୍ତ। ଏବେ ଆମ ଭାଷାରେ ଡେଣା ଲାଗିଛି । ସେ ଏବେ ଦେଶ ବିଦେଶ ଯାଏ ଉଡ଼ାଣ ଭରୁଛି । କୋଙ୍କଣୀ ଭାଷା ବି ଓଡ଼ିଆ ସାହିତ୍ୟକୁ ଆସିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । ଗଭୀର ଉତ୍ସାହ ଓ ଉଦ୍ଦୀପନା ଭିତରେ ଉତ୍ସବର ପରିସମାପ୍ତି ଘଟିଥିଲା । ଉପସ୍ଥିତ ଶ୍ରୋତୃମଣ୍ଡଳୀ ଗାଳ୍ପିକା ଗାୟତ୍ରୀ ସରାଫ ଓ ଅନୁବାଦକଙ୍କୁ ଶୁଭେଚ୍ଛା ଜଣାଇଥିଲେ, ପ୍ରକାଶକ ମାନେଲକର ଧନ୍ୟବାଦ ଅର୍ପଣ କରିଥିଲେ ।

# ଜମି ନେଇ ଶିଳ୍ପ କଲେନି: ୮୮ ସଂସ୍ଥା ହାତେଇଛନ୍ତି ୧୦ହଜାର ଏକର ଜମି



ଯାଜପୁର, ୧୧/୨ (ନି,ପ୍ର): ଦେଶର ଇସ୍ପାତ ରାଜଧାନୀ କଳିଙ୍ଗନଗରରେ ୧୩ଟି ବୃହତ୍ ଇସ୍ପାତ କାରଖାନା ରହିଛି। ଯାଜପୁର ଜିଲ୍ଲାରେ ୫ଟି ବୃହତ୍ ସିମେଣ୍ଟ କାରଖାନା, ଶତାଧିକ ଷ୍ଟୋନ୍ କ୍ରସର, ରାଇସ୍ ମିଲ, ମଦ ଫ୍ୟାକ୍ଟ୍ରି ସମେତ ଶତାଧିକ କଳକାରଖାନା ରହିଛି। ଅନେକ ସଂସ୍ଥା ବିଭିନ୍ନ ଉପାୟରେ ଜମି ଅଧିଗ୍ରହଣ କରିବାରେ ଲାଗିଛନ୍ତି। କେବଳ ଇଡ୍କୋ ମାଧ୍ୟମରେ କଳିଙ୍ଗନଗର ଶିଳ୍ପାଞ୍ଚଳ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏବେସୁଦ୍ଧା ୮୮ଟି ସଂସ୍ଥା ୧୦ହଜାର ୨୧୬ ଏକର ଜମି ହାତେଇଛନ୍ତି। ଏଥିରୁ ଅନେକ ସଂସ୍ଥା ଜମି ନେଇ ଶିଳ୍ପ ପ୍ରତିଷ୍ଠା କରିନାହାନ୍ତି। ବରଂ, ଅନ୍ୟ ଶିଳ୍ପପତିଙ୍କ ସହିତ କୋଟି କୋଟି ଟଙ୍କାର ଗୁପ୍ତ ଚୁକ୍ତିନାମା କରିବା ଆରମ୍ଭ କରିଛନ୍ତି। ଶିଳ୍ପାନୁଷ୍ଠାନକୁ ସହାୟତା କରିବାକୁ ଜିଲ୍ଲାରେ ଡିପା (ଡିଷ୍ଟ୍ରିକ୍ ଇନଭେଷ୍ଟମେଣ୍ଟ ପ୍ରମୋସନ ଏଜେନ୍ସି) କାମ କରୁଛି। ଶହଶହ ଶିଳ୍ପାନୁଷ୍ଠାନ ଗଢ଼ିଉଠିବା ସତ୍ତ୍ୱେ ଜିଲ୍ଲାର ବିକାଶ ଓ ନିଯୁକ୍ତି କ୍ଷେତ୍ରରେ ସେପରି ପରିବର୍ତ୍ତନ ପ୍ରତିଫଳିତ ହେଉନାହିଁ। ଜମି ପରି ଜଳକୁ ମଧ ବେଶ୍ କିଛି ଶିଳ୍ପାନୁଷ୍ଠାନ ଇଡ୍କୋ ଜରିଆରେ ନାମକୁ ମାତ୍ର ନେଉଥିବା ବେଳେ କାରଖାନା ପରିସରରେ ଏକାଧିକ ବୋରିଂ କରି ଭୂତଳ ଜଳ ଶୋଷି ଚାଲିଛନ୍ତି। ସରକାରୀ ତଥ୍ୟ ମୁତାବକ ଜିଲ୍ଲାରେ ମାତ୍ର ୪୮ଟି ସଂସ୍ଥା ଜଳ ବ୍ୟବହାର କରୁଛନ୍ତି। ଏପରିକି ପାଣି ବୋତଲ କରି ବିକ୍ରି କରୁଥିବା ସଂସ୍ଥା ମଧ ଜଳକର ଦେଉନାହାନ୍ତି। ଜିଲ୍ଲାରେ ଏବେ ଭୟଙ୍କର ପାନୀୟଜଳ ସଙ୍କଟ ଦେଖାଦେଲାଣି। ବ୍ୟବସାୟିକ ଫାଇଦା ପାଇଁ ବୋରିଂ ଖନନ ଯୋଗୁଁ ସାଧାରଣ ଲୋକଙ୍କ ପାଇଁ ପାନୀୟ ଜଳ ଚିନ୍ତାର କାରଣ ହୋଇଛି। ଅପରପକ୍ଷରେ, କାରଖାନା ପାଇଁ ପ୍ରଦୂଷଣ ଓ ସୀମିତ ଅଞ୍ଚଳରେ ଜନସଂଖ୍ୟା ବୃଦ୍ଧି, ମାତ୍ରାଧିକ ଟ୍ରାଫିକ୍ ସମସ୍ୟା, ଦରଦାମ ବୃଦ୍ଧି, ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସେବାରେ ଭାଗ ଯୋଗୁଁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ନାହିଁ ନଥିବାର ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେଉଛନ୍ତି। ଶିଳ୍ପାନୁଷ୍ଠାନ ଓ ସ୍ଥାନୀୟ ଜନସାଧାରଣଙ୍କ ସମସ୍ୟା ଓ ବିକାଶକୁ ନେଇ ସେତୁ ଭଳି କାମ କରୁଥିବା ୨୦୦୬ ଆରଆର ପଲିସିକୁ ଖୋଲା ଉଲ୍ଲଂଘନ କରାଯାଉଛି। ବର୍ଷ ବର୍ଷ ଧରି ଆରପିଡିଏସି ବୈଠକ କରାଯାଉନାହିଁ। ଏପରିକି ନୂତନ ଭାବେ ଦାୟିତ୍ୱ ନେଇଥିବା କେନ୍ଦ୍ରାଞ୍ଚଳ ଆରଡିସି ରଞ୍ଜନ କୁମାର ଦାସ ଯାଜପୁର ଜିଲ୍ଲାପାଳ ଭାବେ ଦାୟିତ୍ୱ ନେବାଦିନ ଅର୍ଥାତ୍ ୨୦୧୬ରେ ଶେଷଥର ପାଇଁ ଆରପିଡିଏସି ବୈଠକ ହୋଇଥିଲା। ଶ୍ରୀ ଦାସ ପ୍ରାୟ ୫ବର୍ଷ ଜିଲ୍ଲାପାଳ ରହିଥିଲେ ହେଁ ଆଉ ବୈଠକ ହୋଇନଥିଲା। ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ସମୟରେ ମଧ ଥରେ ହେଲେ ଆରପିଡିଏସି ବୈଠକ ବସିପାରିଲା ନାହିଁ। ଆରଡିସିଙ୍କ ଅଧକ୍ଷତାରେ ଆରପିଡିଏସି ବୈଠକ ବସିବାର ବ୍ୟବସ୍ଥା ଥିବାବେଳେ ନୂତନ ଆରଡିସି ଶ୍ରୀ ଦାସ କେବେ ବୈଠକ ଆହ୍ୱାନ କରିବେ ତାକୁ ଅପେକ୍ଷା କରିଛନ୍ତି କଳିଙ୍ଗନଗର ଅଧିବାସୀ। ଏଠାରେ ଉଲ୍ଲେଖଯୋଗ୍ୟ ଯେ କେନ୍ଦ୍ରାଞ୍ଚଳ ଆରଡିସିଙ୍କ ଅଧୀନରେ ଥିବା ଜଗତସିଂହପୁର ଜିଲ୍ଲାର ଆରପିଡିଏସି ବୈଠକ ୨୦୨୩ ଅଗଷ୍ଟ ୨୪ରେ ବସିଥିଲା। ସେହିପରି ଅନୁଗୁଳ, ଝାରସୁଗୁଡ଼ା ଭଳି ଶିଳ୍ପ ଥିବା ଜିଲ୍ଲାଗୁଡ଼ିକରେ ଆରପିଡିଏସି ବୈଠକ ହେଉଥିବାବେଳେ ଯାଜପୁର ଜିଲ୍ଲାରେ ଏହି ବୈଠକକୁ ପ୍ରଶାସନର ଭୟ କାହିଁକି ବୋଲି ପ୍ରଶ୍ନ ଉଠୁଛି।

# ତମାଖୁ ନିୟନ୍ତ୍ରଣ ନିମନ୍ତେ ଜିଲ୍ଲାସ୍ତରୀୟ ଦିନିକିଆ ପ୍ରଶିକ୍ଷଣ

କେନ୍ଦ୍ରାପଡ଼ା, ୧୧/୨ (ନି.ପ୍ର): କେନ୍ଦ୍ରାପଡ଼ା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଆଜି ପୂର୍ବାହ୍ନ ୧୧ଘଟିକା ସମୟରେ ପୁରୁଣା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ତମାଖୁ ନିୟନ୍ତ୍ରଣ ପାଇଁ ଉଦ୍ଦିଷ୍ଟ ଆଇନ ପ୍ରବର୍ତ୍ତନ ନିମନ୍ତେ ଦିନିକିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅନୀତା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜଳନ୍ଧର ଜାଲି, ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ଅଞ୍ଜଳୀ ତରାଇ, ଡାକ୍ତର ମୀର୍ଜା ବାବର ବେଗ୍, ଡାକ୍ତର ନୃପେନ୍ଦ୍ର କୁମାର ଶତପଥି, ଡାକ୍ତର ନିରଞ୍ଜନ କର, ଡାକ୍ତର ଅଶୋକ କୁମାର ସାହୁ, ବିଭିନ୍ନ ଥାନାର ନିରୀକ୍ଷକ, ସବ୍ ଇନିସ୍‌ପେକ୍ଟର, ଅବକାରୀ ନିରୀକ୍ଷକ, ବିଭିନ୍ନ ସ୍କୁଲ୍ କଲେଜ୍‌ର ପ୍ରଧାନଶିକ୍ଷକ/ଅଧ୍ୟକ୍ଷ, ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ଅଶୋକ ବଳିଆରସିଂହ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ଶ୍ରୀମତୀ ତରାଇ ସମସ୍ତଙ୍କୁ ସ୍ୱାଗତ କରିବା ସହ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ ବର୍ଣ୍ଣନା କରିଥିଲେ। ସୂଚନାଯୋଗ୍ୟ, ତମାଖୁ ସେବନ ଯୋଗୁ ଦେଖା ଯାଉଥିବା କର୍କଟ ରୋଗର ଭୟାବହତାକୁ ଲକ୍ଷ୍ୟ କରି ଜାତୀୟ ତଥା ରାଜ୍ୟ ସ୍ତରରେ ତମାଖୁ ସେବନକୁ ପ୍ରତିହତ କରିବା ପାଇଁ ୨୦୦୩ ମସିହା ମେ ୧୮ ତାରିଖରେ ପ୍ରଣୟନ ହୋଇଥିବା କୋଟପା ଆଇନ। ଏହି ଆଇନର ପ୍ରବର୍ତ୍ତନ ନିମନ୍ତେ ଅଧ୍ୟକ୍ଷ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ। "ଚୁଜ୍ ଲାଇଫ୍, ନଟ୍ ଟବାକୋ" ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ନିମନ୍ତ୍ରିତ ଅତିଥିମାନେ ମତ ରଖିଥିଲେ। ସର୍ବେକ୍ଷଣରୁ ଜଣାଯାଇଛି ଯେ, ଭାରତରେ ବର୍ଷକ ମଧ୍ୟରେ ୯ଲକ୍ଷ ଲୋକ ତମାଖୁ ଜନିତ କର୍କଟରୋଗରେ ମୃତ୍ୟୁବରଣ କରୁଥିବା ବେଳେ ଓଡ଼ିଶାରେ ଏହାର ସଂଖ୍ୟା ରହିଛି ୩୨ ହଜାର। ଓଡ଼ିଶାରେ ପ୍ରତିଦିନ ପାଖାପାଖି ୮୦ ଲୋକ କର୍କଟରୋଗରେ ମୃତ୍ୟୁବରଣ କରୁଥିବା ବେଳେ ଦେଶରେ ମୁଖଗହ୍ୱର କର୍କଟରୋଗରେ ଓଡ଼ିଶାର ସ୍ଥାନ ହେଉଛି ଦ୍ୱିତୀୟ। ତେଣୁ, ତମାଖୁ ସେବନକାରୀଙ୍କୁ ଏହାର ଭୟାବହତା ସମ୍ପର୍କରେ ସଚେତନ କରାଇବା ସହ ନୂଆ ପୀଢ଼ିଙ୍କୁ ତମାଖୁ ସେବନ ପ୍ରତି ନିରୁତ୍ସାହିତ କରିବାର ଆବଶ୍ୟକତା ରହିଛି ବୋଲି ଡାକ୍ତର ବେଗ୍ ତାଙ୍କ ଅଭିଭାଷଣରେ କହିଥିଲେ। ତମାଖୁ ସେବନ ଯୋଗୁ ହୃଦରୋଗ, ଉଚ୍ଚ ରକ୍ତଚାପ, ସ୍ନାୟୁଜନୀତ ରୋଗ ଆଦି ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଯିବା ସହ ମୁଖ ଗହ୍ୱର, ଫୁସ୍‌ଫୁସ୍, ଅନ୍ତନାଳୀ ଆଦି କର୍କଟରୋଗରେ ଲୋକ ମୃତ୍ୟୁବରଣ କରୁଛନ୍ତି। ଭାରତରେ ମୃତ୍ୟୁସଂଖ୍ୟାର ଶତକଡ଼ା ୪୦ଭାଗ କେବଳ କର୍କଟଜନିତ ବୋଲି ଜଣାଯାଇଛି। ସ୍କୁଲ, କଲେଜ୍‌ର ୧୦୦ ୟାର୍ଡ଼ ପରିସର ମଧ୍ୟରେ ତମାଖୁ ବିକ୍ରିକୁ ନିଷିଦ୍ଧ କରାଯାଇଛି। ସମସ୍ତ ବିଜ୍ଞାପନକାରୀ ସଂସ୍ଥା "ତମାଖୁ ସେବନ କ୍ଷତିକାରକ" ଭଳି ସଚେତନତାମୂଳକ ସୂଚନା ବିନା ବିଜ୍ଞାପନ ପ୍ରସ୍ତୁତ କରିପାରିବେ ନାହିଁ। ଏହି ନିୟମକୁ କଡ଼ାକଡ଼ିଭାବେ ପାଳନ କରିବାକୁ ପୋଲିସ ଓ ଅବକାରୀ ଅଧିକାରୀମାନେ ପଦକ୍ଷେପ ନେବାକୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀଯୁକ୍ତ ଜାଲି ଆହ୍ୱାନ ଦେଇଥିଲେ। ନିଜ ନିଜର ଗ୍ରାମ ପଂଚାୟତକୁ ତମାଖୁ ମୁକ୍ତ କରିବା ପାଇଁ ଚଳିତବର୍ଷ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ୨୧୦ ଜଣ ସରପଂଚଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଶେଷରେ ସମସ୍ତଙ୍କୁ ଶ୍ୟାମ ସୁନ୍ଦର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଉଭୟ ଗୋଷ୍ଠୀ ମାରପିଟ: ରାସ୍ତା ଅବରୋଧ

ଜୟପୁର, ୧୧/୨ (ନି,ପ୍ର): କୋରାପୁଟ ଜିଲ୍ଲା ବୋରିଗୁମ୍ମା ଥାନା ସମ୍ମୁଖରେ ଉତେଜନା ଘଟିଛି। ଥାନା ଭିତରେ ଦୁଇ ଗୋଷ୍ଠି ଠେଙ୍ଗା ରେ ମାର ପିଟ ହୋଇଛନ୍ତି। ଗୋଟେ ଗୋଷ୍ଠି ଥାନା ଭିତରେ ରହିଥିବା ବେଳେ । ଅନ୍ୟ ଗୋଷ୍ଠିର ଲୋକେ ବୋରିଗୁମ୍ମା ଥାନା ସମ୍ମୁଖରେ ୨୬ ନମ୍ବର ଜାତୀୟ ରାଜପଥ ଅବରୋଧ ସହ ଘେରାଓ କରିଛନ୍ତି। ରାସ୍ତା ଅବରୋଧ କାରଣରୁ ଗାଡି ଚଳାଚଳ ଠପ ହୋଇଛି। ବୋରିଗୁମ୍ମା ଥାନା ଫୁଁଫୁ ଗାଁ ର ଏହି ଦୁଇ ଗୋଷ୍ଠି ବୋଲି ଜଣାପଡିଛି। ଉଭୟ ଗୋଷ୍ଠିଙ୍କ ମଧ୍ୟରେ ପୂର୍ବରୁ କୌଣସି କାରଣରୁ ବିବାଦ ରହିଥିଲା। ଆଜି ଫୁଁଫୁ ଗାଁର ଦୁଇଜଣ ଝିଅ ନଳକୂପ ରୁ ପାଣି ନେବା ପାଇଁ ଯାଇଥଲେ । ସେହି ସମୟରେ ଅନ୍ୟ ଗୋଷ୍ଠିର ଯୁବକ ମାନେ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ପରେ ଏହି ବିବାଦ ସୃଷ୍ଟି ହୋଇଥିଲା। ସେହି ଗୋଷ୍ଠିର ଯୁବକଙ୍କ ନାମରେ ବୋରିଗୁମା ଥାନାରେ ଅଭିଯୋଗ ଦେବାପାଇଁ ଅନ୍ୟଗୋଷ୍ଠି ଯେତେବେଳେ ଆସିଲେ ସେହି ଯୁବକ ମାନେ ଏମାନଙ୍କୁ ମାର ପିଟ କରିଥିଲେ । ସେମାନଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ଅଭିଯୋଗ କରି ଥାନା ସମ୍ମୁଖରେ ୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଛନ୍ତି ବୋଲି ସୂଚନା ଦେଇଛନ୍ତି ମାଡ ଖାଇଥିବା ଗୋଷ୍ଠି।ଏହି ଦୁଇ ଗୋଷ୍ଠିକୁ ପୋଲିସ ବୁଝା ସୁଝା ପାଇଁ ଲାଗିଛି।

# ମାଲକାନଗିରି ମହାବିଦ୍ୟାଳୟରେ ଯୁକ୍ତ ୨ ମୂଲ୍ୟାୟନ କେନ୍ଦ୍ର ଖୋଲିବା ପାଇଁ ସରକାରୀ ଅନୁମତି ମିଳିଲା

ମାଲକାନଗିରି, ୧୧/୨ (ନି,ପ୍ର): ଓଡିଶା ସରକାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ମାଲକାନଗିରି ମହାବିଦ୍ୟାଳୟରେ ପ୍ରଥମ ଥର ପାଇଁ ଯୁକ୍ତ ଦୁଇ କଳା ବିଷୟରେ ପରୀକ୍ଷା ଖାତା ମୂଲ୍ୟାୟନ ପାଇଁ ସରକାରଙ୍କ ତରଫରୁ ଅନୁମତି ପ୍ରଦାନ କରାଯାଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଭୁବନେଶ୍ୱର ଚେୟାର ପର୍ସନ ଅଶ୍ୱିନୀ କୁମାର ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ପରୀକ୍ଷା ନିୟନ୍ତ୍ରକ ଡକ୍ଟର ଅଶୋକ କୁମାର ନାୟକ ଏନେଇ ଏକ ଚିଠି ମାଲକାନଗିରି ମହାବିଦ୍ୟାଳୟକୁ ପ୍ରେରଣ କରିଛନ୍ତି। ଏହି ଖବର ପାଇବା ପରେ ମାଲକାନଗିରି ମହାବିଦ୍ୟାଳୟରେ ଆନନ୍ଦର ଲହରୀ ଖେଳି ଯାଇଛି। ମାଲକାନଗିରି ମହାବିଦ୍ୟାଳୟ ଅଧକ୍ଷଙ୍କ ପ୍ରକୋଷ୍ଠରେ ଏକ ନିରାଡ଼ମ୍ବରପୂର୍ଣ୍ଣ ଉତ୍ସବ ପାଳନ କରାଯାଇଛି। ଏହି ଉତ୍ସବକୁ ମାଲକାନଗିରି ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ମୁଖ୍ୟ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ଉପସ୍ଥିତ ରହି ଅଧକ୍ଷ ଲିଙ୍ଗରାଜ ମିଶ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ ମିଷ୍ଟାନ୍ନ ଖୁଆଇ ଥିଲେ। ଏହି ଅବସରରେ ଗୌତମ ନାୟକ, ଆରତୀ ଲୁଗୁନ, ପ୍ରମୋଦ ପରିଡା ଏବଂ ଅନ୍ୟାନ୍ୟ ଅଧାପକ ଓ ଅଧାପିକା ତଥା ଛାତ୍ରଛାତ୍ରୀ ଉପସ୍ଥିତ ରହି ମିଷ୍ଟାନ୍ନ ଖାଇବା ସହିତ ଅଧକ୍ଷଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ଦ୍ୱାରା ମାଲକାନଗିରି ଜିଲ୍ଲାରେ ଥିବା ୩୦ ଗୋଟି ଯୁକ୍ତ ୨ କଳା ମହାବିଦ୍ୟାଳୟର ଅଧାପକ ଏବଂ ଅଧାପିକା ଦୂରତାରୁ ରକ୍ଷା ପାଇବା ସହିତ ସହଜରେ ଖାତା ମୂଲ୍ୟାୟନ କରି ପାରିବେ। ଶେଷରେ ମାଲକାନଗିରି ମହାବିଦ୍ୟାଳୟ ତରଫରୁ ଓଡିଶା ସରକାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ଧନ୍ୟବାଦ ଅର୍ପଣ କରାଯାଇଛି।

# ଜନଜାତି ଶିକ୍ଷା ସମ୍ବନ୍ଧୀୟ ଜାତୀୟ ପତ୍ରବାଚନ ଉଦ୍‌ଘାଟିତ

ଜୟପୁର, ୧୧/୨ (ନି,ପ୍ର): ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ଶିକ୍ଷକ ଶିକ୍ଷା ବିଭାଗ ଆନୁକୂଲ୍ୟରେ ତଫସିଲଭୁକ୍ତ ଜନଜାତି ଶିକ୍ଷା ପ୍ରସଙ୍ଗ ଆଧାରିତ ଦୁଇ ଦିବସୀୟ ଜାତୀୟ ପତ୍ରବାଚନ (ସେମିନାର) ବିଶ୍ୱବିଦ୍ୟାଳୟର କୁଳପତିଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଉଦଘାଟନୀ ସତ୍ରରେ କୁଳପତି ପ୍ରଫେସର ମିଶ୍ରଙ୍କ ସହ କୁଳସଚିବ ରଞ୍ଜନ କୁମାର ପ୍ରଧାନ, ସ୍ନାତକୋତର ପରିଷଦର ଅଧକ୍ଷ ଡଃ. କିଚକ ଚନ୍ଦ୍ର ଜେନା ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସେମିନାରର୍ ଯୋଜନାବଦ୍ଧ ଆୟୋଜନ ଓ ବ୍ୟବସ୍ଥିତ ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବରେ ଏନସିଆରଟି ଅନୁବନ୍ଧିତ ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱରର ବରିଷ୍ଠ ପ୍ରଫେସର ଡଃ. ନିତ୍ୟାନନ୍ଦ ପ୍ରଧାନ ଯୋଗଦେଇ ଜନଜାତି ଶିକ୍ଷାର ବିଭିନ୍ନ ଦିଗ, ସମସ୍ୟା, ଆହ୍ୱାନ ଓ ସମାଧାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ଡଃ. ମନୋରଞ୍ଜନ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପତ୍ରବାଚନରେ ଡଃ. ପ୍ରଧାନ ପତ୍ରବାଚନର ଆୟୋଜନ, ଉଦ୍ଦେଶ୍ୟ ଓ ଦୁଇଦିନ ରୂପରେଖ ସମ୍ବନ୍ଧରେ ବିଷଦ ଆଲୋକପାତ କରିଥିଲେ। କୁଳପତି ଏହି ପତ୍ରବାଚନର ଫଳାଫଳ ସୁଦୂର ପ୍ରସାରୀ। ଏହା ଅବିଭକ୍ତ କୋରାପୁଟ ଜିଲ୍ଲାର ଆଦିବାସୀମାନଙ୍କ ଶୈକ୍ଷିକ ବିକାଶରେ ବିଶେଷ ସହାୟତା କରିବା ବୋଲି ଆଶାବ୍ୟକ୍ତ କରିବା ସହ ବିଶ୍ୱବିଦ୍ୟାଳୟର ସବୁ ବିଭାଗରେ ଏଭଳି ପତ୍ରବାଚନର ଆୟୋଜନ ପାଇଁ ଆହ୍ୱାନ ଦେଇଥିଲେ। ଶେଷରେ ମଂଚାସୀନ ସମସ୍ତ ଅତିଥିମାନଙ୍କୁ ଉପଢୌକନ, ସ୍ମୃତି ଫଳକ ଓ ପୁଷ୍ପଗଛ ଦେଇ ସମ୍ମାନିତ କରାଯାଇଥିଲା। ସଭା ଆରମ୍ଭ ପୂର୍ବରୁ ଗୁରୁ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ପ୍ରାଚୀର ପତ୍ରିକା କୁନ୍ଦ କଳିକା ଓ ପାଠ୍ୟୋପକରଣ ପ୍ରଦର୍ଶନୀକୁ କୁଳପତି ଉଦଘାଟନ କରିବା ସହ ସମସ୍ତ ଅତିଥି ବୁଲି ଦେଖିବା ସହ ପିଲାଙ୍କ ଉଦ୍ୟମକୁ ଭୂରି ଭୂରି ପ୍ରଶଂସା କରିଥିଲେ। ଶିକ୍ଷକ ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ଡଃ. ମନୋରଞ୍ଜନ ପ୍ରଧାନଙ୍କ ଦ୍ୱାରା ସଂପାଦିତ ପୁସ୍ତକ ଜାତୀୟ ଶିକ୍ଷା ନୀତି ୨୦୨୦ ଓ ଜାତୀୟ ପାଠ୍ୟକ୍ରମ ଆଧାର ୨୦୨୩ ଅତିଥି ମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଅତିଥି ପରିଚୟ ଗୁରୁ ଛାତ୍ର ଦେବ ରଞ୍ଜନ ରୟ ଓ ଛାତ୍ରୀ ପ୍ରିୟଦର୍ଶିନୀ ମାଝୀ ଅତିଥୀ ପରିଚୟ ଓ ମଂଚ ପରିଚାଳନା କରିଥିଲେ। ସହକାରୀ ପ୍ରଫେସର ଲୋକେଶ ପ୍ରଧାନଙ୍କ ଧନ୍ୟବାଦ ଅର୍ପଣରେ ଉଦଘାଟନୀ ସମାରୋହ ସମାପନ ହୋଇଥିଲେ। ତା'ପରେ ଦୁଇଟି ସମାନ୍ତରାଳ ଅଧିବେଶନ ସହ ମୋଟ ତିନୋଟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ସମ୍ବଲପୁର ପି ଏମ୍ ଆଇ ଏ ଏସ୍ ଇର ପ୍ରଫେସର ଦିବାକର ଷଡ଼ଙ୍ଗୀ ଅଧକ୍ଷତା କରିଥିବା ବେଳେ ଫକୀରମୋହନ ବିଶ୍ୱବିଦ୍ୟାଳୟର ସହଯୋଗି ପ୍ରଫେସର ଡଃ. ଅମୂଲ୍ୟ କୁମାର ଆଚାର୍ଯ୍ୟ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିବା ବେଳେ ମଧ୍ୟାହ୍ନ ଭୋଜନ ବିରତି ପରେ ଆୟୋଜିତ ଦୁଇଟି ସମାନ୍ତରାଳ ଅଧିବେଶନରେ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ ଓ ପ୍ରଫେସର ଦେବେନ୍ଦ୍ର ସେଠୀ ସଭାପତିତ୍ୱ କରିଥିଲେ। ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗର ପ୍ରଫେସର ଭରତ ପଣ୍ଡା ଓ କୋରାପୁଟ ସ୍ଥିତ ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟର ଆଂଚଳିକ ନିର୍ଦ୍ଦେଶିକା ଡଃ. ଲତିକା ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ତିନୋଟି ଅଧିବେଶନରେ ପ୍ରାୟ ଏକତିରିଶଟି ଆଲେଖ୍ୟ ଉପସ୍ଥାପନା ଓ ଆଲୋଚନା ହୋଇଥିଲା। ସନ୍ଧ୍ୟାରେ ପ୍ରଫେସର ମାନଙ୍କ ସହ ବିଏଡ ଛାତ୍ର ଛାତ୍ରୀ ମାନଙ୍କର ଏକ ପ୍ରଶ୍ନୋତର କାର୍ଯ୍ୟକ୍ରମ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ନୈବେଦ୍ୟ ଅନୁଷ୍ଠିତ ହୋଇଥିଲା। ଗୁରୁ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପରିବେଷିତ ସାମାଜିକ ନାଟକ ଜାଗୃତି ସମବେତ ଦର୍ଶକଙ୍କୁ ଭାବବିହ୍ୱଳ କରିଥିବା ବେଳେ କୋରାପୁଟିଆ, ସମ୍ବଲପୁରୀ ନାଚର ତାଳେ ତାଳେ ସମସ୍ତେ ଝୁମିଯାଇଥିଲେ। ରାତ୍ରୀ ଭୋଜନପରେ ପ୍ରଥମ ଦିବସର କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହୋଇଥିଲା।

# ରସୁଲପୁର ବ୍ଲକସ୍ତରୀୟ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାସିକ ବୈଠକ

ଧର୍ମଶାଳା, ୧୧/୨ (ନି,ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ହାଜିରହିମିଆଁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୫ମ ବ୍ଲକ ସ୍ତରୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ରସୁଲପୁର ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି ବୈଠକର ଆୟୋଜନ କରାଯାଇଥିଲା । ରସୁଲପୁର ବ୍ଲକ ଶିକ୍ଷା ଅଧିକାରୀ ନିଳାମ୍ବର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଶ୍ରୀ ମିଶ୍ରଙ୍କ ସଭାପତିତ୍ୱରେ ଏହି ବୈଠକରେ ସମ୍ମାନୀତ ଅତିଥିଭାବେ ମୋ ସ୍କୁଲ ଜିଲା ସଂଯୋଜକ ରାଜେନ୍ଦ୍ର କୁମାର ଶତପଥୀ, ଯାଜପୁର ଜିଲ୍ଲା ଓଷ୍ଟା ସଭାପତି ତଥା ଖଣ୍ଡିତର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁନନ୍ଦ କୁମାର ରାଉତ, ରସୁଲପୁର ବ୍ଲକ ନୋଡାଲ ପ୍ରଧାନଶଇକ୍ଷକ ନିରଞ୍ଜନ ସାମଲ, ବନ୍ଧଡିହ କ୍ଲଷ୍ଟର ସିଆରସିସି ଶ୍ରୀବତ୍ସବ କୁମାର ସାହୁ ଓ ମୋ ସ୍କୁଲ ବ୍ଲକ ସଂଯୋଜକ ପ୍ରକାଶ କୁମାର ପଣ୍ଡା ଓ ବିଷ୍ଣୁ ଚରଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ହାଜିରହିମିଆଁ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଞ୍ଜନ ବିଶ୍ୱାଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ବୈଠକରେ ମୁଖ୍ୟତଃ ପୂର୍ବ ବୈଠକର ପ୍ରସ୍ତାବ ଆଲୋଚନା କରାଯିବା ସହିତ ଚଳିତ ମ୍ୟାଟ୍ରିକ ପରୀକ୍ଷା ପ୍ରସ୍ତୁତି ଓ ସ୍ୱତନ୍ତ୍ର କାର୍ଯ୍ୟକ୍ରମ, ମ୍ୟାଟ୍ରିକ୍ ପରୀକ୍ଷା କେନ୍ଦ୍ର ପ୍ରସ୍ତୁତ, ଅର୍ଦ୍ଧ ବାର୍ଷିକ ପରୀକ୍ଷାରେ ଅନୁପସ୍ଥିତ ଥିବା ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ପଦକ୍ଷେପ, ବିଦ୍ୟାଳୟର ବାର୍ଷିକ ପରୀକ୍ଷାରେ ଶତ ପ୍ରତିଶତ ଉପସ୍ଥିତ ସୁନିଶ୍ଚିତ କରିବା ଓ ଏସ୍‌ଆଇଓଏସ୍ ଶ୍ରେଣୀ ପରିଚାଳନା ସ୍ଥିତି ନେଇ ଆଲୋଚନା କରାଯାଇଥିଲା । ଏହା ପରେ ରସୁଲପୁର ବ୍ଲକର ପ୍ରାୟ ୪୦ଗୋଟି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀ ଆୟୋଜକ ବିଦ୍ୟାଳୟର ସ୍ମାର୍ଟ କ୍ଲାସ ରୁମ, ଇ-ଲାଇବ୍ରେରୀ, ଇ-ବିଜ୍ଞାନାଗାର, ସ୍ମାର୍ଟ ଟଏଲେଟ, କ୍ଲାସ ରୁମ, ଆଇସିଟି ଲାବ୍ ପରିଦର୍ଶନ କରିଥିଲେ । ବିଦ୍ୟାଳୟର ୪ଟି କ୍ଲବର କ୍ରିଏଟିଭ ବୋଡ ଓ ଫଟୋ କଲ,ଆମ କଥା, ଖବରରେ ଆମେ,ଆମ ସଫଳତାର କାହାଣୀ, ବିଜ୍ଞାପକ ବୋର୍ଡ, ସାହିତ୍ୟ ସୁଜନୀ ପ୍ରଚୀର ପତ୍ରିକା ପ୍ରମୁଖକୁ ପ୍ରଦର୍ଶିତ ବୋର୍ଡ ଉଚ୍ଚ ପ୍ରଶଂସା କରିଥିଲେ । ବିଦ୍ୟାଳୟର ଶିକ୍ଷୟିତ୍ରୀ ଶୁଭଶ୍ରୀ ସାହୁ, ବିଦ୍ୟାଳୟର ଐତିହ୍ୟ ବର୍ଣ୍ଣନା କରିଥିଲେ । ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମଧୁସ୍ମିତା ଦାସ, ଗୀତା ସାହୁ ଓ ସ୍ୱାସ୍ତିକା ସାହୁଙ୍କ ତତ୍ତ୍ୱବଧାନରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଓ ନୃତ୍ୟ ପରିବେଷଣ ହୋଇଥିଲା । ଶିକ୍ଷକ ମିତ୍ରଭାନୁ ନାୟକ ଓ ମାନସ କୁମାର ମଲ୍ଲିକ ସ୍ମାର୍ଟ ବୋର୍ଡ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ମମତା ମହାଲିକ, ଲକ୍ଷ୍ମୀପ୍ରିୟା ନାୟକ, ସୀମନ୍ତିନୀ ଜେନା, ଓ ଶକ୍ତିଶ୍ରୀ ପ୍ରିୟ ବାଦୀନି ପ୍ରମୁଖ ସ୍ୱାଗତ ତୋରଣ ଓ ବିଦ୍ୟାଳୟ ପରିସରକୁ ରଂଗୋଲିରେ ସୁସଜ୍ଜିତ କରିଥିଲେ। ଶେଷରେ ସମୀର କୁମାର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ଅରୁଣ କୁମାର ଜେନା, ଏମ୍‌ଡି ଏଫ୍‌ଆର ଖାଁନ,ଏମ୍‌ଡି ଉମେଦ ହୋସେନ,କେଦାର ରାଉତ, ସନ୍ତୋଷ କୁମାର ପାଢୀ ଓ ମୁନ୍ନା ସାହୁ ପ୍ରମୁଖ ବୈଠକ ପରିଚାଳନାରେ ସହଯୋଗ କରିଥିଲେ ।

# ଯାଜପୁର ଜିଲ୍ଲା ଇକୋ କ୍ଲବ ତତ୍ତ୍ୱାବଧାରକମାନଙ୍କର ପ୍ରଶିକ୍ଷଣ ଶିବିର

କୋରେଇ, ୧୧/୨ (ନି.ପ୍ର): କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ସହାୟତାରେ ତଥା ଯାଜପୁର ଜିଲ୍ଲା ଡ଼ିଆଇଏମସି ଦ୍ୱାରା ଆୟୋଜିତ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ପାଣିକୋଇଲିସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ପରିବେଶ ଶିକ୍ଷା ବିଭାଗର ନୋଡ଼ାଲ ଅଧିକାରୀ ପ୍ରଭାତ ମୋହନ ଦାସ, ମୁଖ୍ୟବକ୍ତା ଭବେ ଜିଲ୍ଲା ଉଦ୍ୟାନ ବିଭାଗର ଅଧିକାରୀ ହରମୋହନ ମହାପାତ୍ର ଓ ସମ୍ମାନୀତ ଅତିଥି ଭାବେ ପାଣିକୋଇଲି ସରକାରୀ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ପ୍ରତାପ ଚନ୍ଦ୍ର ପହୀ ଓ ପ୍ରଶିକ୍ଷକ ଭାବେ ମଙ୍ଗଳପୁରସ୍ଥିତ ସାଧୁ ଗୈଡ଼େଶ୍ୱର ମହାବିଦ୍ୟାଳୟର ଅଧ୍ୟାପକ ଶରତ କୁମାର ସାହୁ ଯୋଗ ଦେଇଥିଲେ । ବିଶେଷ କରି ପରିବେଶ ସଂରକ୍ଷଣ, ପ୍ଲାଷ୍ଟିକର ବର୍ଜନ, ଭର୍ମି କମ୍ପୋଷ୍ଟ (ଜିଆ ଖତ) ସର୍ମ୍ପକରେ ଆଷଲାଚନା କରାଯଶଇଥିଲା ।ଯଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ଧର୍ମଶାଳା, ବଡ଼ଚଣା, ଦାନଗଦୀ, କୋରାଇ ଓ ସୁକିନ୍ଦା ବ୍ଲକର ସ୍କୁଲ ଓ କଲେଜର ପ୍ରଶିକ୍ଷାର୍ଥୀ ଯୋଗ ଦେଇଥିଲେ।

# ଫାଇଲେରିଆ ନିରାକରଣ ପାଇଁ ସ୍ୱାତୀ ଅନୁଷ୍ଠାନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

କନ୍ଧମାଳ, ୧୧/୨ (ନି,ପ୍ର): ଆଜିର ସମୟରେ ଫାଇଲେରିଆ ଏକ ମାରାତ୍ମକ ରୋଗ ହୋଇ ସମାଜରେ ମୁଟେକି ଥିବା ବେଳେ ସରକାର ଏହାର ନିରାକରଣ ପାଇଁ ତିନି ବର୍ଷ ହେଲା ନିରନ୍ତର ଚେଷ୍ଟା ଚଳାଇ ଆସୁଛନ୍ତି । ଏହା ମଶାବାହିତ ରୋଗ ଏବଂ ଏହା ମାଲେରିଆ ଠାରୁ ଆହୁରି ମାରାତ୍ମକ ବୋଲି କୁହାଯାଏ । ଏହାକୁ ରୋକିବା ପାଇଁ ଜିଲ୍ଲା ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ ପ୍ରକଳ୍ପ ଜରିଆରେ ଜିଲ୍ଲାବ୍ୟାପି ମିଶନ ଭାବେ ଏମ୍.ଡି.ଏ. କାର୍ଯ୍ୟକ୍ରମ ୧୦ ଫେବୃଆରୀ ଠାରୁ ୧୯ ଫେବୃଆରୀ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଉଥିବା ବେଳେ କନ୍ଧମାଳ ଜିଲ୍ଲାରେ ଜିଲ୍ଲା ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ ପ୍ରକଳ୍ପ ର ଜିଲ୍ଲା ଅଧିକାରି କୁମୁଦ ଚନ୍ଦ୍ର ସାହୁ ଏହାର ସମ୍ପୂର୍ଣ୍ଣ ଦାୟୀତ୍ୱ ନେଇଛନ୍ତି । ଏହି ପରପ୍ରେକ୍ଷୀରେ ଜିଲ୍ଲାର ସମସ୍ତ ବ୍ଲକରେ ସ୍ୱେଚ୍ଛାସେବୀ ମାନଙ୍କୁ ଚୟନ କରି ତାଲିମ୍ ଦେବା ସହିତ ଘରକୁ ଘର ବୁଲି ଓ ବିଭିନ୍ନ ସଭାସମିତିରେ ଉପସ୍ଥିତ ରହି ପ୍ରାୟ ୨୦ ଦିନ ଆଗରୁ ସଚେତନତା ସୃଷ୍ଟି ନିମନ୍ତେ ପ୍ରୟାସ କରାଯାଉଛି । ସେଥିମଧ୍ୟରୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଫୁଲବାଣୀ, ଟିକାବାଲୀ ଓ ଫିରିଙ୍ଗିଆ ବ୍ଲକ ଅଂଚଳ ସହିତ ଫୁଲବାଣୀ ମୁନିସିପାଲିଟିରେ ମୋଟ ୨୧ ଜଣ ସ୍ୱେଚ୍ଛାସେବୀଙ୍କୁ ନିଯୁକ୍ତି କରି ଏହି ଅଭିଯାନରେ ସାମିଲ ହେବା ସହ ପ୍ରତ୍ୟେକ ଗ୍ରାମାଂଚଳରେ ପରିଚାଳିତ ହେଉଥିବା ଅନ୍ୟାନ୍ୟ ପ୍ରକଳ୍ପର କର୍ମଚାରୀ ମାନଙ୍କୁ ମଧ ସଚେତନତା ପାଇଁ କାମରେ ନିୟୋଜିତ କରିଛନ୍ତି । ଆମ ଜିଲ୍ଲା, ବ୍ଲକ୍, ପଂଚାୟତ ଓ ଗ୍ରାମରୁ ଫାଇଲେରିଆକୁ ହଟାଇବା ମୁଖ୍ୟ ଲକ୍ଷ୍ୟ ବୋଲି ଅନୁଷ୍ଠାନର ସଂପାଦକ ହରି ଶଙ୍କର ରାଉତ କହିଛନ୍ତି । ସାମୁହିକ ଭାବେ କେବଳ ଗର୍ଭବତୀ ମହିଳା, ୨ ବର୍ଷରୁ କମ୍ ଶିଶୁ ଓ ଅତିଶୟ ରୋଗରେ ପିଡିତ ବ୍ୟକ୍ତିଙ୍କୁ ବାଦ ଦେଇ ଅନ୍ୟ ସମସ୍ତ ବ୍ୟକ୍ତି ଡି.ଇ.ସି. ଓ କୃମିନାଶକ ବଟିକା ପ୍ରତ୍ୟେକ ବର୍ଷ ଭଳି ଏ ବର୍ଷ ମଧ ଖାଇଲେ କ୍ୟୁଲେକ୍ସ ମଶା ଦ୍ୱାରା ବ୍ୟାପୁଥିବା ଏହି ମାରାତ୍ମକ ରୋଗକୁ ଦୂର ହେବ ବୋଲି ସାଧାରଣରେ ବାର୍ତ୍ତା ଦିଆଯାଉଛି ।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଆରମ୍ଭ

ଜୟପୁର, ୧୧/୨ (ନି,ପ୍ର): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଆଜି ଫେବ୍ରୁୟାରୀ ୧୦ ତାରିଖ ଠାରୁ ବିଶ୍ୱବିଦ୍ୟାଳୟ କ୍ରିଡା ପ୍ରାଙ୍ଗଣରେ ଆରମ୍ଭ ହୋଇଯାଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ବିଶ୍ୱବିଦ୍ୟାଳୟର ପ୍ରତିଯୋଗୀ ଓ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପ୍ରଫେସର ଏନ୍ ସି ପଣ୍ଡା ବିଶ୍ୱବିଦ୍ୟାଳୟ ପତାକା ଉତୋଳନ କରି କ୍ରୀଡ଼ା କାର୍ଯ୍ୟକ୍ରମକୁ ଉଦ୍ ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର ପ୍ରଶାସନ ଓ ଶିକ୍ଷା ପରାମର୍ଶଦାତା ପ୍ରଫେସର ଭି.ସି. ଝା, ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାଳୟର ଡିନ୍ ପ୍ରଫେସର ଶରତ କୁମାର ପାଲିତା, ଛାତ୍ର କଲ୍ୟାଣ ଡିନ୍ ଡ. ରମେନ୍ଦ୍ର କୁମାର ପାଢ଼ୀ, କ୍ରୀଡ଼ା ପରାମର୍ଶଦାତା ସଞ୍ଜୟ ଗନ୍ତାୟତ ଓ କ୍ରୀଡ଼ା ସଚିବ ବିଶ୍ୱଜିତ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଫେସର ପଣ୍ଡା କହିଥିଲେ ଯେ, ଗ୍ରାମାଚଂଳଠାରୁ ଆରମ୍ଭ କରି ସହରାଚଂଳ ପର୍ଯ୍ୟନ୍ତ ସମସ୍ତଙ୍କ ଜୀବନରେ କ୍ରୀଡ଼ାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ କ୍ରୀଡ଼ା ଆୟୋଜନ କରିବା ଛାତ୍ରଛାତ୍ରୀ ଓ ଅଧ୍ୟାପକମାନଙ୍କ ମଧ୍ୟରେ ଫିଟନେସ୍ କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ। ସରକାରଙ୍କ ଫିଟ୍ ଇଣ୍ଡିଆ ଅଭିଯାନ ସମଗ୍ର ଭାରତରେ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ନୈତିକ ପ୍ରୋତ୍ସାହନ ଏବଂ ସିୟୁଓ ଏହାର ବ୍ୟତିକ୍ରମ ନୁହେଁ । ପ୍ରଫେସର ଭି.ସି.ଝା କହିଛନ୍ତି ଯେ, କେବଳ କ୍ରୀଡ଼ାବିତ୍ ନୁହଁନ୍ତି, ସମସ୍ତ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ଉଚିତ, ଯାହାଦ୍ୱାରା ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ସଚେତନତା ବୃଦ୍ଧି ପାଇବ। ପ୍ରଫେସର ପାଲିତା କହିଥିଲେ ଯେ, କ୍ରୀଡ଼ାର ବିକାଶ ସହିତ ଯୁବପିଢ଼ିଙ୍କ ମଧ୍ୟରେ ବ୍ୟକ୍ତିଗତ ଓ ସାମଗ୍ରିକ ବିକାଶ ହେବ। ଡ. ପାଢୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଶ୍ୱଜିତ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସିୟୁଓର ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ।

# ଶାଳବଣିଠାରେ ଶିଶୁସୁରକ୍ଷା ଓ ବାଲ୍ୟବିବାହ ସଚେତନତା ଶିବିର ଅନୁଷ୍ଠିତ




ନୀଳଗିରି , ୧୧/୨ (ନି.ପ୍ର): ଆଦିବାସୀ ଅଧ୍ୟୁଷିତ ନୀଳଗିରି ବ୍ଲକ ମହିଷାପଟା ପଞ୍ଚାୟତ ଶାଳବଣି ଠାରେ ଓଡିଶା ସରକାରଙ୍କ ଆଇନବିଭାଗ ସାଂସ୍କୃତିକ ଅନୁଷ୍ଠାନ ଓ ବଣଧୂଳିର ଫୁଲ ଏବଂ ଶାଳବଣି ଭୂମିଜ ଆଦିବାସୀ ନୃତ୍ୟ ମଣ୍ଡଳୀର ମିଳିତ ସହଯୋଗରେ 'ଶିଶୁସୁରକ୍ଷା ଓ ବାଲ୍ୟବିବାହ ନିଷେଧ'ଉପରେ ଏକ ସଚେତନତା ଶିବିର ରବିବାର ୧୧ଟା ସମୟରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ବଣଧୂଳିର ଫୁଲର ଅଧ୍ୟକ୍ଷ ବିଜୟ କୁମାର ଆଚାର୍ଯ୍ୟଙ୍କ ଅତିଥି ସ୍ୱାଗତ ପରେ ମୁଖ୍ୟ ଅତିଥି ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାସଙ୍କ ପୌରହିତ୍ୟରେ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ଆଇନ ବିଭାଗର ଅତିରିକ୍ତ ଶାସନ ସଚିବ ଓ ଅର୍ଥ ପରାମର୍ଶଦାତା ତଥା ବଣଧୂଳିର ଫୁଲର ଅନ୍ୟତମ ପ୍ରତିଷ୍ଠାତା ବାସନ୍ତମଣି ସିଂ ନିଜ ଶୈଶବରେ କିପରି ଆଦିବାସୀ ସଂପ୍ରଦାୟର ପରମ୍ପରାକୁ ଅତି ନିକଟରେ ଦେଖିବା ସହିତ ଏକ ସଂଘର୍ଷମୟ ଜୀବନ ଅତିବାହିତ କରି ଆଜି ଏତେବଡ଼ ପଦବୀରେ ଅବସ୍ଥାପିତ ହୋଇପାରିଛନ୍ତି ତାହା ନିଜ ବକ୍ତବ୍ୟରେ ଉପସ୍ଥିତି ଜନଜାତିର ପିଲା ଏବଂଅଭିଭାବକ ମାନଙ୍କୁ ପରାମର୍ଶ ଦେବା ସହିତ ପିଲାମାନଙ୍କୁ ପାଠପଢା ପ୍ରତି ଆଗ୍ରହ ସୃଷ୍ଟି କରିବାକୁ ବୁଝାଇଥିଲେ। ଏଥିସହିତ ଆଦିବାସୀ ସମାଜରେ ଥିବା ବାଲ୍ୟବିବାହ ଭଳି କୁପ୍ରଥା ଏବଂ ସେମାନଙ୍କର ସୁରକ୍ଷା ନେଇ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଦାସ ଶିଶୁସୁରକ୍ଷା ଓ ବାଲ୍ୟବିବାହ ନିଷେଧ ଆଇନ ଉପରେ ବିସ୍ତୃତ ଭାବେ ଖୁବ ସରଳ ଭାଷାରେ ବୁଝାଇଥିଲେ। ପୂର୍ବତନ ବାଲେଶ୍ୱର ଶିଶୁମଙ୍ଗଳ ସମିତି ସଦସ୍ୟ ତଥା ଗାନ୍ଧୀବାଦୀ ହରିଶ ଚନ୍ଦ୍ର ରାଜ, ଆଇନ ବିଭାଗର ଯୁଗ୍ମ ଶାସନ ସଚିବ ଅଂଶୁମାନ ମହାନ୍ତି, ଆଇନ ବିଭାଗ ସାଂସ୍କୃତିକ ପରିଷଦର ସାଧାରଣ ସମ୍ପାଦକ ଏସ. ବି ଶୁଭାଶିଷ ବାଲେଶ୍ୱର ଏପିପି ଆଇନଜୀବୀ ପ୍ରଦୀପ ଦାସ ନୀଳଗିରି ଏପିପି ଆଇନଜୀବୀ ସୋମନାଥ ନାୟକ, ଶଙ୍କର କୁମାର ଧିନ୍ଦା ପ୍ରମୁଖ ଶିଶସୁରକ୍ଷା ଏବଂ ବାଲ୍ୟବିବାହ ଉପରେ ବିଭିନ୍ନ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କବିତା ସିଂ ଏବଂ ବଣଧୂଳିର ଫୁଲର ଶାଳବଣି ଆଦିବାସୀ ଭୂମିଜ ନୃତ୍ୟଶିଳ୍ପୀ ଏବଂ ଆଖପାଖର ପ୍ରାୟ ଦୁଇଶହରୁ ଉର୍ଦ୍ଧ୍ୱ ଜନସାଧାରଣ ବୈଠକରେ ସହଯୋଗ କରିଥିଲେ। ଶେଷରେ ବଣଧୂଳି ଫୁଲର ପ୍ରମୁଖ କାର୍ଯ୍ୟନିର୍ବାହୀ ବାଇଧର ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଓଡ଼ିଶାରେ ଏଥର ନିଶ୍ଚିତ ...

ବିଜୟ ପାଲ ସିଂ ତୋମାର ଓ ସହ ପ୍ରଭାରୀ ଲତା ଉସେଣ୍ଡି ଓଡ଼ିଶା ଗସ୍ତରେ ଆସିଛନ୍ତି। ଆଜି ସେମାନେ ରାଜ୍ୟ କାର୍ଯ୍ୟାଳୟରେ ଶୀର୍ଷ ନେତୃତ୍ୱଙ୍କ ସହ ୱାନ୍ ଟୁ ୱାନ୍ ଆଲୋଚନା କରିବା ସହ ଆସନ୍ତାକାଲି ପଦାଧିକାରୀ ବୈଠକରେ ଯୋଗଦେବେ। ନିର୍ବାଚନ ରଣନୀତି ନେଇ ବିସ୍ତୃତ ଆଲୋଚନା ହେବ ବୋଲି ଜଣାପଡ଼ିଛି। ତେବେ ଏନେଇ ବିଜେଡିର ପ୍ରତିକ୍ରିୟା ମିଳିପାରି ନାହିଁ।

## ପୃଥକ ପୃଥକ ସଡ଼କ...

ଯେଉଁ ପିକ୍ଅପ୍ ଭ୍ୟାନ୍‌ରେ ଆସିଥିଲେ, ସେହିଥିରେ ଘରକୁ ଫେରୁଥିଲେ। ତେବେ ସନ୍ଧ୍ୟା ପ୍ରାୟ ୫ଟା ବେଳେ ଡୋକରିପଡା ଛକରେ କିପ୍ଅପ୍ ଭ୍ୟାନ୍‌ଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଘଟଣା ସ୍ଥଳରେ ୩ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସ୍ଥାନୀୟ ଲୋକ ଓ ଉଦ୍ଧାରକାରୀ ଦଳ ଶ୍ରମିକମାନଙ୍କୁ ଉଦ୍ଧାର କରି ଧର୍ମଗଡ଼ ଓ ଜୁନାଗଡ଼ ମେଡ଼ିକାଲ୍‌ରେ ଭର୍ତ୍ତି କରିଥିଲେ। ଏହି ଦୁଇ ମେଡ଼ିକାଲ୍‌ରେ ଆଉ ୨ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ଗୁରୁତରଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ସେହିପରି ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଜୁନିଏନ ଗ୍ରାମ ନିକଟରେ ୪୯ ନମ୍ବର ଜାତୀୟ ରାଜପଥରେ ଆଜି ଏକ କୋଇଲା ବୋଝେଇ ଟ୍ରକ୍ ଏକ ପିକ୍ଅପ୍ ଭ୍ୟାନ୍‌କୁ ଧକ୍କା ଦେବାରୁ ୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୯ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆଜି ସକାଳ ପ୍ରାୟ ସାଢ଼େ ୧୦ଟା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଲଖନପୁର ବେହେରାଗୁଡ଼ା ପଟରୁ ଆସୁଥିବା ଏକ ଯାତ୍ରୀବାହୀ ପିକ୍ଅପ୍ ଗାଡ଼ିକୁ ବିପରୀତ ଦିଗରୁ ଆସୁଥିବା ଏକ କୋଇଲା ବୋଝେଇ ଟ୍ରକ ଜୁନିଏନ ଗ୍ରାମ ନିକଟରେ ପିଟି ଦେଇଥିଲା। ପିକ୍ଅପ୍ ଭ୍ୟାନ୍‌ଟି ଚୁରମାର ହୋଇଯାଇଥିବା ବେଳେ କୋଇଲା ବୋଝେଇ ଟ୍ରକ୍‌ଟି ରାସ୍ତା ଉପରେ ଓଲଟି ପଡ଼ିଥିଲା।

## ବିଶିଷ୍ଟ ସାହିତ୍ୟିକ ସାତକଡ଼ି ...

ସନ୍ଧ୍ୟାରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ଜଣାପଡ଼ିଛି। ଗଳ୍ପ, ଉପନ୍ୟାସ, କବିତା, ଅନୁବାଦ ଆଦି ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ସେ ଲେଖନୀ ଚାଳନା କରିଥିଲେ। ସାତକଡ଼ିଙ୍କର ୨୭ଟି ଗଳ୍ପ, ୨୧ଟି ଉପନ୍ୟାସ ଓ ଗୋଟିଏ କବିତା ବହି ପ୍ରକାଶ ପାଇଥିଲା। କବିତାରୁ ସେ ନିଜ ସାହିତ୍ୟ ସର୍ଜନା ଆରମ୍ଭ କରିଥିଲେ। ୧୯୬୭ରେ ତାଙ୍କର ପ୍ରଥମ ଉପନ୍ୟାସ 'ବ୍ୟାକୁଳ ହୃଦୟ' ପ୍ରକାଶ ପାଇଥିଲା। ୧୯୮୭ରେ ଉପନ୍ୟାସ 'ଅଶାନ୍ତ ଅରଣ୍ୟ' ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ମୁକ୍ତିମନ୍ତ୍ରୀ ଓ ଜନନୀ ଜନ୍ମଭୂମୀ ଗଳ୍ପ ସଙ୍କଳନ ପାଇଁ ୨୦୦୪ରେ ସେ ସମ୍ମାନ ଜନକ ଶାରଳା ପୁରସ୍କାର ପାଇଥିଲେ। ଏହା ବ୍ୟତୀତ ସାହିତ୍ୟ ଭାରତୀ ସମ୍ମାନ ଓ ଉତ୍କଳ ସାହିତ୍ୟ ସମାଜ ଉପନ୍ୟାସ ସମ୍ମାନ ଭଳି ଅନେକ ସମ୍ମାନ ସେ ପାଇଥିଲେ। ୧୯୮୫ ମସିହାରେ ଭୁବନେଶ୍ୱର ପୁସ୍ତକ ମେଳା ଆରମ୍ଭ କରିବାରେ ସେ ଥିଲେ ଅନ୍ୟତମ ଉଦ୍ୟୋକ୍ତା। ସେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ମଧ ଥିଲେ। ଲେଖକ, ଅନୁବାଦକ ଓ ସମାଲୋଚକ ଅସିତ ମହାନ୍ତି କହିଛନ୍ତି, ସାତକଡ଼ି ହୋତା କେବଳ ଜଣେ ବିଶିଷ୍ଟ ଲେଖକ ନଥିଲେ, ସେ ଜଣେ ଭଲ ସଂଗଠକ ମଧ ଥିଲେ। ଅନେକ ସଂଗଠନର ସେ ପୁରୋଧା ସାଜିଥିଲେ। ଭୁବନେଶ୍ୱର ପୁସ୍ତକ ମେଳା ତାଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଥିଲା। ସେ ଓଡ଼ିଶା ଲେଖକ ସମବାୟ ସମିତିର ମଧ ସଭାପତି ଥିଲେ। ଏମିତି ବହୁ ସଂସ୍ଥା ସହିତ ସେ ନିଜେ ଜଡ଼ିତ ଥିଲେ। ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ସଂପର୍କରେ ସେ ପ୍ରଥମେ ସରକାରଙ୍କୁ ଚିଠି ଲେଖିଥିଲେ। ବାହାର ରାଜ୍ୟରେ ଶାସ୍ତ୍ରୀୟ ମାନ୍ୟତା ବାବଦରେ ଯେଉଁ କାର୍ଯ୍ୟକଳାପ ଚାଲିଥିଲା, ତାକୁ ନିଜେ ଦେଖିଲା ପରେ ସେ ଓଡ଼ିଶା ସରକାରଙ୍କୁ ଚିଠି ଲେଖି ଓଡ଼ିଆ ଭାଷା କାହିଁକି ଶାସ୍ତ୍ରୀୟ ମାନ୍ୟତା ନପାଇବ ବୋଲି କହିଥିଲେ। ଏଭଳି ବହୁ ଅବଦାନ ତାଙ୍କର ରହିଛି। ସେ 'ସମୟ' ଖବର କାଗଜର ଆରମ୍ଭରୁ ଏଯାବତ ତା'ର ସମ୍ପାଦକ ରହି ଆସିଥିଲେ। ଶ୍ରୀ ମହାନ୍ତି କହିଛନ୍ତି, ଅନେକ ସାହିତ୍ୟିକ ନିଜେ କିପରି ଉନ୍ନତି କରିବେ, ନିଜର କେମିତି ପ୍ରଚାର ପ୍ରସାର ହେବ, ସେ ଦିଗରେ ଚିନ୍ତା କରୁଥିବା ବେଳେ ସାତକଡ଼ି ହୋତା ଥିଲେ ବିରଳ ସାହିତ୍ୟିକ। ସେ ନିଜ ସାହିତ୍ୟ ବିଷୟରେ ଯେତିକି ଚିନ୍ତା କରୁ ନଥିଲେ, ସାହିତ୍ୟର ସାମୂହିକତା ବିଷୟରେ ଅଧିକ ଚିନ୍ତା କରୁଥିଲେ। ଓଡ଼ିଆ ସାହିତ୍ୟ କେମିତି ଆଗକୁ ଯିବ, ବିଭିନ୍ନ ସାହିତ୍ୟ ସଂଗଠନ ଗୁଡ଼ିକ କିପରି ସୁଦୃଢ଼ ହେବ, ସାହିତ୍ୟିକମାନଙ୍କର କିପରି ସାମୂହିକ ଉନ୍ନତି ହେବ, ସେ ସବୁ ଦିଗରେ ସାତକଡ଼ି ହୋତା ଚିନ୍ତା କରୁଥିଲେ। ସାତକଡ଼ି ହୋତାଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁଃଖ ପ୍ରକାଶ କରିଛନ୍ତି। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହିତ ତାଙ୍କ ଶୋକସନ୍ତପ୍ତ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି। ଓଡ଼ିଆ ସାରସ୍ୱତ ଜଗତକୁ ତାଙ୍କ ଅବଦାନ ଅତୁଳନୀୟ ଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଶିଷ୍ଟ ସାହିତ୍ୟିକ ସାତକଡ଼ି ହୋତାଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି ବିଜେପି ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡା।

# ମାର୍ଚ୍ଚ ୧ରୁ ୧୩ତମ ବାର୍ଷିକ ରୂପସା ମହୋତ୍ସବ



ରୂପସା, ୧୧/୨ (ନି.ପ୍ର): ରୂପସା ଥାନା ଅନ୍ତର୍ଗତ ପୋଡାଡିହା ଷ୍ଟାର କ୍ଲବ ଆନୁକୂଲ୍ୟରେ ଆସନ୍ତା ମାର୍ଚ୍ଚ ୧ ତାରିଖରୁ ୬ ତାରିଖ ପର୍ଯ୍ୟନ୍ତ ୧୩ତମ ବାର୍ଷିକ ରୂପସା ମହୋତ୍ସବ ଅନୁଷ୍ଠିତ ହେବ । ମହୋତ୍ସବର ପରିଚାଳନା ଓ ସୁବ୍ୟବସ୍ଥା ପାଇଁ ରୂପସା ଶ୍ରୀଜଗନ୍ନାଥ କଲ୍ୟାଣ ମଣ୍ଡପ ପରିସରରେ ରବିବାର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମହୋତ୍ସବ କମିଟିର ଉପଦେଷ୍ଟା ସୁଧାକର ଗିରି ଏହି ବୈଠକରେ ସଭାପତିତ୍ୱ କରିଥିଲେ। ମହୋତ୍ସବ କମିଟି ସଭାପତି ଅଧ୍ୟାପକ ରବୀନ୍ଦ୍ର କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଷ୍ଟାର କ୍ଲବ ସଭାପତି ବିଜୟ କୁମାର ବେହେରା, ସମ୍ପାଦକ ଚନ୍ଦନ କୁମାର ଜେନା, କୋଷାଧ୍ୟକ୍ଷ ଦୀପକ ସାମଲ, ଉପଦେଷ୍ଟା ଜଗଦୀଶ ପଟ୍ଟନାୟକ, ବାଞ୍ଛାନିଧି ଦେ,ବିନୟ କୁମାର ବେହେରା, ନିରଞ୍ଜନ ବାରିକ, ଡାକ୍ତର ମହାପାତ୍ର, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଗୋପାଳ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇ ଉତ୍ସବର ରୂପରେଖ ପ୍ରସ୍ତୁତ କରି ଶାନ୍ତି ଶୃଙ୍ଖଳା, ପରିବେଶ ପ୍ରଦୂଷଣ ରୋକିବା, ସାଂସ୍କୃତିକ କାର୍ଯ୍ୟକ୍ରମ, ସଭା କାର୍ଯ୍ୟ ପରିଚାଳନା, ଆଇନ ଶୃଙ୍ଖଳା ରକ୍ଷା ଆଦି ଦିଗରେ ଆଲୋକପାତ କରିଥିଲେ । ବିଭିନ୍ନ ଦୋକାନ, ଷ୍ଟଲ, ମୀନାବଜାର, ଚକ୍ରୀ ଦୋଳି ସହ ଭଜନ, ମେଲୋଡି, ସମ୍ବଲପୁରୀ ଓ ଓଡିଶୀ ନୃତ୍ୟ, ଷ୍ଟାର ମାନଙ୍କର ଅଭିନୟ ଓ ସଂଳାପ, ରଙ୍ଗୀନ ଆଲୋକମାଳା, ଉଚ୍ଚ ତୋରଣ ସମସ୍ତଙ୍କର ଆକର୍ଷଣର କେନ୍ଦ୍ର ବିନ୍ଦୁ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଏହି ବୈଠକରେ କର୍ମକର୍ତ୍ତା ଜୀତେନ୍ଦ୍ର ପରିଡା, ମିଟୁ ପରିଡା,ହିମାଂଶୁ ଜେନା, ଲିପନ ଜେନା, କଟି ଚନ୍ଦନ ଜେନାଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

# ଖୋର୍ଦ୍ଧାରେ ଏନିମିଆ ମୁକ୍ତ ଭାରତ ଅଭିଯାନ

ଖୋର୍ଦ୍ଧା, ୧୧/୨ (ନି.ପ୍ର): ରାଷ୍ଟ୍ରୀୟ ମହିଳା ଦିବସ ସପ୍ତାହ ଅବସରରେ ଭାରତ ବିକାଶ ପରିଷଦ ଖୋର୍ଦ୍ଧା ବରୁଣେଇ ଶାଖା ପକ୍ଷରୁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରାଷ୍ଟ୍ରୀୟ ବାଲ ଓ ମହିଳା ବିକାଶ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶାଖା ପରିଷଦ ସଭାପତି ଡ.ଅଜୟ ମିଶ୍ରଙ୍କ ସଭାପତିତ୍ୱ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଇନଜିବୀ ଅଜିତ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ଭାରତବର୍ଷ ଝାନସୀରାଣୀ, ଲକ୍ଷ୍ମୀବାଇ, ଜିଜାବାଇ ଙ୍କ ଭଳି ମହିୟସୀ ମହିଳାଙ୍କ ଦେଶ । ଏକ ସୁସ୍ଥ ସମାଜ ଗଠନ ରେ ମହିଳାଙ୍କ ପ୍ରମୁଖ ଭୂମିକା ରହିଛି । ସଭାପତିତ୍ୱ ଭାଷଣରେ ମିଶ୍ର କହିଲେ ମହିଳାଙ୍କ ମଧ୍ୟରେ ଶକ୍ତି ଓ ସାମର୍ଥ୍ୟ ରହିଛି । ନିଜ ଅନ୍ତର୍ନିହିତ ପ୍ରତିଭା ବିକାଶ ଲାଗି ପରାମର୍ଶ ଦେଇଥିଲେ । ପରିଷଦ ସଚିବ ଅଧ୍ୟାପିକା ପ୍ରବୀଣା ପଟ୍ଟନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ରେ ଏହି ଦିବସ ଆଭିମୁଖ୍ୟ କହିଥିଲେ । ସର୍ବ ଭାରତୀୟସ୍ତରରେ ପରିଷଦ ଏନିମିଆ ମୁକ୍ତ ଭାରତ ଅଭିଜାନ ଜାରି ରଖିଛି । ଏହି ଅବସରରେ ଖୋର୍ଦ୍ଧାରେ ଆଜି ଠାରୁ ଏହି ଅଭିଜାନ ଶୁଭାରମ୍ଭ ହୋଇଯାଇଛି ବୋଲି ପଟ୍ଟନାୟକ ସୂଚନା ଦେଇଛନ୍ତି । ସୁସ୍ଥ ପରିବେଶ ରୁ ସୁସ୍ଥ ସମାଜ ଗଠନ ହୋଇପାରିବ । ଏହିଅବସରରେ ୩୦ରୁ ଉର୍ଦ୍ଧ୍ୱ ମହିଳା ଓ କିଶୋରୀଙ୍କ ରକ୍ତ ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ପରିଷଦର ଅର୍ଥ ସଚିବ ରୋଜାଲିନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ବରିଷ୍ଠ ସଦସ୍ୟ ଶୁଶାନ୍ତ ମୋହନ ପଟ୍ଟନାୟକ, ସତ୍ୟ ନାରାୟଣ ବିଶୋଇ, ଦିଲୀପ ପୃଷ୍ଟି, ଅମରଜିତ ସିଂ ପ୍ରମୁଖ ସଂଯୋଜନା କରିଥିଲେ । ପରିଷଦର ସମସ୍ତ ସଦସ୍ୟ, ସଦସ୍ୟା ଓ ଏକାଧିକ ମହିଳା ଉପସ୍ଥିତ ଥିଲେ ।

# ଦିଲ୍ଲୀରେ ଏକା ଲଢ଼ିବ ଆପ୍: ସଙ୍କେତ ଦେଲେ କେଜ୍ରିୱାଲ



ନୂଆଦିଲ୍ଲୀ, ୧୧/୨ : ପଞ୍ଜାବ ପରେ ଦିଲ୍ଲୀରେ ମଧ ଇଣ୍ଡିଆ ମେଣ୍ଟକୁ ଲାଗିଛି ଝଟ୍‌କା। ଦିଲ୍ଲୀରେ ଏକା ଲଢ଼ିବ ଆମ୍ ଆଦ୍‌ମୀ ପାର୍ଟି। ଆଜି ଏଭଳି କିଛି ସଂକେତ ଦେଇଛନ୍ତି ଆପ୍ ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ। ଦିଲ୍ଲୀରେ ଇଣ୍ଡିଆ ମେଣ୍ଟର ବଡ଼ ସହଯୋଗୀ କଂଗ୍ରେସ ଓ ଆମ୍ ଆଦମୀ ପାର୍ଟି ମିଳିତ ଭାବେ ନିର୍ବାଚନ ଲଢ଼ିବେ ବୋଲି ଚର୍ଚ୍ଚା ହେଉଥିଲା। ତେବେ ଏହାରି ଭିତରେ ପଞ୍ଜାବର ଏକ ରାଲିରେ ଯୋଗ ଦେଇ ଏଭଳି କିଛି ବଡ଼ ବୟାନ ଦେଇଛନ୍ତି ଆପ୍ ଅଧ୍ୟକ୍ଷ କେଜ୍ରିୱାଲ।
ପଞ୍ଜାବର ତରନ୍‌ତାରାରେ ଆୟୋଜିତ ଏକ ରାଲିକୁ ସମ୍ବୋଧିତ କରି କେଜ୍ରିୱାଲ କହିଛନ୍ତି, ଉଭୟ ପଞ୍ଜାବ ଓ ଦିଲ୍ଲୀରେ ଆମ୍ ଆଦମୀ ସରକାରକୁ କାମ କରିବାରେ ବାଧା ଦିଆଯାଉଛି। ହେଲେ ଆଗାମୀ ଲୋକସଭା ନିର୍ବାଚନରେ ଦିଲ୍ଲୀବାସୀ ସମସ୍ତ ୭ ଟି ଆସନରେ ଆମକୁ ବିଜୟୀ କରାଇବେ ମନସ୍ଥ କରିଛନ୍ତି। ସମସ୍ତ ଆସନ ଆପ୍ ହାତକୁ ଆସିବା ପରେ ୧୦୦ ବଦଳରେ ୫୦୦ ସ୍ପିଡ୍‌ରେ କାମ ହେବ।
କେଜ୍ରିୱାଲଙ୍କ ଏହି ଘୋଷଣା ପରେ ବିରୋଧୀ ଇଣ୍ଡିଆ ମେଣ୍ଟକୁ ବଡ଼ ଝଟ୍‌କା ଲାଗିଛି। ଇଣ୍ଡିଆ ମେଣ୍ଟର ମୁଖ୍ୟଦଳ କଂଗ୍ରେସ ହୋଇଥିବା ବେଳେ ବଡ ସହଯୋଗୀ ଦଳ ହେଉଛି ଆମ୍ ଆଦମୀ ପାର୍ଟି। ହେଲେ ମେଣ୍ଟର ଆସନ ବୁଝାମଣାକୁ ନେଇ ଏପର୍ଯ୍ୟନ୍ତ ସସ୍‌ପେନ୍ସ ଜାରି ରହିଛି। ପ୍ରଥମେ ପଞ୍ଜାବରେ ଆପ୍ ଏକାକୀ ଲଢିବ ବୋଲି ସ୍ପଷ୍ଟ କରିଥିଲା। ଏହାପରେ ଏବେ ଦ୍ୱିତୀୟ ରାଜ୍ୟ ଭାବେ ଦିଲ୍ଲୀରେ ଆପ୍ ଏକାକୀ ଲଢିବ ବୋଲି କେଜ୍ରିୱାଲ ଇସାରା ଦେଇଛନ୍ତି।
ଏହାପୂର୍ବରୁ ବିହାରରେ ଜେଡିୟୁ ନେତା ନୀତୀଶ କୁମାର ଏବଂ ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସ ସୁପ୍ରିମୋ ମମତା ବାନାର୍ଜୀ ମଧ ବିରୋଧୀ ଦଳରୁ ଅଲଗା ହୋଇ ଆଗାମୀ ଲୋକସଭା ନିର୍ବାଚନରେ 'ଏକଲା ଚଲୋ' ନାରା ଦେଇଥିଲେ।

# ଜିଲ୍ଲା ସ୍ୱାଭିମାନ ଖଣ୍ଡାୟତ ମହାସଭାର ବୈଠକ




ବାଲେଶ୍ୱର, ୧୧/୨ (ନି.ପ୍ର): ଆଜି ଜିଲ୍ଲା ସ୍ୱାଭିମାନ ଖଣ୍ଡାୟତ ମହାସଭାର ଜିଲ୍ଲା ସଂଯୋଜକ ଗଣେଶ୍ୱର ରାଉତଙ୍କ ଆହ୍ୱାନ କ୍ରମେ 'ଖଣ୍ଡାୟତ କ୍ଷତ୍ରିୟ ପାଇକ ଚଷା ' ମାନଙ୍କର ବୈଠକ ଅନୁଷ୍ଠିତ ହୋଇ ଯାଇଅଛି । ଏଥିରେ ଆବାହକ ଅଧ୍ୟାପକ ଡ. ପଙ୍କଜ କୁମାର ଜେନା ସଭାପତିତ୍ୟ କରିଥିବା ବେଳେ ଅତିଥି ଭାବେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଗୋପାଳ ଚନ୍ଦ୍ର ନାୟକ ଓ ରାଜେନ୍ଦ୍ର ନାଥ ରାଉତ ଯୋଗ ଦେଇ ବହୁ ମୂଲ୍ୟବାନ ଇତିହାସର ଗୁଣାବଳୀ ସମ୍ପର୍କରେ ମତ ରଖିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଆଇନଜୀବୀ ଶଶିଧର ରଞ୍ଜିତ, ଦୀପକ କୁମାର ଚଣ୍ଡ, ସମାଜସେବୀ ପଦାରବିନ୍ଦ ମହାପାତ୍ର, କାର୍ତ୍ତିକ ଚନ୍ଦ୍ର ବିଶ୍ୱାଳ, ନାରୀନେତ୍ରୀ ପ୍ରଜ୍ଞା ପରମିତା ବିଶ୍ୱାଳ, ସିପ୍ରାରେଖା ମହାପାତ୍ର, ଛାତ୍ର ନେତା ସମ୍ବିତ ପ୍ରସାଦ ରାଉତ,ଅସୀମ ରଞ୍ଜନ ଖୁଣ୍ଟିଆ, ସତ୍ୟବ୍ରତ ମାଝୀ, ସିଦ୍ଧାର୍ଥ ବେହେରା,ଯୁବ ନେତା ପ୍ରଭୁ ଜ୍ୟୋତି ମହାପାତ୍ର , ହରିହର ରାଉତ, ସାମ୍ବାଦିକ ରତିକାନ୍ତ ପାତ୍ର, ଆଶୁତୋଶ ମଲ୍ଲିକ ବ୍ୟକ୍ତବ୍ୟ ରଖିଥିବା ବେଳେ ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ । ପରିଶେଷରେ ପ୍ରତ୍ୟେକ ଦ୍ୱିତୀୟ ଏବଂ ଚତୁର୍ଥ ଶନିବାର ଅପରାହ୍ନ ଘ ୩.୦୦ ମିନିଟରେ ବୈଠକ ବସିବାକୁ ସିଦ୍ଧାନ୍ତ କରାଗଲା। ସହ ଆବାହକ ଅଧ୍ୟାପକ ଡ଼ ସଂଗ୍ରାମ କୁମାର ରାଉତ ବୈଠକର ସାରାଂଶ ବିବରଣୀ ପାଠ ପୂର୍ବକ ଧନ୍ୟବାଦ୍ ପ୍ରସ୍ତାବ ଆଗତ କରିଥିଲେ।

# ବିଧାୟକଙ୍କ ଦ୍ୱାରା ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ

ବାଲିଆପାଳ, ୧୧/୨ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ମଧୁପୁରା ପଞ୍ଚାୟତର ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧମରେ ଗ୍ରାମାଞ୍ଚଳ ଭିତ୍ତି ଭୂମିର ବିକାଶ କରିବା ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର ରବିବାର ରାବଣ ପୋଡି ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ନିତ୍ୟାନନ୍ଦ ସାହୁ, ବ୍ଲକ ଚେୟାରମେନ ରଞ୍ଜିତା ନାୟକ, ସ୍ଥାନୀୟ ଯୁବନେତା ରବିନ୍ଦ୍ର ନାଥ ଅଣ୍ଡିଆ, ମଧୁପୁରା ସରପଞ୍ଚ ଗୀତାରାଣୀ ମାହାନା, ସଦସ୍ୟ ସୁଶାନ୍ତ ସେଠି,ଦେଉଳା ସରପଞ୍ଚ ସରୋଜ ପିଲା, ବାଲିଆପାଳ ସରପଞ୍ଚ ପ୍ରତିନିଧି ହେମନ୍ତ ଦାସ କୁମ୍ଭାରି ସରପଞ୍ଚ ପ୍ରତିନିଧି ଜୟନାରାୟଣ ମହାପାତ୍ର, ବିଷ୍ଣୁପୁର ସରପଞ୍ଚ ମହେଶ୍ୱର ଜେନା,ଦେଉଳା ପଞ୍ଚାୟତର ବିଜେଡି ସଭାପତି ଅନନ୍ତ ବିଶ୍ୱାଳ ସମାଜସେବୀ ଶୁଶାନ୍ତ ଗିରି ପ୍ରମୁଖ ଯୋଗଦେଇ ନବୀନ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇଥିଲେ। ଏଥିସହିତ ଏଲ ଇଡି, ପାଲା ଗୀତ ମାଧ୍ୟମରେ ସରକାରଙ୍କ ଯୋଜନାରେ ସାମିଲ ହେବା ପାଇଁ କହିଥିଲେ । ଏଥିରେ ଅଙ୍ଗନବାଡ଼ି ସହାୟିକା ,ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସାମିଲ ହୋଇଥିଲେ। ଏହି ଅବସରରେ ବାଲିଆପାଳ ଗୋଷ୍ଠୀ ଉନ୍ନୟନ ସ୍ୱାସ୍ଥ୍ୟ କେନ୍ଦ୍ରର ଆଶା ଦିଦି ସ୍ୱର୍ଣ୍ଣ ଲତା ଗିରି ଦଶ ଜଣଙ୍କ ମଧ୍ୟରୁ ସିଙ୍ଗାପୁର ଯିବା ପାଇଁ ଚୟନ ହୋଇଥିବାରୁ ତାଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା ।ପିଇଓ ସୁଜୟ କୁମାର ସି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।


## ବିବେକାନନ୍ଦ ଶିକ୍ଷା କେନ୍ଦ୍ର

ନାମଲେଖା ଚାଲିଛି
ଡୁଙ୍ଗୁରା, ବାଲେଶ୍ୱର
Udise Code- 21080609504
ନାମଲେଖା ଚାଲିଛି

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଅଯାଉଅଛି କି, ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଡୁଙ୍ଗୁରା, ବାଲେଶ୍ୱରର ନାମ ଲେଖାଇବାକୁ ଇଚ୍ଛୁକ ଥିବା ଛାତ୍ରଛାତ୍ରୀମାନଙ୍କର ଅଭିଭାବକ ଅଭିଭାବିକାଙ୍କ ନିମନ୍ତେ ଶିକ୍ଷାଧିକାର ଆଇନ ୨୦୦୯ ଧାରା ୧୨ (ସି) ଅନୁଯାୟୀ ନିଃଶୁଳ୍କ ନାମଲେଖା ଶିକ୍ଷାବର୍ଷ ୨୦୨୪-୨୫ ପାଇଁ www.rteparadarshi.odisha.gov.in ପୋର୍ଟାଲ ମାଧ୍ୟମରେ ଆବେଦନ ଗ୍ରହଣ କରାଯାଉଅଛି। ସାମାଜିକ ଓ ଆର୍ଥିକ ଅନଗ୍ରସର (ଅନୁସୂଚିତ ଜାତି, ଜନଜାତି, ସାମାଜିକ ଓ ଶୈକ୍ଷିକ ଅନଗ୍ରସର, ଭିନ୍ନକ୍ଷମ, ଏଚଆଇଭି ଆକ୍ରାନ୍ତ ପିତାମାତାଙ୍କ ଶିଶୁ, ଶିଶୁ ଶ୍ରମିକ ଓ ପଥପ୍ରାପ୍ତ) ଶିଶୁମାନଙ୍କ ପାଇଁ ୨୫% ସ୍ଥାନ ସଂରକ୍ଷଣ ରହିଛି।

ପ୍ରଧାନ ଆଚାର୍ଯ୍ୟ
ବିବେକାନନ୍ଦ ଶିକ୍ଷା କେନ୍ଦ୍ର
ଡୁଙ୍ଗୁରା, ବାଲେଶ୍ୱର

ଯୋଗାଯୋଗ: ୮୬୫୮୮୧୧୪୦୩, ୭୩୭୭୦୭୮୦୭୬


# ଫ୍ଲୋର ଟେଷ୍ଟ ପୂର୍ବରୁ ପାର୍ଟି ମୁଡ୍‌ରେ ବିଧାୟକ: ତେଜସ୍ୱୀଙ୍କ ସହ ଗାଇଲେ ଗୀତ

ନୂଆଦିଲ୍ଲୀ, ୧୧/୨ : ଫ୍ଲୋର ଟେଷ୍ଟ ପୂର୍ବରୁ ଫୁଲ୍ ପାର୍ଟି ମୁଡ୍‌ରେ ନଜର ଆସିଲେ ଆରଜେଡି ବିଧାୟକ। ହାତରେ ଗିଟର ଧରି ଗାଇଲେ ଗୀତ। କେବଳ ସେ ନୁହେଁ ତାଙ୍କ ସହ ବିହାରର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ମଧ ତାଲ ଦେଇ ଗୀତ ଗାଇଛନ୍ତି। ବିଧାୟକ ୟୁସୁଫ କେସର ହାତରେ ଗୀଟାର ଧରି ବଜାଉ ଥିବା ବେଳେ ତେଜସ୍ୱୀ 'ନା ଛୋଡୋ ହମେ, ହମ୍ ସତାଏ ହୁଏ ହେଁ' ଗୀତ ଗାଉଥିବା ନଜର ଆସିଛନ୍ତି। ପୂରା ଘଟଣାର ଭିଡିଓ ସାମ୍ନାକୁ ଆସିଛି ଯାହା ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଆସନ୍ତାକାଲି ବିହାର ବିଧାନସଭାରେ ନୀତୀଶ କୁମାରଙ୍କ ହେବ ଶକ୍ତି ପରୀକ୍ଷା। କିନ୍ତୁ ଏହାପୂର୍ବରୁ ବିହାରରେ ରାଜନୈତିକ ଅସ୍ଥିରତା ଜାରି ରହିଛି। ଗୋଟିଏ ପଟେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଫ୍ଲୋର ଟେଷ୍ଟରେ ବିଜୟୀ ହେବା ନେଇ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସୀ ଥିବା ବେଳେ ବିରୋଧୀ ଶିବିରରେ ଜାରି ରହିଛି ହଲଚଲ। ପ୍ରଥମେ କଂଗ୍ରେସ ବିଧାୟକମାନଙ୍କୁ ହାଇଦ୍ରାବାଦ ପଠାଯାଇଥିଲା ଏବଂ ବର୍ତ୍ତମାନ ଆରଜେଡି ବିଧାୟକମାନଙ୍କୁ ତେଜସ୍ୱୀ ଯାଦବଙ୍କ ଘରେ ବ୍ୟାରିକେଡ୍ କରାଯାଇଛି। ଏହାରି ଭିତରେ ପାର୍ଟି ମୁଡ୍‌ରେ ନଜର ଆସିଛନ୍ତି ଆରଜେଡି ବିଧାୟକ ଓ ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ। ହାତରେ ଗିଟାର ଧରି ବିଧାୟକ ୟୁସୁଫ କେସର ନୁସରତ୍ ଫତେ ଅଲି ଖାନ୍‌ଙ୍କ ଗୀତ 'କାଲି କାଲି ଜୁଲ୍‌ଫେ' ଗାଉଥିବା ବେଳେ ତେଜସ୍ୱୀ ମଧ ଗୀତ ଗୁଣୁଗୁଣୁ ହେଉଛନ୍ତି। ସେପଟେ ପାଖରେ ବସିଥିବା ଅନ୍ୟ ବିଧାୟକମାନେ ତେଜସ୍ୱୀଙ୍କ ଗୀତ ଶୁଣି ମନ୍ତ୍ରମୁଗ୍ଧ ହୋଇପଡିଥିବା ଦେଖିବାକୁ ମିଳିଛି। ୨୪୩ ସଦସ୍ୟ ବିଶିଷ୍ଟ ବିହାର ବିଧାନସଭାରେ ଆରଜେଡିର ସର୍ବାଧିକ ୭୯ ବିଧାୟକ ଅଛନ୍ତି। ଆରଜେଡି ଜାତୀୟ ମୁଖପାତ୍ର ମନୋଜ ଝା ଶନିବାର ଦିନ କହିଛନ୍ତି ଯେ ସୋମବାର ଦିନ ଶାସକ ନ୍ୟାସନାଲ ଡେମୋକ୍ରାଟିକ୍ ଆଲାଏନ୍ସ (ଏନଡିଏ) ର ଆସ୍ଥା ଭୋଟ୍ ପର୍ଯ୍ୟନ୍ତ ଦଳର ସମସ୍ତ ବିଧାୟକ ତେଜସ୍ୱୀ ଯାଦବଙ୍କ ବାସଭବନରେ ରହିବେ। ବିଧାୟକମାନେ '୫ ଦେଶରନ୍ ମାର୍ଗ'ରେ ପହଞ୍ଚିବା ପରେ ଝା ଏହି ବିବୃତ୍ତି ଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀ ଥିବା ବେଳେ ତେଜସ୍ୱୀ ଯାଦବଙ୍କୁ ସରକାରୀ ବଙ୍ଗଳା ଆବଣ୍ଟିତ ହୋଇଥିଲା। ଉଲ୍ଲେଖଯୋଗ୍ୟ, ବିହାର ମୁଖ୍ୟମନ୍ତ୍ରୀ ତଥା ଜନତା ଦଳ-ୟୁନାଇଟେଡ୍ (ଜେଡିୟୁ) ଅଧ୍ୟକ୍ଷ ନୀତୀଶ କୁମାର ଆରଜେଡି ସହ ମେଣ୍ଟ ଭାଙ୍ଗି ଏନଡିଏରେ ଯୋଗଦେବା ପରେ ତେଜସ୍ୱୀ ଯାଦବ ଉପମୁଖ୍ୟମନ୍ତ୍ରୀ ପଦ ହରାଇଛନ୍ତି।

ସୋମବାର, ଫେବୃଆରୀ ୧୨, ୨୦୨୪

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ଜାମଶୂଳୀ କଲେଜ ପ୍ରଶାସନିକ ଭବନ ଉଦ୍‌ଘାଟିତ




ଲଙ୍ଗଳେଶ୍ୱର ୧୧/୨(ନିପ୍ର) : ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ମଣିଷ ତିଆରି କାରଖାନା, କାରଖାନାର ପ୍ରତ୍ୟେକ କର୍ମଚାରୀ ନୀତିବାନ ଓ ଚରିତ୍ରବାନ ହେଲେ ତା'ର ପ୍ରଭାବ ଛାତ୍ର ଛାତ୍ରୀଙ୍କ ଉପରେ ପଡେ। ଫଳରେ ଛାତ୍ର ଛାତ୍ରୀ ମାନେ ଦେଶ ଓ ସମାଜ ପାଇଁ କାର୍ଯ୍ୟ କରିଥାନ୍ତି ବୋଲି ରବିବାର ରାଜ୍ୟ ସଂସ୍କୃତି, ଭାଷା ,ସାହିତ୍ୟ, ସଂସ୍କୃତି ,ପର୍ଯ୍ୟଟନ ଓ ଅବକାରୀ ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଜାମଶୂଳୀ ସ୍ଥିତ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟର ନବ ନିର୍ମିତ ପ୍ରଶାସନିକ ଭବନକୁ ଉଦଘାଟନ କରି ଉପରୋକ୍ତ ମତ ବ୍ୟକ୍ତ କରିଛନ୍ତି। କଲେଜ ଉନ୍ନୟନ ବିଭାଗ ଅର୍ଥରେ ନିର୍ମିତ ଏହି ଭବନ ରେ ଅଧକ୍ଷଙ୍କ ପ୍ରକୋଷ୍ଠ ସହିତ ପରୀକ୍ଷା ନିୟନ୍ତ୍ରଣ କକ୍ଷ, ଅର୍ଥ ଓ ପ୍ରଶାସନିକ ସେକ୍ସନ, ଅଧ୍ୟାପକଙ୍କ କକ୍ଷ ଆଦି କକ୍ଷ ରହିଛି। ଏହି ଉଦଘାଟନ ଉତ୍ସବରେ କଲେଜ ଅଧକ୍ଷ ପ୍ରାଧ୍ୟାପକ ଉମେଶ ଚନ୍ଦ୍ର ପ୍ରଧାନ, ପରିଚାଳନା କମିଟି ସଭାପତି ସୃଷ୍ଟିଧର ପାତ୍ର, ବରିଷ୍ଠ ସଭ୍ୟ ଭଜହରି ପରିଡ଼ା, ଗୌରାଙ୍ଗ କୁମାର ବିଶ୍ୱାଳ, ନାରାୟଣ ପ୍ରଧାନ, ପ୍ରାଧ୍ୟାପକ ଦିବ୍ୟ ଇନ୍ଦୁ ଗିରି, ଦେବବ୍ରତ ଦାସ, ପ୍ରାଧ୍ୟାପିକା ଲିପିକା ଜାନା , ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ପ୍ରଭାତ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତି ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଅଧ୍ୟାପକ ଡଃ ସୁକାନ୍ତ କୁମାର ଗିରି, ପରମାନନ୍ଦ ମହାନ୍ତି, ଦେବେନ୍ଦ୍ର ନାଥ ସେଠୀ, ତାପସ ତନୟ ନନ୍ଦୀ, ଅଜିତ କୁମାର ଭୂୟାଁ, ନଗେନ୍ଦ୍ର ନାଥ ପାତ୍ର, ବଙ୍କିମ ଚନ୍ଦ୍ର ମୈକାପ, ଶିବ ପ୍ରସାଦ ଦାସ,ସୁରେଶ ଚନ୍ଦ୍ର ନାୟକ, ଅଧ୍ୟାପିକା ତନୁଶ୍ରୀ ନାୟକ, ମିତା ରାଣୀ ଜେନା, ସଞ୍ଜୟ କୁମାର ଦେ, ଶ୍ରୀକାନ୍ତ ମହାପାତ୍ର, ପ୍ରମଥ ମାନ୍ନା, ବଂଶୀଧର ନାୟକ, ଦେବେନ୍ଦ୍ର ନାଥ ଘୋଷ ପ୍ରମୁଖ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ପ୍ରାଧ୍ୟାପିକା ଲିପିକା ଜାନା ଧନ୍ୟବାଦ ଅର୍ପଣ କରିଥିଲେ।

## ନରହରିପୁର ରୂପକ ମୁନି ଯୋଗାଶ୍ରମରେ ଆଧ୍ୟାତ୍ମିକ ଓ ସାରସ୍ୱତ ବାର୍ଷିକ ଉତ୍ସବ



ନୀଳଗିରି , ୧୧/୨ (ନି.ପ୍ର): ନରହରିପୁର ଠାରେ ଗତ ୮ତାରିଖ ଠାରୁ ୧୦ତାରିଖ ପର୍ଯ୍ୟନ୍ତ ତିନି ଦିନ ବ୍ୟାପୀ ପତଞ୍ଜଳି ଯୋଗ ଦର୍ଶନ ଆବାସିକ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ମୁନିସମାଜର ପ୍ରାୟ ପଚାଶ ଜଣ ସଭ୍ୟସଭ୍ୟା ଉପସ୍ଥିତ ରହିଥିଲେ। ଯୋଗୀ ନୃସିଂହ ମୁନି ଯୋଗ ଶିକ୍ଷା ଦେଇ ଶିବିରକୁ ପରିଚାଳନା କରିଥିଲେ। ୮ ତାରିଖ ସକାଳ ୮ ଘଟିକା ସମୟରେ ନୃସିଂହ ମୁନି ଅନୁଷ୍ଠାନର ସତ୍ୟ ପତାକା ଉତ୍ତୋଳନ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଗୋପୀନାଥ ଗନ୍ତାୟତ ଓ ସରସ୍ୱତୀ ଗନ୍ତାୟତ ଶିବିରକୁ ଦିଗଦର୍ଶନ ଦେଇଥିଲେ। ମୁନିମତୀ ଉର୍ମିଳତା ପରିଡ଼ା ପତାକା ସଂଗୀତ ଗାନ କରିଥିଲେ। ଉତ୍ସବର ଚତୁର୍ଥ ଦିନ ୧୧ ତାରିଖରେ ଦିବସ ବ୍ୟାପୀ ମୁନିସମାଜ ଓ ରୂପକ ସ୍ମୃତି ଶିଶୁ ସାହିତ୍ୟ ସଂସଦର ସାରସ୍ୱତ ଉତ୍ସବ, କବିତା ପାଠ, ଆଲୋଚନା ଚକ୍ର ଓ ସମ୍ବର୍ଦ୍ଧନା ପର୍ବର ଆୟୋଜନ ହୋଇଥିଲା। ଏହି ଅବସରରେ ତ୍ରୈମାସିକ ଶିଶୁ ପତ୍ରିକା 'ରୁପା କଣ୍ଢେଇ' ଲୋକାର୍ପିତ ହୋଇଥିଲା। ଆଧ୍ୟାତ୍ମିକ ପର୍ବରେ ଯୋଗୀ ନୃସିଂହ ମୁନି ପୌରୋହିତ୍ୟ କରିଥିଲେ ଓ ଯୋଗୀ କୁଳମଣି ମୁନି ମୁଖ୍ୟ ଅତିଥି, ଯୋଗୀ ବ୍ରଜକିଶୋର ମୁନି ମୁଖ୍ୟ ବକ୍ତା ଆସନ ଅଳଙ୍କୃତ କରିଥିଲେ। ସାରସ୍ୱତ ପର୍ବରେ ଚେତନା ସାହିତ୍ୟ ସଂସଦର ସଂପାଦକ କବି ଓ ବାଗ୍ମୀ ଶରତ ଚନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିଲେ। ମାତାପିତା ସାହିତ୍ୟ ସଂସଦର ପ୍ରତିଷ୍ଠାତା କବି ଲୋଚନ ବେହେରା ମୁଖ୍ୟ ଅତିଥି, ରତ୍ନାକର ଟାଉନ୍ ହାଇସ୍କୁଲର ପ୍ରଧାନଶିକ୍ଷକ ବିନୋଦ ବିହାରୀ ପଣ୍ଡା ମୁଖ୍ୟ ବକ୍ତା, ସୁସାହିତ୍ୟିକା ସୁଭାଷିନୀ ଜୀ ସମ୍ମାନିତ ଅତିଥି, କବି ଶ୍ରୀନିବାସ ପତି ସମ୍ମାନିତ ବକ୍ତା ଭାବେ ଯୋଗଦେଇ ସାହିତ୍ୟ ସଂପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ନୀଳଗିରିର ସୁପ୍ରତିଷ୍ଠିତ ସାମ୍ବାଦିକ ତଥା ଫିଚର୍ ଲେଖକ ଅତୁଲ କୁମାର ସଙ୍କୁ ରୂପକ ସ୍ମୃତି ସାମ୍ବାଦିକତା ସମ୍ମାନ-୨୦୨୪ ଓ କବି ପ୍ରଭାକର ସାହୁଙ୍କୁ ରୂପକ ସ୍ମୃତି ସାହିତ୍ୟ ସମ୍ମାନ-୨୦୨୪ ପ୍ରଦାନ ପୂର୍ବକ ସେମାନଙ୍କୁ ଅନୁଷ୍ଠାନ ତରଫରୁ ମାନପତ୍ର ଓ ଉପଢୌକନ ଅର୍ପଣ କରାଯାଇଥିଲା। ସାମ୍ବାଦିକ ଅତୁଲ କୁମାର ସ ସାହିତ୍ୟର ଏ ଅଭିଯାତ୍ରା ସଂପର୍କରେ ଆପଣାର ପ୍ରାଜ୍ଞ ଚେତନାର ଅବତାରଣା କରିଥିଲେ। କବି ଇନ୍ଦ୍ରମଣି ବିନ୍ଧାଣି ଓ ଶ୍ରୀନିବାସ ପତିଙ୍କ ସଂଯୋଜନାରେ ପ୍ରାୟ ପଚାଶ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। ସେମାନଙ୍କୁ ଅନୁଷ୍ଠାନ ତରଫରୁ ରୁପାକଣ୍ଢେଇ ପତ୍ରିକା ଓ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ସାହିତ୍ୟ ସଂସଦର ସଂପାଦକ ଡକ୍ଟର ଅମରେନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ଅଞ୍ଜନ କୁମାର ମଲ୍ଲିକ, ଶୋଭାରାଣୀ ଦାସ, ରୁପାଲି ଦାସ, ରାଜେନ୍ଦ୍ର ପାତ୍ର, ରଞ୍ଜନ କୁମାର ବେହେରା, ଚକ୍ରଧର ଦାସ, ଗୌର ନିତାଇ ମଲ୍ଲିକ, ତ୍ରିଲୋଚନ ବେହେରା, ସଂଗ୍ରାମ କେଶରୀ ବିଶ୍ୱାଳ ଏବଂ ଅନ୍ୟମାନେ କବିତା ପାଠ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଗୋପୀନାଥ ଗନ୍ତାୟତ ଓ ସରସ୍ୱତୀ ଗନ୍ତାୟତ ସମସ୍ତ କାର୍ଯ୍ୟକୁ ସୁଚାରୁରୂପେ ସଞ୍ଚାଳନ କରିଥିଲେ ।

## ରାଇବଣିଆ ମହୋତ୍ସବର ୪ର୍ଥ ସଂଧ୍ୟା



ଜଳେଶ୍ୱର , ୧୧/୨ (ନି.ପ୍ର): ଜଳେଶ୍ୱର ବ୍ଲକର ରାଇବଣିଆସ୍ଥିତ ହେଲିପେଡ ପଡିଆରେ ଚାଲିଥିବା ରାଇବଣିଆ ମହୋତ୍ସବର ୪ର୍ଥ ସଂଧ୍ୟାରେ ଅନୁଷ୍ଠିତ ସଭାରେ ଗବେଷକ ତଥା ପ୍ରାକ୍ତନ ଅଧ୍ୟକ୍ଷ ଡ. ଶ୍ରୀକାନ୍ତ ପାତ୍ର ସଭାପତିତ୍ୱ କରି ଗଡର ସୁରକ୍ଷା ସଂପର୍କରେ ସୂଚନା ଦେଇଥିଲେ । ମୁଖ୍ୟ ଅତିଥିଭାବେ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱନୀ ପାତ୍ର ଯୋଗଦେଇ ରାଇବଣିଆ ମହୋତ୍ସବ ଉପାନ୍ତ ପଶ୍ଚିମବଂଗ ଓ ଓଡିଶା ବାସୀଙ୍କ ମଧ୍ୟରେ ଭାଇଚାରାର ସେତୁ ସୃଷ୍ଟି କରିଥିବା କହିଥିଲେ । ସଂସ୍କୃତି ବିଭାଗ ପକ୍ଷରୁ ଏହି ମହୋତ୍ସବକୁ ୫ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଥିବା ସଂପର୍କରେ ସୂଚନା ଦେଇଥିଲେ । ମୁଖ୍ୟବକ୍ତାଭାବେ ପ୍ରାକ୍ତନ ଅଧ୍ୟାପକ ସତ୍ୟମୟୀ ଆଚାର୍ଯ୍ୟ, ସମ୍ମାନିତ ଅତିଥିଭାବେ ଜିଲା ଓଷ୍ଟା ସଭାପତି ମନୋରଂଜନ ଦାସ, ଯାତ୍ରାକଳାକାର ଦୁର୍ଗଚରଣ ଭୂୟାଁ ଯୋଗ ଦେଇ ରାଇବଣିଆ ମହୋତ୍ସବ କେବଳ ମନୋରଞ୍ଜନ ସର୍ବସ୍ୱ ନୁହେଁ ବରଂ ଉପାନ୍ତ ଅଂଚଳର ଉଙ୍କାୟୀତ ପ୍ରତିଭାକୁ ଆଗକୁ ଆଣିବାରେ ସହାୟକ ହେଉଛି ବୋଲି କହିଥିଲେ। ବିଦ୍ୟାଳୟ ସ୍ତରୀୟ ଚିତ୍ରାଙ୍କନ, କୁଇଜ୍, ମ୍ୟୁଜିକ୍ ଚେୟାର, ନାଚ ଓ ଗୀତ ପ୍ରତିଯୋଗୀତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଅନନ୍ତ ମହାନ୍ତି, କୁଂଜବିହାରୀ ଗିରି, ସୁକାନ୍ତ କୁଇଲା, ନିଗମାନନ୍ଦ ଘୋଷ ପ୍ରମୁଖ ପରିଚାଳନା କରିଥିଲେ । ପରେ ପରେ ସନେ ଅଭିନେତ୍ରୀ ଶ୍ରାବଣୀ ନାୟକଙ୍କ ଅଭିନୟରେ ଝୁମିଥିଲେ ।

## ଟିବି.ଡବ୍ଲୁ ଦ୍ୱାରା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଜମ୍ବୋ ଫୋନ କ୍ୟାମ୍ପ



ବଡ଼ସାହି, ୧୧/୨ (ନି.ପ୍ର): ବଡ଼ସାହି ବ୍ଲକ ଅନ୍ତର୍ଗତ ଶାଳଗାଁ ଉଚ୍ଚ ବିଦ୍ୟାଳୟରେ ଟି.ବି.ଡବ୍ଲୁ ଦ୍ୱାରା ଜମ୍ବୋ ଫୋନ କ୍ୟାମ୍ପ ଦ୍ୱାରା କୁଇଜ , ଇଂରାଜୀ ଓ ଓଡିଆରେ ପ୍ରବନ୍ଧ ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା । ଟି.ବି.ଡବ୍ଲୁର ବାଣିଜ୍ୟିକ ପରିଚାଳକ ରବିନ୍ଦ୍ର ଗାଆଣ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ମ୍ୟାନେଜର ଅନନ୍ତ ଚରଣ ସାହୁ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ସନ୍ତୋଷ କୁମାର ବେହେରା , ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଶାଳଗାଁ , ମୁଖ୍ୟବକ୍ତା ଜଗନ୍ନାଥ ମିଶ୍ର ସି.ଆର୍.ସି. ଜଡିଦା କ୍ଲୋଷ୍ଟର୍ , ସମ୍ମାନୀୟ ଅତିଥି ବିଷ୍ଣୁ ଚରଣ ସାହୁ , ଡୋଫୋନ ମହାଳିକ, ରୀତାମଣି ଦେ, ସଞ୍ଜରାଣୀ ସିଂ, ସୁରେନ୍ଦ୍ର କୁମାର ରାହୁଳ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କର ଶିକ୍ଷା ଓ କୃତିତ୍ୱର ବିକାଶ ହେବା ସହିତ କଠିନ ପରିଶ୍ରମ କଲେ ଆଗାମୀ ଦିନରେ ଜଣେ ଆଦର୍ଶ ଛାତ୍ରଛାତ୍ରୀ ହୋଇ ଦେଶର ବିକାଶରେ ସହଯୋଗ କରି ପାରିବେ । ଶାଳଗାଁ , ସୋରିଷ କୋଠା , ଖଣ୍ଡଦେଉଳା , ଦେଓପଡ଼ା , ନାଖରା , ନୁଣୁକୁଆ , ନରଣଗାଁ ବିଦ୍ୟାଳୟର ମୋଟ ୩୨୦ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ସର୍ବଶେଷରେ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ସହ ପ୍ରମାଣ ପତ୍ର ପ୍ରଦାନ କରିବା ସହିତ ସମସ୍ତ ଶିକ୍ଷକ ଓ ଶିକ୍ଷିକା ମାନଙ୍କୁ ସମ୍ମାନିତ କରିଥିଲେ । ଟି.ବି.ଡବ୍ଲୁର ଏଭଳି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିବ ସହିତ ଆଗାମୀ ଦିନରେ ଏଭଳି କାର୍ଯ୍ୟକ୍ରମକୁ କରିବା ପାଇଁ ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ , ଶିକ୍ଷକ ଶିକ୍ଷିକା ଓ ଅଭିଭାବକମାନେ ଅନୁରୋଧ କରିଥିଲେ । ଏଥିରେ ସମସ୍ତ ବିଦ୍ୟାଳୟର ଶିକ୍ଷକଶିକ୍ଷିକା ସହଯୋଗ କରିଥିଲେ । ସର୍ବଶେଷରେ ସମିର ବାରିକ ଟି.ବି.ଡବ୍ଲୁର ଆଞ୍ଚଳିକ ପରିଚାଳକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମିଥୁନ ଚକ୍ରବର୍ତ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର

କୋଲକାତା, ୧୧/୨ (ନି.ପ୍ର): ବଲିଉଡ୍ ର ପ୍ରଖ୍ୟାତ ଅଭିନେତା ତଥା ଭାଜପା ନେତା ମିଥୁନ ଚକ୍ରବର୍ତିଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି । ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ପରିଲକ୍ଷିତ ହେଉଛି । ଶନିବାର ସୁଟିଂ ସମୟରେ ମିଥୁନ ଚକ୍ରବର୍ତିଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ବିଗିଡି ଯାଇଥିଲା । ହଠାତ୍ ସେ ମଥାରେ ଯନ୍ତ୍ରଣା ଅନୁଭବ କରିଥିଲେ । ତାଙ୍କୁ ତୁରନ୍ତ କୋଲକାତାର ଆପୋଲୋ ହସ୍ପିଟାଲରେ ଭର୍ତି କରାଯାଇଥିଲା । ହସ୍ପିଟାଲ ପକ୍ଷରୁ ରବିବାର ଜାରି ହୋଇଥିବା ହେଲଥ୍ ବୁଲେଟିନ୍ ରେ କୁହାଯାଇଛି ଯେ, ମୁଣ୍ଡରେ ସେ ଆଉ ଯନ୍ତ୍ରଣା ଅନୁଭବ କରୁନାହାଁନ୍ତି । ଗତକାଲି ମେଡିକାଲରେ ପ୍ରଥମେ ତାଙ୍କର ଏମଆରଆଇ କରାଯାଇଥିଲା । ଏହି ରିପୋର୍ଟରୁ ତଥା ଏମଆରଆଇରେ ଇସ୍କେମିକ ସେରେବ୍ରୋବାସ୍କୁଲର ବ୍ଲକେଜ୍ ର ଲକ୍ଷଣ ରହିଥିବା ନେଇ ସଂକେତ ମିଳିଛି । ତାଙ୍କୁ ଚିକିତ୍ସା କରୁଥିବା ମେଡିକାଲ ଟିମ୍ ରେ ଏରୋମେଡିସିନ ବିଶେଷଜ୍ଞ, ହୃଦ୍ ରୋଗ ବିଶେଷଜ୍ଞ, ଏବଂ ଗ୍ୟାଷ୍ଟ୍ରୋଏଂଟେରୋଲଜିଷ୍ଟ ସାମିଲ୍ ଅଛନ୍ତି ।

## ବସ୍ତା ବାଲିଆପାଳ କ୍ରିକେଟ୍ ମହାସଂଗ୍ରାମ ଉଦ୍‌ଘାଟିତ

### ଅଭିନେତ୍ରୀ ଶିବାନୀ ସଂଗୀତାଙ୍କ ନୃତ୍ୟରେ ଝୁମିଲେ ଯୁବ ବର୍ଗ




ଲଙ୍ଗଳେଶ୍ୱର , ୧୧/୨ (ନି.ପ୍ର): ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱର ସ୍ଥିତ କାଳୀଝାଟି ପଡିଆରେ ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନାଙ୍କ ପକ୍ଷରୁ ବସ୍ତା ବାଲିଆପାଳ କ୍ରିକେଟ୍ ମହାସଂଗ୍ରାମ -୨୦୨୪ ଆଜି ଅପରାହ୍ନରେ ଉଦଘାଟିତ ହୋଇଯାଇଛି । ୧୧ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ବସ୍ତା ବାଲିଆପାଳ କ୍ରିକେଟ୍ ମହାସଂଗ୍ରାମରେ ଏକ କାଳୀନ ତିନୋଟି ସ୍ଥାନ ଲଙ୍ଗଳେଶ୍ୱର କାଳୀଝାଟି ପଡିଆ,ରତେଇ ଖେଳ ପଡିଆ ଏବଂ ବସ୍ତା ମିନି ଷ୍ଟାଡିୟମ୍ ଠାରେ ଖେଳ ଅନୁଷ୍ଠିତ ହେଉଛି ।ଆଜି ଏହି ମର୍ମରେ ମଶାଲ ଜଳାଇ ଏହି ଖେଳକୁ ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର କୁମାର ଜେନା, ଆୟୋଜିକ ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା,ଅଭିନେତ୍ରୀ ଶିବାନୀ ସଂଗୀତା ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଏହି ଖେଳ ୬ ଓଭର ଲେଖାଏଁ ଖେଳାଯିବ ।ଏହି ମହାସଂଗ୍ରାମର ବିଜେତାକୁ ୫୦ ହଜାର ଟଙ୍କାର ଅର୍ଥରାଶି ପୁରସ୍କାର ପ୍ରଦାନ କରାଯିବ ।ବସ୍ତା ଏବଂ ବାଲିଆପାଳ ଅଂଚଳର ଯୁବ ପ୍ରତିଭାର ଦକ୍ଷତା ବିକାଶ ପାଇଁ ଏହି କ୍ରିକେଟ୍ ମହାସଂଗ୍ରାମ ଆୟୋଜନ କରାଯାଇଥିବା ଆୟୋଜିକା ସୁବାସିନୀ ଜେନା କହିଛନ୍ତି । ରାଜ୍ୟ ସରକାର ଖେଳକୁ ଅଧିକ ପ୍ରାଧାନ୍ୟ ଦେଉଥିବାରୁ ଖେଳକୁ ଗ୍ରାମାଞ୍ଚଳରେ ଏହିଭଳି ଆୟୋଜନ କରାଯାଉଅଛି । ଆଜିର ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତରୁ ସରପଞ୍ଚ ,ସମିତି ସଦସ୍ୟ,ପଞ୍ଚାୟତ ସଭାପତି,ବସ୍ତା ଏବଂ ବାଲିଆପାଳର ନେତୃବୃନ୍ଦ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଲଙ୍ଗଳେଶ୍ୱର ହରପାର୍ବତୀ ଯୁବକ ସଂଘର ସଦସ୍ୟମାନେ ପରିଚାଳନା କରିଥିଲେ । ଅଭିନେତ୍ରୀ ଶିବାନୀ ସଂଗୀତାଙ୍କ ନୃତ୍ୟରେ ବେଶ୍ କିଛି ସମୟ ଧରି ଯୁବବର୍ଗ ଝୁମିଥିଲେ । ବିଭିନ୍ନ ଟ୍ରଫିକୁ ଆୟୋଜକ ଶ୍ରୀମତୀ ଜେନା ଏବଂ ଅଭିନେତ୍ରୀ ଶିବାନୀ ଉନ୍ମୋଚନ କରିଥିଲେ ।

## ଗବେଷକ ଇଂ.ନୟାଧରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ଉତ୍ସବ



ଉଦଳା , ୧୧/୨ (ନି.ପ୍ର): ବିଗତ କରୋନା କାଳରୁ 'କାଇ' ଉପରେ ଗବେଷଣା ଚଳାଇ ଆସୁଥିବା ଇଂ. ନୟାଧର ପଢ଼ିଆଳଙ୍କୁ ଆଜି ଫେବୃଆରୀ ୧୧ ତାରିଖ ରବିବାର ଦିନ ଉଦଳା ଠାରେ ସମ୍ବର୍ଦ୍ଧନା ପ୍ରଦାନର ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଯୁବ ବାଥୁଡ଼ି ସମାଜ , ଉଦଳା ତରଫରୁ ଆଜିର ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ଡ଼ା. ଭାଗବତ ବେହେରା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ସହ କାଇ ଚଟଣୀରେ ରୋଗ ପ୍ରତିରୋଧକ ଶକ୍ତି ରହିଛି, ଏହାକୁ ଔଷଧ ଭାବରେ ବ୍ୟବହାର କରାଯାଇ ପାରିବ, ତେବେ କରୋନା ପାଇଁ ଏହା ଔଷଧର ମାନ୍ୟତା ପାଇବାକୁ ହେଲେ ଆହୁରି ଅଧିକ ଗବେଷଣାର ଆବଶ୍ୟତା ରହିଛି ବୋଲି ବ୍ୟକ୍ତ କରିଥିଲେ । ଇଂ. ନୟାଧର ପଢ଼ିଆଳ କାର୍ଯ୍ୟକ୍ରମରେ ଅଧକ୍ଷତା କରି ବିଗତ କରୋନା ସମୟରେ କାଇ ଚଟଣି ଉପରେ କିପରି ଗବେଷଣା ଆରମ୍ଭ କରିଥିଲେ ଓ ଏ ବାବଦରେ ବାରମ୍ବାର ଓଡ଼ିଶାର ମୁଖ୍ୟମନ୍ତ୍ରୀ, ଭାରତର ପ୍ରଧାନମନ୍ତ୍ରୀ ଓ ମହାମହିମ ରାଷ୍ଟ୍ରପତିଙ୍କ ନିକଟକୁ ଚିଠି ଲେଖିଥିଲେ, ପରେ ଓଡ଼ିଶାର ହାଇକୋର୍ଟ ଓ ଭାରତର ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ ଏହାର ବିସ୍ତୃତ ଇତିହାସ ବର୍ଣ୍ଣନା କରିଥିଲେ । ଶେଷରେ ଏହା ଜିଆଇ ଟ୍ୟାଗର ମାନ୍ୟତା ପାଇଲା ବୋଲି ଅବଗତ କରାଇଥିଲେ। ଗଣମାଧ୍ୟମରେ ଏହି ଖବର ବହୁଳ ଭାବରେ ପ୍ରଚାରିତ ହେବାଫଳରେ ଆଜି ସମଗ୍ର ପୃଥିବୀରେ କାଇ ଚଟଣୀ ଉପରେ ଗବେଷଣା ଆରମ୍ଭ ହୋଇଥିବାର ଜଣାଯାଇଛଇ ବୋଲି ସେ କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମେଣ୍ଢାଖାଇ ଉନ୍ନୟନ ପରିଷଦର ସଭାପତି ଯଜ୍ଞନାରାୟଣ ମହାନ୍ତି, ସମ୍ପାଦକ ଅଶୋକ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ରୋହିଦାସ ସୋରେନ ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ ଗିରି, ରୁପେଶ ଗିରି, ଚଳଚିତ୍ର ଅଭିନେତା ସୀମାନ୍ତ ତ୍ରୀପାଠୀ, ସାରସ୍ୱତ ସାଧକ ଡ଼.ରାଜକିଶୋର ନାୟକ ପ୍ରମୁଖ ମଂଚାସୀନ ଅତିଥି ଭାବରେ ଯୋଗ ଦେଇଥିଲେ । ବରିଷ୍ଠ ନାଗରିକ ସୁରେଶ ଦାସ ମଂଚ ପରିଚାଳନର ଦାୟିତ୍ୱ ତୁଲାଇଥିବା ବେଳେ ଯୁବ ବାଥୁଡ଼ି ସମାଜର ସଂପାଦକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରେମ ସପ୍ତାହରେ ଆଧୁନିକ ଆଲବମ ଉନ୍ମୋଚିତ



ଭୁବନେଶ୍ୱର, ୧୧/୨ (ନି.ପ୍ର): ସୁଧା ଅଫିସିଆଲ ମିଉଜିକ ପ୍ରଯୋଜିତ ଆଧୁନିକ ଆଲବମ ' ମନେନାହିଁ ମୋର ତମ ସହରରେ ' ରବିବାର ସନ୍ଧ୍ୟାରେ ଏକାମ୍ର ହାଟରେ ଉନ୍ମୋଚିତ ହୋଇଯାଇଛି । ଡ. ରଜନୀରଞ୍ଜନଙ୍କ ଗୀତକୁ ନେଇ ସ୍ୱରରେ ସଜେଇଛନ୍ତି ଯୁବ ସଂଗୀତ ନିର୍ଦ୍ଦେଶକ ସ୍ୱସ୍ତିକ ପାଢ଼ୀ । ଏଥିରେ କଣ୍ଠଦାନ କରିଛନ୍ତି ସୁଧାଂଶୁବାଳା ସାହୁ । ଏହି ଅବସରରେ ଆୟୋଜିତ ଏକ ନିରାଡ଼ମ୍ବର ସଭାରେ ଡ. ଅଜୟ ସ୍ୱାଇଁ, ଡ. ରାଜନୀରଞ୍ଜନ, ସଂଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀ, ଯଜ୍ଞ ଦାସ, ଡ. ମାଧବ ବେହୁରା, ଅଭିନେତା ବବି ମିଶ୍ର, ନିର୍ଦ୍ଦେଶକ ଶୈଳେନ୍ଦ୍ର ମିଶ୍ର, ଅଧ୍ୟାପକ ଆଲୋକ ଷଡ଼ଙ୍ଗୀ, ଓ ଡ. ଶ୍ରୀକାନ୍ତ କୁମାର ବାରିକ ପ୍ରମୁଖ ଉନନ୍ମୋଚନ କରିଥିଲେ । ପ୍ରେମ ସପ୍ତାହରେ ଏହି ଆଲବମଟି ଯୁବବର୍ଗଙ୍କୁ ଅମୋଦିତ କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।

## ସରକାରଙ୍କ ଭତ୍ତା ବୃଦ୍ଧି ସମୁଦ୍ରକୁ ଶଙ୍ଖେ : ସିପିଆଇ(ଏମ୍)

ଜଳେଶ୍ୱର , ୧୧/୨ (ନି.ପ୍ର): ନିକଟରେ ସରକାର ବାର୍ଦ୍ଧକ୍ୟଭତ୍ତା ୫୦୦ ଟଙ୍କାରୁ ୧୦୦୦ଟଙ୍କାକୁ ବୃଦ୍ଧି କରିଛନ୍ତି । ଦୀର୍ଘଦିନ ଧରି ସିପିଆଇ(ଏମ୍) ଏହି ଭତ୍ତା ୩୦୦୦ ଟଙ୍କାକୁ ବୃଦ୍ଧି ନିମନ୍ତେ ଦାବି କରି ଆସୁଥିଲା । ସରକାରଙ୍କ ଭତ୍ତା ବୃଦ୍ଧି ସମୁଦ୍ରକୁ ଶଙ୍ଖେ ବୋଲି ଜଳେଶ୍ୱରସ୍ଥିତ ପାର୍ଟି କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି । ନିର୍ବାଚନକୁ ଆଖି ଆଗରେ ରଖି ଲୋକଙ୍କୁ ଲଲିପପ୍ ଦିଆଯାଉଥିବାରୁ ଏହା ବିରୋଧରେ ପୂର୍ବପରି ଆସନ୍ତା ଦିନରେ ସିପିଆଇ(ଏମ୍) ତାର ଧାରଣା, ବିକ୍ଷୋଭ ଜାରୀ ରଖିବ ବୋଲି ଚେତାବନୀ ଦେଇଛି । ୨୧ ଦଫା ଦାବିରେ ଆସନ୍ତା ୧୬ ତାରିଖରେ ହେବାକୁ ଥିବା ଭାରତବନ୍ଦକୁ ସଫଳ କରିବାକୁ ଆହ୍ୱାନ ଦିଆଯାଇଥିଲା । ଦିଲ୍ଲିପ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶିଶିର ହୁଇ, ଦିଲ୍ଲିପ ପରିଡା, ପଲ୍ଟୁ ଦାସ, ଜୀବନ ପରିଡା, ରବିନ୍ଦ୍ର ବାରିକ, ରାଜକୁମାର ଆଚାର୍ଯ୍ୟ, ସବିତା ଭୂୟାଁ, ପ୍ରମୁଖ ଉପସ୍ଥିତ ଥିଲେ ।

## କିଡ଼ସ ମସ୍ତି କାଫେର ବାର୍ଷିକ ଉତ୍ସବ ଅନୁଷ୍ଠିତ



ବାରିପଦା, ୧୧/୨ (ନି.ପ୍ର): ବାରିପଦା କାଳୀମନ୍ଦିର ସାହି ସ୍ଥିତ କିଡ଼ସ ମସ୍ତି କାଫେ ର ବାର୍ଷିକ ଉତ୍ସବ ସହିଦ ସ୍ମୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନ ର ଚେୟାରମ୍ୟାନ ଶଶାଙ୍କ କୁମାର ଦଣ୍ଡପାଟ ଙ୍କ ସଭାପତିତ୍ୱ ରେ ଓ ଉପଦେଷ୍ଟା ହରିପ୍ରଶକ୍ଷଦ ବାରିକଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ର ସହକାରୀ ପ୍ରଫେସର ଡକ୍ଟର ସରୋଜ ନାୟକ, ମୁଖ୍ୟ ବକ୍ତା ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟ, କଣ୍ଟାପାଳ ର ପ୍ରଧାନ ଶିକ୍ଷକ ଅମିତାଭ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ଡା. ଚିତ୍ତରଞ୍ଜନ ଗିରି, ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ କୃତି ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଅନୁଷ୍ଠାନ ର ଅଧକ୍ଷା ରିତାରାଣୀ ବାରିକ, କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଛାତ୍ର ଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପାରିବେଶୀତ ହୋଇଥିଲା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo